# ସାହିତ୍ୟକୁସୁମ

## ପଞ୍ଚମଶ୍ରେଣୀ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ସାହିତ୍ୟକୁସୁମ

## ପଞ୍ଚମଶ୍ରେଣୀ


### ସଂପାଦକମଣ୍ଡଳୀ

ଡ. ଚକ୍ରଧର ବିଶ୍ୱାଳ

ଡ. ବିଜୟାନନ୍ଦ ସିଂହ

ସୁଶ୍ରୀ ବିଦ୍ୟୁଲ୍ଲତା ମିଶ୍ର

ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

### ସମୀକ୍ଷକ ମଣ୍ଡଳୀ:

ଡ. କୈଳାସଚନ୍ଦ୍ର ଟିକାୟତରାୟ

ଡ. ରାମଚନ୍ଦ୍ର ନାୟକ

ଶ୍ରୀ ସୁବାସ ଚନ୍ଦ୍ର ମିଶ୍ର

### ସଂଯୋଜନା

ଡ. ପ୍ରୀତିଲତା ଜେନା

ଡ. ତିଲୋତ୍ତମା ସେନାପତି

ଡ. ସବିତା ସାହୁ



**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :**


ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

* ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
* ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
* ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
* ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସମ୍ବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର (ପଦ୍ୟ) | ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ | ୧ |
| ୨. | ଉପଯୁକ୍ତ ବେଶ ପକାଇ ଆସ | ମନୋଜ ଦାସ | ୭ |
| ୩. | ଶୃଙ୍ଖଳା ପତ୍ରର କଥା | ନନ୍ଦ କିଶୋର ସିଂହ | ୧୫ |
| ୪. | ନୂଆଖାଇ | ବିପିନବିହାରୀ ବିଶି | ୨୩ |
| ୫. | ଫୁଲ (ପଦ୍ୟ) | ପଣ୍ଡିତ ମୃତ୍ୟୁଞ୍ଜୟ ରଥ | ୩୧ |
| ୬. | ମାନିଆରୁ ମାଡାମ କ୍ୟୁରୀ | ଶୈଳେଶ ଚନ୍ଦ୍ର ପଟ୍ଟନାୟକ | ୩୭ |
| ୭. | ଜାପାନ ଅନୁଭୂତି | ସନାତନ ପଣ୍ଡା | ୪୭ |
| ୮. | ଦୁଃଖୀଧନ ନୀଳମଣିରେ (ପଦ୍ୟ) | ବୈଷ୍ଣବ ପାଣି | ୫୭ |
| ୯. | ଯେ ଥାଏ ପର ଉପକାରେ | ଡ. ରମେଶ ପତ୍ରୀ | ୬୪ |
| ୧୦. | ବିଶ୍ୱସ୍ତ ସାଥୀ ଯନ୍ତ୍ର-ମାନବ | ଡ. ପ୍ରମୋଦ କୁମାର ମହାପାତ୍ର | ୭୧ |
| ୧୧. | ନଇଁଗଲା ଆପେ ମଥା (ପଦ୍ୟ) | ବଟକୃଷ୍ଣ ଓଝା | ୭୮ |
| ୧୨. | କାଲ୍‌ଭେରିଆ କାନ୍ଦୁଚି | ଡ. ନିତ୍ୟାନନ୍ଦ ସ୍ୱାଇଁ | ୮୫ |
| ୧୩. | ଉତ୍କଳପୁତ୍ର ପ୍ୟାରୀମୋହନ | ଡ. ଭ୍ରମରବର ସାମଲ | ୯୪ |
| ୧୪. | ଦଳପତି ପଦ ତୁମକୁ ସାଜେ (ପଦ୍ୟ) | ଡ. ନଟବର ସାହୁ | ୧୦୩ |
| ୧୫. | ଦେଶଭକ୍ତ ଲକ୍ଷ୍ମଣ ନାୟକ | ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ | ୧୦୯ |
| ୧୬. | ଆମେ ଭାରତର ଶିଶୁ (ପଦ୍ୟ) | ଅନ୍ନଦାପ୍ରସାଦ ରକ୍ଷିତ | ୧୧୭ |
| ୧୭. | ଦୀପଶିଖା (ଏକାଙ୍କିକା) | ଡ. ବିଜୟ କୁମାର ଶତପଥୀ | ୧୨୩ |

# ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର

ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ



ବିଦେଶୀ ଶାସନରେ ଅଧୀନ ଥିଲା ଦେଶ
ସେକାଳେ ଭୋଗୁଥିଲୁ କେତେ ଯେ ଆମେ କ୍ଲେଶ
ସ୍ୱାଧୀନ ଆଜି ଆମେ କାହାକୁ ନାହିଁ ଡର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୧।।



ଏଣିକି ଭଲ ଯାହା କରିବୁ ସେହି କାମ
ଜାତିର ଇତିହାସେ ରହିବ ଆମ ନାମ
କର୍ତ୍ତବ୍ୟ-ପଥ ଧରି ହୋଇବୁ ଅଗ୍ରସର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୨।।

ଭୋକିଲା ହୋଇ ଆଉ ରହିବେ ନାହିଁ କେହି
ରଖିବୁ ଜାତି ତେଜ ନିଜକୁ ବଳି ଦେଇ
ସ୍ୱଦେଶ ସେବା ବ୍ରତ କରିବୁ ଜୀବନର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୩।।

ଅଛୁଆଁ ନୁହେଁ କେହି ସଭିଏଁ ଭାଇ ଆମ
ସଭିଙ୍କ ହିତ ପାଇଁ କରିବୁ ଆମେ କାମ
ସମସ୍ତେ ଆପଣାର ଜଣେ କେ ନୁହେଁ ପର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ।।୪।।



ଦେଶରେ ଖୋଲିଦେବୁ ବିବିଧ କାରଖାନା
ଯେପରି ଉତପନ୍ନ ହୋଇବ ଦ୍ରବ୍ୟ ନାନା
ଗଢ଼ି ଉଠିବେ ପୁଣି ଅସଂଖ୍ୟ କାରିଗର
ଜାତୀୟ ଧ୍ୱଜା ଆମ ଉଡ଼ୁଇ ଫରଫର ॥୫॥



ଆମେ ଯେ ବୀର ଜାତି ନୋଇଁବୁ ନାହିଁ ମଥା
କରିବୁ ପ୍ରାଣ ଦେଇ କହିବୁ ଯେଉଁ କଥା
ମରତେ ଖେଳାଇବୁ ସୁଷମା ସରଗର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ॥୬॥

ଜ୍ଞାନ ବିଜ୍ଞାନେ ଆମେ ନୋହିବୁ କାହା ପଛ
ପ୍ରତିଜ୍ଞା କର ଭାଇ, ଯେଉଁଠି ଯିଏ ଅଛ
କୋଟି ଯେ କୋଟି ଆମେ ସନ୍ତାନ ଭାରତର
ଜାତୀୟ ଧ୍ୱଜା ଆମ ଉଡ଼ଇ ଫରଫର ॥୭॥

## କବି ପରିଚୟ

**ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ** ୧୯୦୩ ମସିହା ସେପ୍ଟେମ୍ବର ମାସ ୧୦ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ସେ ପିଲାମାନଙ୍କ ପାଇଁ ଅନେକ ସାହିତ୍ୟ ରଚନା କରିଛନ୍ତି । ସେମାନଙ୍କ ମଧ୍ୟରେ କୁହୁକୁହୁ, ରୁଣୁଝୁଣୁ, ସୁଲୁସୁଲୁ, ଘଣ୍ଟି ଘାଗୁଡ଼ି, କଳାବଉଦ, ଭାଇଭଉଣୀ, ମୂଷି ମାଉସୀ, ହଜିଲା ବଳଦ ଖୋଜିଲା ଠେଙ୍ଗ, ଡାଳରେ ମାଙ୍କଡ଼ ମାରଇ ଡିଆଁ, ଉଦୟଭାନୁ ଇତ୍ୟାଦି ପ୍ରଧାନ । ୧୯୯୪ ମସିହାରେ କବିଙ୍କର ଦେହାନ୍ତ ହୋଇଥିଲା ।

## ଶିକ୍ଷକଙ୍କ ପାଇଁ ସୂଚନା

- ଏ କବିତାଟି ସ୍ୱାଧୀନତା ପର ସମୟର କବିତା । ଦେଶର ପ୍ରଗତି ଏକ ଧାରାବାହିକ ପ୍ରକ୍ରିୟା – ଏ ପିଢ଼ିର ଶିଶୁ ଦେଶର ବିକାଶ ପାଇଁ ଉଦ୍‌ବୁଦ୍ଧ ହେବା ନିମନ୍ତେ ଶିକ୍ଷକ ପିଲାମାନଙ୍କ ମନରେ ଆଗ୍ରହ ସୃଷ୍ଟି କରାଇବେ ।
- ଭାରତର ଜାତୀୟ ପତାକାକୁ ଚକ୍ରଧ୍ୱଜ ଓ ତ୍ରିରଙ୍ଗା କୁହାଯାଏ ବୋଲି ଶିକ୍ଷକ ପିଲାମାନଙ୍କୁ କହିବେ ।
- ଜାତୀୟ ପତାକାରେ ଥିବା ତିନିଟି ରଙ୍ଗ, ଚକ୍ର ଇତ୍ୟାଦି ପ୍ରତୀକ ସମ୍ପର୍କରେ କହିବେ ।
- ପିଲାମାନେ କର୍ତ୍ତବ୍ୟପରାୟଣ ହେବା ସହିତ ଦେଶସେବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରି ଦେଶ ଓ ଜାତିର ସମ୍ମାନ ରକ୍ଷାପାଇଁ କେଉଁକେଉଁ କାର୍ଯ୍ୟ କରିବେ କବିତାର ଆଲୋଚନା ସମୟରେ ଶିକ୍ଷକ ସେ ସମ୍ପର୍କରେ ଧାରଣା ଦେବେ ।
- ଶିକ୍ଷାର୍ଥୀମାନେ ଜ୍ଞାନବିଜ୍ଞାନରେ ଅଗ୍ରଣୀ ହେବା ସହିତ ଭଲ କାମ କରି ଇତିହାସରେ କିପରି ନାମ ରଖିବେ,ସେଥିପାଇଁ ପିଲାଦିନୁ ପ୍ରସ୍ତୁତ ହେବା ନିମିତ୍ତ ଶିକ୍ଷକ ପ୍ରେରଣା ଯୋଗାଇବେ ।
- ଛୁଆଁ ଅଛୁଆଁ ଭେଦଭାବ ଦୂର କରି ସମସ୍ତଙ୍କ ହିତ ନିମିତ୍ତ କାମ କରିବାକୁ ଶିକ୍ଷାର୍ଥୀମାନେ ବ୍ରତୀ ହେବା ପାଇଁ ଶିକ୍ଷକ ଉତ୍ସାହିତ କରିବେ ।
- ପିଲାଙ୍କ ସହିତ 'ଅଭ୍ୟାସ' କାର୍ଯ୍ୟ ଆଲୋଚନାବେଳେ ପାଠ୍ୟ ବିଷୟବସ୍ତୁ ବାହାରର ଅଧିକ ଉଦାହରଣ ଦେବା ପାଇଁ ପ୍ରୟାସ କରିବେ ।

### ସୂଚନା

| | | |
|---|---|---|
| ଉତପନ୍ନ (ଉତ୍ପନ୍ନ) | – | ଜାତ, ଉତ୍ପତ୍ତି, ସୃଷ୍ଟି |
| କ୍ଳେଶ | – | କଷ୍ଟ, ଦୁଃଖ, ଯନ୍ତ୍ରଣା |
| ଅଗ୍ରସର | – | ଆଗକୁ ଯିବା |
| ସୁଷମା | – | ସୌନ୍ଦର୍ଯ୍ୟ |

### ଆସ ଜାଣିବା କେତୋଟି ନୂତନ ଶବ୍ଦ

| | | | |
|---|---|---|---|
| ଧ୍ୱଜା | ଦ୍ରବ୍ୟ | କାରିଗର | ଟେକ |
| ମରତେ | ହିତ | ବ୍ରତ | ବିବିଧ |

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

କ) ଆମ ଦେଶ ପରାଧୀନ ଥିବାବେଳେ କ'ଣ ଅସୁବିଧା ହେଉଥିଲା ?

ଖ) ଦେଶ ସ୍ୱାଧୀନ ହେବା ପରେ ଆମେ କେଉଁ କାମ କରିପାରିବା ବୋଲି କବିତାରେ କୁହାଯାଇଛି ?

ଗ) ଜାତିର ଟେକ ରଖିବା ପାଇଁ ଆମକୁ କ'ଣ କରିବାକୁ ପଡ଼ିବ ?

ଘ) ଦେଶର ଉନ୍ନତି ପାଇଁ କେଉଁକେଉଁ କାମ ସ୍ୱାଧୀନ ଭାରତରେ କରାଯିବ ବୋଲି ଆଶା କରାଯାଇଛି ?

ଙ) ଆମେ କାହିଁକି ମଥା ନୋଇଁବୁ ନାହିଁ ବୋଲି କବି କହିଛନ୍ତି ?

୨. ଉତ୍ତର ଲେଖିବା ।

କ) କଥାକୁ କିପରି କାର୍ଯ୍ୟରେ ପରିଣତ କରିପାରିବା ବୋଲି କବିତାରେ କୁହାଯାଇଛି ?

..........................................................................................

ଖ) ସ୍ୱାଧୀନ ଭାରତର ଶିଶୁମାନେ ମର୍ତ୍ତ୍ୟପୁରୀରେ କି ପରିବର୍ତ୍ତନ ଆଣିପାରିବା କଥା କବି କହିଛନ୍ତି ?

..........................................................................................

ଗ) କେଉଁ କ୍ଷେତ୍ରରେ ଆମେ ପଛରେ ରହିବା ନାହିଁ ବୋଲି ଧାରଣା ଦିଆଯାଇଛି ?

..........................................................................................

ଘ) କେଉଁମାନେ ପ୍ରତିଜ୍ଞା କରିବା କଥା କବିତାରେ ପ୍ରକାଶ ପାଇଛି ?

..........................................................................................

ଙ) ଦେଶରେ କଳକାରଖାନା ଗଢ଼ି ଉଠିଲେ ଆମର କ'ଣ ସୁବିଧା ହେବ ?

..........................................................................................

୩. କବିତାର ଯେଉଁ ପଦରେ ଏ କଥା କୁହାଯାଇଛି ସେହି ପଦଟି ବାଛି ଲେଖିବା ।

କ) ସେ ସମୟରେ କଷ୍ଟ ଭୋଗୁଥିଲୁ, ..............................................

ଖ) ଦେଶ ସେବାକୁ ଜୀବନର ବ୍ରତ କରିବା, ..............................................

ଗ) ସମସ୍ତଙ୍କ ପାଇଁ ଭଲ କାମ କରିବା, ..............................................

ଘ) ବହୁ ଜିନିଷ ସୃଷ୍ଟି ହେବ, ..............................................

ଙ) ଯାହା କହିବୁ ତାହା ପ୍ରାଣ ଦେଇ କରିବୁ, ..............................................

୪. 'ଧ୍ୱଜା' ସହିତ ଯେପରି 'ଫରଫର'ର ସଂପର୍କ ଅଛି, ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ସହିତ ଯାହାର ସଂପର୍କ ଅଛି ତାହାକୁ ସେହି ଶବ୍ଦ ପାଖରେ ଲେଖିବା ।

କ) ଝରଣା - ..................................................................

ଖ) ଓଦା - ..................................................................

ଗ) ରାଗ - ..................................................................

ଘ) ଚାଲି - ..................................................................

ଙ) ଶୀତ - ..................................................................

୫. (କ) ତଳେ କବିତାରେ ଥିବା କେତେକ ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପୂର୍ବରୁ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ଯୋଡ଼ିବା ।

.................................... ଶାସନ

.................................... ଧ୍ୱଜା

.................................... ପଥ

.................................... କାରିଗର

(ଖ) ତଳେ କବିତାରେ ଥିବା ଶବ୍ଦ ଦିଆଯାଇଛି, ସେଗୁଡ଼ିକ ପରେ ଗୋଟିଏ ଲେଖାଏଁ ଉପଯୁକ୍ତ ଶବ୍ଦ ଯୋଡ଼ିବା ।

ସ୍ୱଦେଶ ....................................

ବୀର ....................................

୬. ଯେପରି 'ବିଦେଶୀ' ପାଇଁ 'ସ୍ୱଦେଶୀ', ସେହିପରି ନିମ୍ନରେ ଦିଆ ଯାଇଥିବା ଶବ୍ଦଗୁଡ଼ିକ ପାଇଁ କ'ଣ ହେବ ଲେଖ ।

ସ୍ୱାଧୀନ ........................., ଭଲ ..........................., ପର ...........................,

ହିତ ..........................., ବୀର ...........................

୭. ଯେପରି 'କର୍ତ୍ତବ୍ୟ' ଶବ୍ଦ ସହ 'ପଥ' ଶବ୍ଦ ମିଶି 'କର୍ତ୍ତବ୍ୟପଥ' ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କ ମଧ୍ୟରୁ ଯେଉଁ ଶବ୍ଦରେ 'ପଥ' ଯୋଗ କରି ନୂଆ ଶବ୍ଦ ଗଢ଼ିହେବ ସେଗୁଡ଼ିକୁ ଲେଖ ।

ସତ୍ୟ, ଟେକ, ଧର୍ମ, ଧ୍ୱଜା, ଗତି, ଛାୟା, ଦ୍ରବ୍ୟ, କର୍ମ, ପ୍ରାଣ, ଜ୍ଞାନ

୮. ପତାକାର ଆଉ କେତୋଟି ପ୍ରତିଶବ୍ଦ ଲେଖିବା ।

.................. .................. .................. ..................

୯. ଯେପରି 'ଶାସନ' ରୁ 'ଶାସିତ', 'ଦଳ'ରୁ 'ଦଳୀୟ' ହୋଇଛି

ସେପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କର ନୂଆ ରୂପ ଲେଖିବା ।

ଉତ୍ପାଦନ

ନାମ

ଜାତି

ବିଦେଶ

ଜୀବନ

୧୦. ତଳେ 'କ' ଓ 'ଖ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି । ସଂପର୍କିତ ଶବ୍ଦ ଦୁଇଟିକୁ ମିଳାଇ ଯେଉଁ ନୂଆ ପଦଟି ହେଉଛି ତାକୁ 'ଗ' ସ୍ତମ୍ଭରେ ଲେଖିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | 'ଗ' ସ୍ତମ୍ଭ |
|---|---|---|
| କାମ | ଖରଖର | ........................................ |
| ଲୁହ | ଗରଗର | ........................................ |
| ରାଗ | ଝରଝର | ........................................ |
| ବଚନ | ତରତର | ........................................ |
| ପତାକା | ସରସର | ........................................ |
| ଓଦା | ଫରଫର | ........................................ |

## ତୁମ ପାଇଁ କାମ

'ଜାତୀୟ ପତାକା' ସଂପର୍କରେ ବିଭିନ୍ନ ତଥ୍ୟ ସଂଗ୍ରହ କରି ତୁମ ଟିପା ଖାତାରେ ଲେଖ ଓ ଶ୍ରେଣୀରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

# ଉପଯୁକ୍ତ ବେଶ ପକାଇ ଆସ

ମନୋଜ ଦାସ



ଗୋଟିଏ ରାଜ୍ୟ ଜୟ କଲେ ରାଜା ତାଙ୍କ ପୋଷାକରେ ଖଣ୍ଡିଏ ନୂଆ ହୀରା ଲଗାନ୍ତି । ରାଜ୍ୟ ପରେ ରାଜ୍ୟ, ଚାରି ଛଅ ରାଜ୍ୟ ଜୟ କରି, ପଗଡ଼ି ଓ ପରିଧେୟରେ ଚାରି ଛଅ ଟେକା ହୀରା ଝଲସାଇ ରାଜା ନିଜ ନଅରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ ।

ଡେରା ପଡ଼ିଥିଲା ଗୋଟିଏ ପର୍ବତର ପାଦଦେଶରେ । ଦୁଇ-ରାଜ୍ୟ ମଝିରେ ଏଇଟା ଗୋଟାଏ ଜନହୀନ-ପ୍ରାୟ ବଣ ମୁଲକ ।

ସୈନ୍ୟବାହିନୀ ଶୋଇ ପଡ଼ିଥିଲେ । ରାଜା ତାଙ୍କ ଶିବିର ବାହାରେ ନିଶାର୍ଦ୍ଧରେ ପଦଚାରଣା କରୁଥିଲେ । ହଠାତ୍ ସମ୍ମୁଖବର୍ତ୍ତୀ ପର୍ବତ ଉପରେ ଏକ ଅଦ୍ଭୁତ ନୀଳାଭ ଆଲୋକ ତାଙ୍କର ଦୃଷ୍ଟିଗୋଚର ହେଲା । ତାଙ୍କ ହୃଦୟ ବିସ୍ମୟ, ଚମକ ଏବଂ ଆନନ୍ଦରେ ଭରିଗଲା । ସେ ଆଲୋକ ଯେ ଅସାଧାରଣ, ସେଥିରେ ସନ୍ଦେହର ଅବକାଶ ନ ଥିଲା ।

ବିସ୍ମିତ ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇଲେ ଓ ସେ ଆଲୋକ ଦେଖାଇଲେ । ମନ୍ତ୍ରୀ ଅତି ସ୍ୱାଭାବିକ ଭାବରେ କହିଲେ, "ମହାରାଜ, ମୁଁ ସନ୍ଧ୍ୟାବେଳେ ଆଖପାଖ ଲୋକଙ୍କଠୁଁ ଶୁଣିଥିଲି କି ସେ ପର୍ବତ ଉପରେ ଜଣେ ସନ୍ନ୍ୟାସୀ ରହନ୍ତି । ଶୀତ ରାତି । ସେ ନିଆଁ ଜାଳିଛନ୍ତି !"

"ମନ୍ତ୍ରୀ ! ତୁମକୁ ସେ ଆଲୋକ କିପରି ଲାଗୁଛି ?"

ରାଜାଙ୍କ ପ୍ରଶ୍ନରେ ବିସ୍ମିତ ହୋଇ ମନ୍ତ୍ରୀ କହିଲେ, "ମଣିମା ! ଶୁଖିଲା କାଠପତ୍ର ଜାଳିଲେ ନିଆଁ ଯେପରି ହେବା କଥା, ଏହା ସେହିପରି ।" "ଆଚ୍ଛା, ଶୋଇବ ଯାଅ ।" କହିଲେ ରାଜା । ସେ ବୁଝିଲେ ଯେ ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି, ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।

ପ୍ରଭାତ ହେଲା । ରାଜା ସନ୍ନ୍ୟାସୀଙ୍କୁ ଭେଟିବାର ଅନୁମତି ପ୍ରାର୍ଥନା କରି ଦୂତ ପଠାଇଲେ । ଦୂତ ଫେରିଆସି କହିଲେ, "ସନ୍ନ୍ୟାସୀ କହୁଛନ୍ତି କି, ତାଙ୍କୁ ଭେଟିବାକୁ ହେଲେ ରାଜା ଉପଯୁକ୍ତ ବେଶ ପକାଇ ଯିବା ଦରକାର ।"

"ଅବଶ୍ୟ !" କହି ରାଜା ତାଙ୍କର ରତ୍ନଖଚିତ ପୋଷାକ ଓ ପଗଡ଼ି ଲଗାଇ ବାହାରି ପଡ଼ିଲେ । ସେ ପର୍ବତ ଅଧା ଚଢ଼ିବା ବେଳକୁ ସନ୍ନ୍ୟାସୀଙ୍କର ଜଣେ ଚେଲା ଆସି କହିଲେ, "ଗୁରୁଦେବ ମଣିମାଙ୍କୁ ଦୂରରୁ ଦେଖିଛନ୍ତି । ସେ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସିବା ଦରକାର ।"

ରାଜା ନୀରବରେ ଶିବିରକୁ ଆସି ରତ୍ନପୋଷାକ ଉତାରି, ଜଣେ ସାଧାରଣ ନାଗରିକର ପୋଷାକ ପିନ୍ଧିଲେ ଓ ନିଜକୁ ନିଜେ କହିଲେ, "ବାସ୍ତବିକ୍ ରାଜ-ପୋଷାକରେ ସନ୍ନ୍ୟାସୀଙ୍କ ପାଖକୁ ଯିବାକୁ ବାହାରିବାଟା ବୋକାମି ଛଡ଼ା ଆଉ କ'ଣ !"

ସେ ପର୍ବତ ଚଢ଼ିବାକୁ ଆରମ୍ଭ କରନ୍ତେ ପୁଣି ଜଣେ ଚେଲା ଆସି କହିଲା, "ମହାରାଜ ! ଗୁରୁଦେବ କହୁଛନ୍ତି କି, ଆପଣ ଉପଯୁକ୍ତ ବେଶରେ ଆସନ୍ତୁ ।"

ରାଜା ଅଗତ୍ୟା ତମ୍ବୁକୁ ଫେରିଲେ ଓ ଏଥର ଗେରୁଆ ଲୁଗାପଟା ଯୋଗାଡ଼ କରି ପିନ୍ଧି, ପୁଣି ପର୍ବତ ଚଢ଼ିବାକୁ ଆରମ୍ଭ କଲେ ।



"ମହାରାଜ ! ଗୁରୁଦେବ କହିଲେ କି ଆପଣ ଉପଯୁକ୍ତ ବେଶ ପକାଇ ଆସନ୍ତୁ," ତୃତୀୟ ଚେଲାଟାଏ ତାଙ୍କୁ ଆସି କହିଲା ।

ରାଜା କାନ୍ଦ କାନ୍ଦ ଦେଖାଗଲେ । ମନ୍ତ୍ରୀ ତାଙ୍କ କାନରେ କହିଲେ, "ମହାରାଜ ! ସେ ଉଦ୍ଧତ ସାଧୁକୁ ଏହିକ୍ଷଣି ଧରି ଆଣି ଆପଣଙ୍କ ଆଗରେ ହାଜର କରିଦେବି !"

ରାଜା ଧୀର କଣ୍ଠରେ କହିଲେ, "ମନ୍ତ୍ରୀ ! କେତେ ରାଜା ମହାରାଜାଙ୍କୁ ବନ୍ଦୀ କରି ତ ମୋ ଆଗରେ ତମେ ଓ ସେନାପତି ହାଜର କରିଛ । ଜଣେ ନିରସ୍ତ୍ର, ନିର୍ବାକ୍ ସାଧୁକୁ ଧରି ଆଣିବାରେ ବାହାଦୁରି କ'ଣ ?"



ଶିବିର ଭିତରେ ଏକାକୀ ରାଜା ଅଶ୍ରୁରୋଧ କରିପାରିଲେ ନାହିଁ । ବାସ୍ତବିକ୍, ଆଜିଯାଏ ସେ ନିଜକୁ କେଡ଼େ ପ୍ରଭାବଶାଳୀ, କ୍ଷମତାଶାଳୀ ମନେ କରି ଆସିଥିଲେ । ଇଏ ହେଲା କ'ଣ ? ବେଶ ବୋଇଲେ ସାଧୁ କ'ଣ ବୁଝାଉଛନ୍ତି ? ଯୋଗ୍ୟତା ? ବାସ୍ତବିକ୍, ସେ କ'ଣ ଜଣେ ସାଧୁଙ୍କୁ ଭେଟିବାକୁ ଯୋଗ୍ୟ ? ସେ ଏ ପ୍ରଶ୍ନ ଉପରେ ଯେତିକି ଚିନ୍ତା କଲେ, ସେତିକି ବିମର୍ଷ ବୋଧ କଲେ । ଅର୍ଥାତ୍ ଜୀବନରେ ସେ ଯେତେ ବିଜୟ ପ୍ରାପ୍ତି କରିଛନ୍ତି, ଯେତେ ମୁଣ୍ଡ କାଟ କରି ତଳେ ଲୋଟାଇ ଦେଇଛନ୍ତି, ସେ ସବୁ ତାଙ୍କୁ ଅନ୍ୟମାନଙ୍କ ଆଖିରେ ବିରାଟ କରି ଥାଇପାରେ, କିନ୍ତୁ ସାଧୁଙ୍କ ଆଖିରେ ସେ ଅଯୋଗ୍ୟ !

"ପୁଅ ! ଏ ବେଶରେ ତମେ କେଡ଼େ ସୁନ୍ଦର ଦିଶୁଛ ।"

ଏ ଅପୂର୍ବ କଣ୍ଠସ୍ୱର ରାଜାଙ୍କୁ ଚମକାଇ ଦେଲା । ସେ ଅନାଇବା ବେଳକୁ ତାଙ୍କ ଆଗରେ ଉଭା ସ୍ୱୟଂ ସନ୍ନ୍ୟାସୀ ।

ରାଜା ତାଙ୍କ ପାଦରେ ଲୋଟିଗଲେ । ସନ୍ନ୍ୟାସୀ ତାଙ୍କୁ ଉଠାଇ କୁଣ୍ଢାଇ ପକାଇ କହିଲେ "ହୃଦୟରେ ଏହିଭଳି ନମ୍ରତା ବୋଧଠୁଁ ବଳି ସୁନ୍ଦର ସାଜ ଆଉ କିଛି ନାହିଁ" ।

"ମହାଭାଗ ! ମୁଁ କେଡ଼େ ମୂର୍ଖ ଥିଲି ! ରାଜ୍ୟ ପରେ ରାଜ୍ୟ ଜୟ କରି ନିଜକୁ ଗୌରବାନ୍ୱିତ ବୋଧ କରୁଥିଲି ।" ରାଜା ମୃଦୁକଣ୍ଠରେ କହିଲେ ।

"ହଁ ବତ୍ସ ! ସେ ଗୌରବବୋଧ ଅଜ୍ଞାନପ୍ରସୂତ । ଆଜି ତମେ ଜ୍ଞାନର ଉଷାଲୋକରେ ଉପନୀତ ।" ସନ୍ନ୍ୟାସୀ ରାଜାଙ୍କୁ ଆଶୀର୍ବାଦକରି ବୁଲିପଡ଼ି ଚାଲିଗଲେ ।

## ଲେଖକ ପରିଚୟ

**ଶ୍ରୀ ମନୋଜ ଦାସ** ୧୯୩୪ ମସିହା ଫେବୃଆରୀ ମାସ ୨୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅତିବଡ଼ୀ ପୁରସ୍କାରପ୍ରାପ୍ତ ଲେଖକ ମନୋଜ ଦାସ ଆନ୍ତର୍ଜାତିକ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି । ଆରଣ୍ୟକ, ସମୁଦ୍ରର କ୍ଷୁଧା, ବିଷକନ୍ୟାର କାହାଣୀ, ଲକ୍ଷ୍ମୀର ଅଭିସାର, ଧୂମ୍ରାଭ ଦିଗନ୍ତ, ଉପକଥା ଶତକ, ମନୋଜ ଦାସଙ୍କ କଥା ଓ କାହାଣୀ, ଅବୋଲକରା କାହାଣୀ, ମନୋଜ ପଞ୍ଚବିଂଶତି, ଦୂରଦୂରାନ୍ତର, ଅମୃତ ଫଳ, ଗୋଧୂଳି ବାଘ, ଚନ୍ଦ୍ରାଲୋକର ପ୍ରହରୀ ପ୍ରଭୃତି ଲେଖକଙ୍କର ଅନବଦ୍ୟ ସୃଷ୍ଟି ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।
- ମୂଲ୍ୟବାନ୍ ପୋଷାକ ଓ ଅଳଙ୍କାର ଆଭୂଷଣ ଯେ ମନୁଷ୍ୟର ଉପଯୁକ୍ତ ବେଶ ନୁହେଁ, ନମ୍ରତା ବୋଧ ହିଁ ସୁନ୍ଦର ବେଶ ଏହି ଭାବକୁ ପିଲାମାନଙ୍କ ହୃଦୟରେ ଉଦ୍ରେକ କରାଇବେ ।
- ପରିବେଶର ପ୍ରଭାବରେ ମନୁଷ୍ୟର ଆଚରଣରେ କିପରି ପରିବର୍ତ୍ତନ ଘଟିଥାଏ, ତାହା ପିଲାମାନଙ୍କୁ ଅବଗତ କରାଇବେ । ଏଥିପାଇଁ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହେବା ଓ ଅନ୍ୟ ଯେ କୌଣସି ସମାନ୍ତରାଳ ଗୀତ କିମ୍ବା କାହାଣୀର ଅବତାରଣା କରିବେ ।
- ସତ୍‌ସଙ୍ଗ, ସାଧୁସଙ୍ଗଦ୍ୱାରା ନମ୍ରତା, ସାଧୁତା ଭଳି ମାନବୀୟ ଗୁଣାବଳୀର ବିକାଶ କିପରି ସମ୍ଭବ ହୋଇଥାଏ, ତାହା ପିଲାଙ୍କୁ ବୁଝାଇବେ ।

### ସୂଚନା

| | |
|---|---|
| ନଅର | – ରାଜପ୍ରାସାଦ, |
| ଡେରା | – ସାମୟିକ ରହଣି ପାଇଁ ଅସ୍ଥାୟୀ ତମ୍ବୁପକା ଶିବିର |
| ଶିବିର | – ନିର୍ଦ୍ଦିଷ୍ଟ କାର୍ଯ୍ୟ ସାଧନ ନିମନ୍ତେ ଆଶ୍ରୟ ସ୍ଥଳ |
| ଦୂତ | – ରାଜା ମହାରାଜାମାନଙ୍କ ସମ୍ବାଦବାହକ |
| ଚେଲା | – ସାଧୁସନ୍ନ୍ୟାସୀଙ୍କ ଶିଷ୍ୟ |
| ବେଶ ପକାଇବା | – ପୋଷାକ ପିନ୍ଧିବା, |
| ହାଜର କରିବା | – ପହଞ୍ଚାଇବା (ହାଜର ହେବା – ନିଜେ ପହଞ୍ଚିବା) |
| ବାହାଦୁରି | – ଆତ୍ମପ୍ରଶଂସାମୂଳକ ବଡ଼ପଣିଆ, |

ଉଭା - ଉପସ୍ଥିତ

ଲୋଟିଯିବା - ଗଡ଼ିଯିବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପରିଧେୟ, ଦୃଷ୍ଟିଗୋଚର, ସ୍ୱାଭାବିକ୍, ରତ୍ନଖଚିତ, ଅଗତ୍ୟା, ନିଶାର୍ଦ୍ଧ, ଅସାଧାରଣ, ବିଶେଷତ୍ୱ, ବାସ୍ତବିକ୍, ଉଦ୍ଧତ

## ଅଭ୍ୟାସ

**୧. ଆସ, କଥାବାର୍ତ୍ତା ହେବା ।**

କ) ରାଜା ରାଜ୍ୟ ଜୟ କଲେ ପୋଷାକରେ ନୂଆ ହୀରା ଖଣ୍ଡିଏ ଲଗାନ୍ତି କାହିଁକି ?

ଖ) ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇ କ'ଣ ଦେଖାଇଲେ ?

ଗ) ସନ୍ନ୍ୟାସୀ ତାଙ୍କ ଚେଲା ଦ୍ୱାରା ରାଜାଙ୍କ ନିକଟକୁ ପଠାଉଥିବା ଖବରଟି କୁହ ।

ଘ) ଜଣେ ମନୁଷ୍ୟର ଉପଯୁକ୍ତ ବେଶଟି କ'ଣ ?

ଙ) ରାଜା ନିଜକୁ ମୂର୍ଖ ବୋଲି ମନେ କଲେ କାହିଁକି ?

**୨. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କରିବା ।**

(ଆଖପାଖ, କାଠପତ୍ର, ଲୁଗାପଟା, ଚଲାବୁଲା, ହସଖୁସି, ସୁନାରୁପା)

କ) ସକାଳୁ କିଛି ସମୟ ......... କଲେ ଦେହ ଫୁର୍ତ୍ତି ଲାଗେ ।

ଖ) ଚଇତନ ଜଙ୍ଗଲରୁ .................... ସଂଗ୍ରହ କରି ଚଳେ ।

ଗ) ବୁବୁର ଜନ୍ମଦିନରେ ସମସ୍ତେ ............ ରେ ମାତିଛନ୍ତି ।

ଘ) ଯାତ୍ରା ଦେଖିବା ପାଇଁ ............ ର ବହୁତ ଲୋକ ରୁଣ୍ଡ ହେଲେ ।

ଙ) ନମ୍ରତା ............ ଠାରୁ ବଳି ବଡ଼ ସମ୍ପଦ ।

**୩. 'ଜନହୀନ' କହିଲେ 'ଜନଶୂନ୍ୟ' ଅର୍ଥକୁ ବୁଝାଏ, ସେପରି ତଳଶବ୍ଦଗୁଡ଼ିକ କେଉଁ ଅର୍ଥକୁ ବୁଝାଇବ ଲେଖିବା ।**

ଧନହୀନ ............ ବୁଦ୍ଧିହୀନ ............ ମନ୍ତ୍ରହୀନ ............

ଜ୍ଞାନହୀନ ............ ବସ୍ତ୍ରହୀନ ............ କ୍ରିୟାହୀନ ............

ଭକ୍ତିହୀନ............

୪. (ମୁଁ) [ତୁମ] ସହିତ △ମାମୁ ଘରକୁ ଯିବି ।

ଏଠାରେ 'ମୁଁ' ପଦଟି ପ୍ରଥମ ପୁରୁଷ 'ତୁମ' ପଦଟି ଦ୍ୱିତୀୟ ପୁରୁଷ ଓ 'ମାମୁ' ପଦଟି ତୃତୀୟ ପୁରୁଷ ଅଟେ । ଯେ କୌଣସି ନାମକୁ ବୁଝାଉଥିବା ପଦମାତ୍ର ତୃତୀୟ ପୁରୁଷ । ସେହିପରି ତଳ ବାକ୍ୟରେ ପ୍ରଥମ ପୁରୁଷରେ ଥିବା ପଦ ଚାରିପଟେ ◯ ଦ୍ୱିତୀୟ ପୁରୁଷରେ ଥିବା ପଦ ଚାରିପଟେ ☐ ଓ ତୃତୀୟ ପୁରୁଷରେ ଥିବା ପଦ ଚାରିପଟେ △ ଦେବା ।

କ) ମୁଁ ମୋ ଜନ୍ମଭୂମିକୁ ଭଲ ପାଏ ।

ଖ) ପଙ୍କଜବାବୁ ଜଣେ ନମ୍ର ବ୍ୟକ୍ତି ।

ଗ) ତୁମେ କାହାକୁ ଖୋଜୁଛ ?

ଘ) ଆପଣଙ୍କୁ ମୁଁ କିଛି କହିବି ।

ଙ) ସେ କଦାପି ମିଛ କହେ ନାହିଁ ।

୫. ଠିକ୍ ବନାନ ଲେଖା ଥିବା ଶବ୍ଦଟିକୁ ବାଛି ପାଖ କୋଠରିରେ ଲେଖିବା ।

କ) ବିସ୍ମୟ, ବୀଶ୍ମୟ, ବୀସ୍ମୟ, ବିଷ୍ମୟ ☐

ଖ) ପୋଶାକ, ପୋଷାକ, ପୋସକ, ପୋସାକ ☐

ଗ) ସମୁଖ, ଶମ୍ମୁଖ, ସମ୍ମୁଖ, ଷମ୍ମୁଖ ☐

ଘ) ସନ୍ୟାସୀ, ସନ୍ନ୍ୟାସି, ସନ୍ୟାସି, ସନ୍ନ୍ୟାସୀ ☐

ଙ) ଅଶ୍ବ, ଅଶ୍ବ, ଅସ୍ବ, ଅସ୍ବ ☐

୬. ତଳେ ଲେଖାଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁ ଶବ୍ଦଗୁଡ଼ିକ କୌଣସି ଶବ୍ଦର ବିପରୀତ ଅର୍ଥକୁ ବୁଝାଉଛି ତାକୁ ବାଛି ଅଲଗା ଲେଖିବା ।

| | | | |
|---|---|---|---|
| ଅବଶ୍ୟ | ଅସାଧାରଣ | ଅନୁମତି | ଅପୂର୍ବ |
| ଅବକାଶ | ଅଦ୍ଭୁତ | ଅଗତ୍ୟା | ଅଯୋଗ୍ୟ |

୭. ତଳେ ଦିଆଯାଇଥିବା ଅନୁଚ୍ଛେଦରୁ ପ୍ରଶ୍ନଗୁଡ଼ିଏ ତିଆରି କରି ଲେଖିବା ।

ରାତିରେ ବୁଢ଼ାକୁ ସ୍କୁଲରେ ଅତିଥି ଭାବରେ ରଖାଗଲା । ଖାଇସାରି ପିଲାମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉ ହେଉ ତାଙ୍କରି ପାଖରେ ବୁଢ଼ା ଶୋଇପଡ଼ିଲା । ହେଲେ, ତାକୁ ନିଦହେଲା ନାହିଁ । ବୁଢ଼ା ଭାବୁଥାଏ, ସ୍କୁଲର ବାବୁମାନେ ଯେଉଁ ଉପାୟରେ ଏଡ଼େ ସୁନ୍ଦର ଫସଲ କରିଛନ୍ତି, ତାକୁ ଟିକିଏ ସେ ଉପାୟ ବତାଇ ଦିଅନ୍ତେ କି ? ସେ ମଧ୍ୟ ତା' କ୍ଷେତକୁ ଉଠିଆ କରନ୍ତା । ନିଜ କ୍ଷେତରେ ସେ ଚଳନ୍ତା, ମୁଠାଏ ଖାଦ୍ୟ ପାଇବାକୁ ଜଙ୍ଗଲର ଅନ୍ଧିକନ୍ଧି ବୁଲିବାରୁ ରକ୍ଷା ପାଆନ୍ତା । ଏମିତି ଭାବୁ ଭାବୁ ବୁଢ଼ାକୁ ନିଦ ଲାଗିଗଲା ।

୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଭାବି ଲେଖିବା ।

କ) ଅର୍ଦ୍ଧରାତ୍ର ସମୟରେ ରାଜା କିପରି ଆଲୋକ ଦେଖିବାକୁ ପାଇଲେ ?

ଉ. ....................................................................................

ଖ) ମନ୍ତ୍ରୀଙ୍କ ଉତ୍ତରରୁ ରାଜା କ'ଣ ବୁଝିଲେ ?

ଉ. ....................................................................................

ଗ) ତୃତୀୟ ଚେଲାଟିର କଥା ଶୁଣି ରାଜା କାନ୍ଦକାନ୍ଦ ହୋଇଗଲେ କାହିଁକି ?

ଉ. ....................................................................................

ଘ) କେଉଁ ସବୁ କାର୍ଯ୍ୟ ପାଇଁ ରାଜା ନିଜକୁ ଅଯୋଗ୍ୟ ବୋଲି ମନେ କଲେ ?

ଉ. ....................................................................................

ଙ) କେଉଁ ବେଶରେ ମଣିଷ ଅଧିକ ସୁନ୍ଦର ଲାଗେ ?

ଉ. ....................................................................................

୯. ନିଜ ଭାଷାରେ ବୁଝାଇ ଲେଖିବା ।

"ପୁଅ ! ଏ ବେଶରେ ତୁମେ କେଡ଼େ ସୁନ୍ଦର ଦିଶୁଛ ।"

ଉ. ....................................................................................

....................................................................................

୧୦. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ପ୍ରତ୍ୟେକ ଶବ୍ଦ ପାଇଁ ଦିଆଯାଇଥିବା ଅର୍ଥଗୁଡ଼ିକ ମଧ୍ୟରୁ ଠିକ୍ ଅର୍ଥଟି ବାଛିବା ଏବଂ ମୂଳ ଶବ୍ଦକୁ ନେଇ ବାକ୍ୟ ଗଠନ କରିବା ।

ଉଦାହରଣ – ନୀଳାଭ – ଉଜ୍ଜ୍ୱଳ ନୀଳବର୍ଣ୍ଣ– ଚିଲିକାର ନୀଳାଭ ଜଳରାଶି ଅତି ମନୋହର ।

କ) ଦୃଷ୍ଟିଗୋଚର – ଆଖିବୁଜି ଦେଖିବା, କଳ୍ପନାରେ ଦେଖିବା, ପରିଷ୍କାର ଭାବରେ ଦେଖିବା

ଖ) ଅଗତ୍ୟା – ଅନ୍ୟ ଗତି ନ ଥିବାରୁ, ଦ୍ରୁତଗତି, ଦୁର୍ଗତି

ଗ) ଉଦ୍ଧତ – ଜଟିଳ, ଅବିନୀତ, ଅସହାୟ

ଘ) ପରିଧେୟ – ତ୍ୟାଗ କରିବା, ପିନ୍ଧା ଯାଇଥିବା, ଗ୍ରହଣ କରିବା

୧୧. ଯେପରି 'ବିଶେଷ' ଶବ୍ଦରୁ 'ବିଶେଷତ୍ୱ' ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବଦଳାଇ ଲେଖିବା ।

ମନୁଷ୍ୟ ..................................................

ଘନ ..................................................

ବ୍ୟକ୍ତି ..................................................

ଗୁରୁ ..................................................

ପଶୁ ..................................................

ଦେବ ..................................................

## ତୁମପାଇଁ କାମ

ମନୋଜ ଦାସ ପିଲାମାନଙ୍କ ପାଇଁ ଲେଖିଥିବା ଗପ ଗୁଡ଼ିକ ପଢ଼ ଓ ଶ୍ରେଣୀରେ ସେ ବିଷୟରେ କଥାବାର୍ତ୍ତା ହୁଅ ।




# ଶୁଖିଲା ପତ୍ରର କଥା

ନନ୍ଦକିଶୋର ସିଂହ

ପୂର୍ବକାଳରେ ଶିଷ୍ୟମାନେ ଗୁରୁଙ୍କ ଆଶ୍ରମରେ ରହି ବେଦଉପନିଷଦଆଦି ନାନାବିଧ ଶାସ୍ତ୍ର ଅଧ୍ୟୟନ କରୁଥିଲେ । ଶାସ୍ତ୍ର ଅଧ୍ୟୟନ ସହିତ ଆଶ୍ରମରେ ହୋମ ପାଇଁ ସମିଧ ସଂଗ୍ରହ କରିବା, ଆଶ୍ରମର ଗାଈଗୋରୁଙ୍କୁ ନେଇ ନିକଟବର୍ତ୍ତୀ ଜଙ୍ଗଲରେ ଚରାଇବା, ଆଶ୍ରମବାସୀଙ୍କ ନିମନ୍ତେ ଫଳମୂଳ ସଂଗ୍ରହ କରିବା ଇତ୍ୟାଦି କାର୍ଯ୍ୟ ମଧ୍ୟ କରୁଥିଲେ । ଏହାକୁ ଗୁରୁକୁଳ ଶିକ୍ଷା କୁହାଯାଉଥିଲା । ଶିକ୍ଷା ସମାପନ ପରେ ଶିଷ୍ୟମାନେ ଗୁରୁଙ୍କୁ ଦକ୍ଷିଣା ଦେଉଥିଲେ ।

ସେହିପରି ଏକ ଗୁରୁକୁଳରେ ଶିକ୍ଷା ଲାଭ କରୁଥିଲେ ଦୁଇଜଣ ଶିଷ୍ୟ । ଜଣକର ନାମ ଶିଶିର ଓ ଅନ୍ୟ ଜଣଙ୍କ ନାମ ତୁଷାର । ଯଥାସମୟରେ ସେମାନଙ୍କର ଗୁରୁକୁଳ ଶିକ୍ଷା ଶେଷ ହେଲା । ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଶିଶିର ଓ ତୁଷାର ଗୁରୁଙ୍କୁ ସାକ୍ଷାତ୍ କଲେ । ଗୁରୁଦକ୍ଷିଣା ଦେବା ପାଇଁ ନିଜ ନିଜର ଅଭିଳାଷ ଜଣାଇଲେ । ଶିଷ୍ୟ ଦୁହିଁଙ୍କର ନିଷ୍ଠାରେ ଗୁରୁ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ସେମାନଙ୍କ ପାଖରୁ କୌଣସି ଦକ୍ଷିଣା ଗ୍ରହଣ କରିବା ପାଇଁ



ଗୁରୁ ଅନିଚ୍ଛା ପ୍ରକାଶ କଲେ । ଏଥିରେ ଶିଷ୍ୟ ଦୁହିଁଙ୍କର ମନ ବୁଝିଲା ନାହିଁ । ଗୁରୁଦକ୍ଷିଣା ନ ଦେଇ ଗୁରୁକୁଳରୁ ବିଦାୟ ନେବେ କିପରି ? ତେଣୁ କିଛି ହେଲେ ଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ଗୁରୁଙ୍କୁ ଅନୁରୋଧ କଲେ । ଶିଷ୍ୟ ଦୁହିଁଙ୍କ କଥାକୁ ଗୁରୁ ଏଡ଼ାଇ ପାରିଲେ ନାହିଁ । କିଛି ସମୟ ଚିନ୍ତା କରି କହିଲେ, "ଠିକ୍ ଅଛି, ତୁମେ ଦୁହେଁ ଯଦି ମୋତେ ଦକ୍ଷିଣା ଦେବା ନିମିତ୍ତ ଏତେ ଆଗ୍ରହୀ, ତେବେ କେତୋଟି ଶୁଖିଲା ପତ୍ର ଦକ୍ଷିଣାସ୍ୱରୂପ ଆଣି ମୋତେ ଦିଅ । କିନ୍ତୁ ମନେରଖ, ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନଥିବ ।"

ଗୁରୁଙ୍କ ମୁହଁରୁ ଏକଥା ଶୁଣି ତୁଷାର ଓ ଶିଶିର ବିସ୍ମିତ ହେଲେ । ସେମାନେ ଭାବିଲେ, ଗୁରୁ ଟଙ୍କା ସୁନା ନ ମାଗି ସାମାନ୍ୟ ଶୁଖିଲା ପତ୍ର କେତୋଟି ଦକ୍ଷିଣା ଭାବରେ ମାଗିବାର ତାତ୍ପର୍ଯ୍ୟ କ'ଣ ହୋଇପାରେ ! ଗୁରୁଙ୍କ ଆଜ୍ଞା ପାଳନ କରିବା ତ ତାଙ୍କର ପରମ କର୍ତ୍ତବ୍ୟ । ତେଣୁ ବିଳମ୍ବ ନ କରି ଦୁହେଁ ଅଦରକାରୀ ଶୁଖିଲା ପତ୍ର ସନ୍ଧାନରେ ବାହାରିଲେ । କିଛି ବାଟ ଅତିକ୍ରମ କରିବା ପରେ ସେମାନେ ଗୋଟାଏ ବିରାଟ ଆମ୍ବତୋଟାରେ ପହଞ୍ଚିଲେ । ଦେଖିଲେ ଶୁଖିଲା ପତ୍ର ସବୁ ଗଦାଗଦା ହୋଇ ରଖାଯାଇଛି । ତୁଷାର ଓ ଶିଶିର ସେହି ପତ୍ର ଗଦାରୁ କିଛି ଆଣିବାକୁ ଯିବାରୁ ଅଳ୍ପ ଦୂରରେ ଥିବା ବୁଢ଼ୀଟିଏ ଧଇଁସଇଁ ହୋଇ ଆସି ସେଠାରେ ପହଞ୍ଚିଗଲା । କହିଲା, "ପୁଅ, ମୁଁ ବହୁକଷ୍ଟରେ ଖରକାଖରକି କରି ଏହି ପତ୍ରଗୁଡ଼ିକୁ ଠୁଳ କରିଛି । ଏଗୁଡ଼ିକୁ ନେଇ ଜାଳ କରିବି । ଖୁଦମୁଠେ ଢାଉ କରି ଖାଇବି । ତୁମେ ଏ ଗଦାରୁ ପତ୍ର ନିଅନା । ବୁଢ଼ୀ ମଣିଷ ମୁଁ, ଆଉ ଦୂରକୁ ଯାଇ ପତ୍ର ସାଉଁଟି ଠୁଳ କରିପାରିବି ନାହିଁ ।"

ବୁଢ଼ୀଠାରୁ ଏକଥା ଶୁଣି ଦୁଇ ଶିଷ୍ୟ ସେଠାରୁ ବାହାରି ଅନ୍ୟତ୍ର ଚାଲିଲେ । କିଛି ଦୂର ଯାଇ ଦେଖିଲେ ଜଣେ ଲୋକ ଶୁଖିଲା ପତ୍ର ଏକାଠି କରୁଛି । ଶିଷ୍ୟ ଦୁହେଁ ତାକୁ ପଚାରିଲେ, "ଭାଇ, ଏ ପତ୍ର ତୁମର କି ଦରକାରରେ ଆସିବ ?" ଲୋକଟି କହିଲା, "ଏ ପତ୍ରକୁ ଜାଳି ପାଉଁଶ କରିଦେଲେ ଏହା ଭଲ ସାରରେ ପରିଣତ ହେବ । ସେହି ସାରକୁ କ୍ଷେତରେ ପକାଇଲେ ଭଲ ଫସଲ ଫଳିବ । ସେଇଥିପାଇଁ ତ ମୁଁ ଏ ପତ୍ରତକ ନେଉଛି ।"

ଲୋକଟି ମୁହଁରୁ ଏ କଥା ଶୁଣି ଦୁଇ ଶିଷ୍ୟ ପୁଣି ଆଗକୁ ଚାଲିଲେ । କିଛି ବାଟ ଯିବା ପରେ ଦେଖିଲେ ବୁଢ଼ାଟିଏ ଶୁଖିଲା ପତ୍ର ସାଉଁଟୁଛି । ବୁଢ଼ାକୁ ଦୁହେଁ ପଚାରିଲେ, "ମଉସା, ଏ ପତ୍ର ନେଇ ତୁମେ କ'ଣ କରିବ ?" ବୁଢ଼ାଟି କହିଲା, "ବାପା, ତୁମେ ଏ ପତ୍ରର ଗୁଣ ବୋଧହୁଏ ଜାଣନା । ଏହାକୁ ଗୁଣ୍ଡକରି ପାଣିରେ ଫୁଟାଇ ଛାଣି କରି ସେହି ଫୁଟାପାଣି ପିଇଲେ ସବୁପ୍ରକାର ଜର ଭଲ ହୋଇଯିବ । ଏହି ପତ୍ର ହେଉଛି ପୁରୁଣା ଜରର ଅବ୍ୟର୍ଥ ଔଷଧ ।"

ବୁଢ଼ା ପାଖରୁ ଏ କଥା ଶୁଣି ଶିଷ୍ୟ ଦୁହେଁ ସେଠାରୁ ମଧ୍ୟ ହତାଶ ହୋଇ ଫେରିଲେ । କାରଣ ଗୁରୁ ତ କହିଛନ୍ତି ଯେଉଁ ପତ୍ର କାହାର ଦରକାରରେ ଲାଗୁ ନ ଥିବ କେବଳ ସେହି ପତ୍ର ଆଣିବ । ସେମାନେ ଆଉ କିଛି ବାଟ ଆଗକୁ ଗଲେ, ଦେଖିଲେ ଝିଅଟିଏ ଶୁଖିଲା ପତ୍ର ଏକାଠି କରି ବିଡ଼ା ବାନ୍ଧୁଛି । ପତ୍ରତକ ତା'ର କି କାମରେ ଲାଗିବ ବୋଲି ପଚାରିବାରୁ ଝିଅଟି କହିଲା, "ଏହାକୁ ଘରକୁ ନେଇ ଏଥିରେ ଖଲି ଆଉ ଠୋଲା ତିଆରି କରିବି ତାହାକୁ ବିକ୍ରି କରି ମୋର ରୋଗିଣା ମା ପାଇଁ ଔଷଧ ଆଣିବି ।"



ଝିଅଟିର କଥା ଶୁଣିବା ପରେ ଶିଶିର ଓ ତୁଷାର ସେଠାରୁ ଶୁଖିଲା ପତ୍ର ନ ନେଇ ଆଗକୁ ଚାଲିଲେ । ଜଙ୍ଗଲ ଭିତରେ ଗୋଟିଏ ଉଚ୍ଚା ଗଛ ମୂଳରେ କିଛି ଶୁଖିଲା ପତ୍ର ପଡ଼ିଥିବାର ସେମାନେ ଦେଖିଲେ । ସେଠାରୁ ପତ୍ର ନିଆଯାଇପାରେ ବୋଲି ଭାବିଲା ବେଳକୁ ଦେଖିଲେ ଚଢ଼େଇଟିଏ ପତ୍ର ପାଖକୁ ଉଡ଼ି ଆସିଲା । ଶୁଖିଲା ପତ୍ରଟିଏ ଥଣ୍ଟରେ ଧରି ପାଖରେ ଥିବା ଗଛ ଉପରକୁ ଉଡ଼ିଗଲା । ଶିଷ୍ୟ ଦୁହେଁ ନିରୀକ୍ଷଣ କରି ଦେଖିଲେ ଚଢ଼େଇଟି ସେଠାରେ ନିଜର ବସା ତିଆରି କରୁଥିଲା । ପତ୍ରଟିକୁ ନେଇ ସେ ତା'ର ବସା ବାନ୍ଧିବା କାମରେ ଲଗାଇଦେଲା । ତୁଷାର ଓ ଶିଶିର ଭାବିଲେ, ଏ ସ୍ଥାନରୁ ମଧ୍ୟ ପତ୍ର ନେଇ ହେବନାହିଁ ।

ତଥାପି ସେ ଦୁହେଁ ହତାଶ ନହୋଇ ଚାଲିଥା'ନ୍ତି । ଆଗକୁ ଯାଉଯାଉ ଦେଖିଲେ ଗୋଟାଏ ପାଣିନାଳ । ସେହି ନାଳରେ କେତେଗୁଡ଼ିଏ ଶୁଖିଲା ପତ୍ର ଭାସୁଛି । ସେହି ପତ୍ରକୁ ଆଶ୍ରା କରି ପିମ୍ପୁଡ଼ିମାନେ ମୁହଁରେ ଖାଦ୍ୟକଣିକା ଧରି ଏପାରିରୁ ସେପାରିକୁ ଖୁସିରେ ଚାଲିଯାଉଛନ୍ତି ।

ଏ ସବୁ ଘଟଣା ଦେଖି ତୁଷାର ଓ ଶିଶିର ଆଉ ଆଗକୁ ଯିବାକୁ ମନ ବଳାଇଲେ ନାହିଁ । କାରଣ ସେମାନେ ଦେଖିଲେ ଏହି ଶୁଖିଲାପତ୍ର ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ, କୀଟପତଙ୍ଗ ସମସ୍ତଙ୍କର ଦରକାରରେ ଲାଗୁଛି । ତେଣୁ ସେ ଦୁହେଁ ଶୂନ୍ୟ ହସ୍ତରେ ଗୁରୁଙ୍କ ପାଖକୁ ଫେରିଯାଇ କହିଲେ, "ଗୁରୁଦେବ, ଆପଣଙ୍କ କହିବା ଅନୁସାରେ

ଆମେ ବହୁ ସ୍ଥାନକୁ ଗଲୁ, ବହୁ ସ୍ଥାନରେ ଶୁଖିଲା ପତ୍ର ପଡ଼ିଥିବାର ଦେଖିଲୁ କିନ୍ତୁ ଏଭଳି ଗୋଟିଏ ସ୍ଥାନ ପାଇଲୁ ନାହିଁ ଯେଉଁଠି ଶୁଖିଲା ପତ୍ର କାହାରି ଦରକାରରେ ନ ଆସୁଛି । ତେଣୁ ଆମେ ଶୂନ୍ୟ ହସ୍ତରେ ଫେରି ଆସିବାକୁ ବାଧ ହେଲୁ । ଆପଣଙ୍କୁ ଆପଣଙ୍କ ମନପସନ୍ଦର ଦକ୍ଷିଣା ଦେଇ ନ ପାରି ଆମେ ଲଜ୍ଜିତ । ଶୁଖିଲା ପତ୍ର କେତୋଟି ଆପଣ ଦକ୍ଷିଣା ଭାବରେ ମାଗିଥିବାରୁ ଆପଣଙ୍କ କଥାକୁ ଆମେ ପରିହାସ ମଣିଥିଲୁ । କିନ୍ତୁ ସେହି ଶୁଖିଲା ପତ୍ର ଯେ କେତେ ଦରକାରୀ ସେ କଥାକୁ ଆମେ ଏବେ ଅନୁଭବ କରିପାରୁଛୁ ।”

ଶିଷ୍ୟ ଦୁହିଁଙ୍କୁ ଗୁରୁଦେବ ଆନନ୍ଦରେ କୁଣ୍ଢାଇ ପକାଇଲେ । ତା’ପରେ ସ୍ନେହରେ ସେମାନଙ୍କ ପିଠି ଥାପୁଡ଼ାଇ କହିଲେ, “ତୁମେ ଦୁହେଁ ମୋର ନିଷ୍ଠାବାନ୍ ପ୍ରିୟ ଶିଷ୍ୟ । ଦକ୍ଷିଣା ଦେଇ ପାରିଲନି ବୋଲି ମନଦୁଃଖ କରନା, ସେଥିପାଇଁ ଆଦୌ ବ୍ୟସ୍ତ ହୁଅନା । ତୁମେ ଆଜି ଯେଉଁ ଜ୍ଞାନ ଲାଭକଲ, ତାହା ହେଉଛି ମୋର ପ୍ରକୃତ ଗୁରୁଦକ୍ଷିଣା । ତୁମେ ଏବେ ଜାଣିଲ, ଭଗବାନଙ୍କ ସୃଷ୍ଟିରେ ସାମାନ୍ୟ ଶୁଖିଲା ପତ୍ରଟାଏ ମଧ୍ୟ କେତେ ଦରକାରରେ ଆସୁଛି, କେତେ ଜୀବଙ୍କର ଉପକାର କରୁଛି । ତୁମେ ମଣିଷ ଜନ୍ମ ପାଇଛ । ସୃଷ୍ଟିର ମଙ୍ଗଳ କରିବା ପାଇଁ ତୁମେ କାର୍ଯ୍ୟ କରିଯାଅ । ମଣିଷ ଜନ୍ମ କେବଳ ଅନ୍ୟର ଉପକାର କରିବା ପାଇଁ ଉଦ୍ଦିଷ୍ଟ । ଏକଥା ଯେପରି ନ ଭୁଲ । ଦୁଃଖ କଷ୍ଟରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କରିବାର ସୁଯୋଗ ମିଳିଲେ ତାକୁ କେବେ ହାତ ଛଡ଼ା କରିବ ନାହିଁ । ରୋଗୀ, ଦରିଦ୍ର ଓ ବୃଦ୍ଧ ଲୋକଙ୍କୁ ସାହାଯ୍ୟ କରିବା ଲାଗି ସର୍ବଦା ପ୍ରସ୍ତୁତ ରହିଥିବ । ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ଶ୍ରେଷ୍ଠ ଗୁରୁଦକ୍ଷିଣା ।

ଶିଷ୍ୟଦୁହେଁ ଗୁରୁଙ୍କ ପାଦଧୂଳି ମୁଣ୍ଡରେ ମାରି ହସି ହସି ତାଙ୍କ ପାଖରୁ ବିଦାୟ ନେଲେ ।



## ଲେଖକ ପରିଚୟ

**ଶ୍ରୀ ନନ୍ଦକିଶୋର ସିଂହ** ୧୯୪୨ ମସିହା ମେ ମାସ ୧୫ ତାରିଖରେ ଜନ୍ମ ହୋଇଥିଲେ । ତାଙ୍କର ରଚନା ମାନଙ୍କ ମଧ୍ୟରେ ନାଟକ : 'ମାନସୀର ଗବେଷଣାଗାର', 'ଅରଣ୍ୟର ଆହ୍ୱାନ', 'ଘରଛଡାର କାହାଣୀ', ଶିଶୁ ସାହିତ୍ୟ : 'ରଙ୍ଗବେରଙ୍ଗ', 'ସାବାସ୍ ଟୁଟୁ', 'ମଜାକାହାଣୀ', 'ଆମଗାଁ ହାଟ', 'ଗୁରୁଦକ୍ଷିଣା' ପ୍ରଭୃତି ପ୍ରଧାନ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ "ଶୁଖିଲାପତ୍ରର କଥା" ଗଳ୍ପଟି ପଢ଼ାଇବା ସମୟରେ ଶୁଖିଲା ପତ୍ର ପରି ଅଦରକାରୀ ମନେହେଉଥିବା ପ୍ରତ୍ୟେକ ଜିନିଷ କିପରି ଆବଶ୍ୟକ ସମୟରେ କାର୍ଯ୍ୟରେ ଲାଗେ ସେ ସଂପର୍କରେ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇବେ ।
- ଗଳ୍ପଟି ପଢ଼ିସାରିବା ପରେ ଶିକ୍ଷାର୍ଥୀମାନେ ଅନ୍ୟର ସୁଖଦୁଃଖ ପ୍ରତି କିପରି ସମ୍ବେଦନଶୀଳ ହେବେ ସେ ସଂପର୍କରେ ଶିକ୍ଷକ ଧାରଣା ଦେବେ ।
- ଶିକ୍ଷାର୍ଥୀମାନଙ୍କର ଚିନ୍ତନଶକ୍ତି, କଳ୍ପନାଶକ୍ତି ସୃଷ୍ଟି କରିବା ପାଇଁ ଶିକ୍ଷକ ଚେଷ୍ଟା କରିବେ।

## ସୂଚନା

ସମିଧ – ହୋମକାଠ

ସମାପନ – ଶେଷ ବା ସମାପ୍ତି

ନିରୀକ୍ଷଣ – ଭଲଭାବରେ ଦେଖିବା

ତାତ୍ପର୍ଯ୍ୟ – ମର୍ମ, ଉଦ୍ଦେଶ୍ୟ, କାରଣ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ଧଇଁସଇଁ | ନାନାବିଧ | ପରିହାସ | ଅଭିଳାଷ | ଉଦ୍ଦିଷ୍ଟ |
| ସାଉଁଟିବା | ଅବ୍ୟର୍ଥ | ଅନ୍ୟତ୍ର | ପ୍ରତ୍ୟାବର୍ତ୍ତନ | ହତାଶ |
| ନିଷ୍ଠା | ଅଧ୍ୟୟନ | ମନପସନ୍ଦ | ଆଶ୍ରା | ସାକ୍ଷାତ |
| ଶୂନ୍ୟହସ୍ତ | ସ୍ୱରୂପ | | | |

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

କ) ପୂର୍ବ କାଳରେ ଶିଷ୍ୟମାନେ ଅଧ୍ୟୟନ ପାଇଁ କେଉଁ ସ୍ଥାନକୁ ଯାଉଥିଲେ ?

ଖ) ପାଠପଢ଼ା ବ୍ୟତୀତ ଶିଷ୍ୟମାନେ ଆଶ୍ରମରେ ଆଉ କେଉଁ କେଉଁ କାର୍ଯ୍ୟ କରୁଥିଲେ ?

ଗ) ପାଠପଢ଼ା ସରିବା ପରେ ଦୁଇ ଶିଷ୍ୟ ଗୁରୁଙ୍କୁ କ'ଣ ଜଣାଇଲେ ?

ଘ) କେଉଁ ଜିନିଷ ଦକ୍ଷିଣାରୂପେ ଦେବାପାଇଁ ଗୁରୁ ଶିଷ୍ୟଙ୍କୁ କହିଥିଲେ ?

ଙ) ଗୁରୁ ଦକ୍ଷିଣାରୂପେ ଏପରି ଜିନିଷ ମାଗିବାର କାରଣ କ'ଣ ଥିଲା ?

୨. ଉତ୍ତର ଲେଖିବା ।

କ) ବୁଢ଼ୀଟି ଶୁଖିଲା ପତ୍ର ନେଇ କ'ଣ କରିବ ବୋଲି କହିଥିଲା ?

ଉ. ..............................................................................

..............................................................................

ଖ) ଶୁଖିଲା ପତ୍ରକୁ କିପରି ବ୍ୟବହାର କରିବ ବୋଲି ଲୋକଟି ଉତ୍ତର ଦେଲା ?

ଉ. ..............................................................................

..............................................................................

ଗ) ଶୁଖିଲା ପତ୍ର ଔଷଧରେ ପରିଣତ ହେବ ବୋଲି ଶିଷ୍ୟ ଦୁହେଁ ଜାଣିପାରିଲେ କିପରି ?

ଉ. ..............................................................................

..............................................................................

ଘ) ମାଆ ପାଇଁ କିପରି ଔଷଧ କିଣିପାରିବ ବୋଲି ଝିଅଟି କହିଲା ?

ଉ. ..............................................................................

..............................................................................

ଙ) ପକ୍ଷୀଟି ଶୁଖିଲା ପତ୍ର ନେଇ କ'ଣ କଲା ?

ଉ. ..............................................................................

..............................................................................

ଚ) ଶୁଖିଲା ପତ୍ରକୁ ପିମ୍ପୁଡ଼ି କିପରି ବ୍ୟବହାର କରୁଥିବାର ଶିଷ୍ୟ ଦୁହେଁ ଦେଖିଲେ ?

ଉ. ..............................................................................

..............................................................................

୩. ସରଳ ଭାଷାରେ ବୁଝାଇ ଲେଖିବା ।

କ) "କିନ୍ତୁ ମନେରଖ, ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନ ଥିବ ।"

ଖ) "ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ପ୍ରକୃତ ଗୁରୁଦକ୍ଷିଣା ।"

୪. ଯେପରି 'କର୍ତ୍ତବ୍ୟ' ଶବ୍ଦ ପୂର୍ବରୁ 'ପରମ' ଯୋଗ ହୋଇ 'ପରମ କର୍ତ୍ତବ୍ୟ' ହୋଇଛି ସେହିପରି ଆଉ କେଉଁ କେଉଁ ଶବ୍ଦ ପୂର୍ବରୁ 'ପରମ' ଯୋଗ ହୋଇପାରିବ ଯୋଗ କରି ସେପରି ୫ଟି ନୂତନ ଶବ୍ଦ ତିଆରି କରି ତଳେ ଲେଖ ।

.............................................................................................

.............................................................................................

୫) ଯାହା ବୁଝି ହୁଏ ନାହିଁ ତାହା 'ଅବୁଝା' କିମ୍ବା 'ଅବୋଧ' । ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଗୋଟିଏ ଶବ୍ଦରେ ପ୍ରକାଶ କରି ଲେଖିବା ।

ଯାହା କାଟି ହୁଏ ନାହିଁ .............................................................

ଯେଉଁଠାକୁ ଯାଇ ହୁଏ ନାହିଁ .............................................................

ଯାହା କହି ହୁଏ ନାହିଁ .............................................................

ଯାହା ସହି ହୁଏ ନାହିଁ .............................................................

୬) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ବାକ୍ୟର ରେଖାଙ୍କିତ ପଦମାନଙ୍କ ବଦଳରେ ଲେଖିବା ।

(ପ୍ରତ୍ୟାବର୍ତ୍ତନ କଲେ, ସାକ୍ଷାତ୍, ନାନାବିଧ, ସାଉଁଟି, ଅନ୍ୟତ୍ର)

କ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣିବା ପାଇଁ <u>ଅନ୍ୟ ସ୍ଥାନକୁ</u> ଗଲେ ।

ଖ) ବୁଢ଼ୀଟି ଗଛମୂଳରେ କିଛି ପତ୍ର <u>ଗୋଟାଇ</u> ରଖିଥିଲା ।

ଗ) ଚରକ ଉଦ୍ୟାନରେ <u>ବିଭିନ୍ନ ପ୍ରକାର</u> ଔଷଧୀୟ ବୃକ୍ଷ ଦେଖିବାକୁ ମିଳେ ।

ଘ) ଶିଷ୍ୟ ଦୁହେଁ ଶୁଖିଲାପତ୍ର ଆଣି ନ ପାରି <u>ଫେରିଆସିଲେ</u> ।

ଙ) ଝିଅଟି ପତ୍ର ଗୋଟାଇବା ସମୟରେ ତା'ସହିତ ଶିଷ୍ୟ ଦୁହିଁଙ୍କର <u>ଦେଖା</u> ହେଲା ।

୭. **ନିମ୍ନରେ ଦିଆଯାଇଥିବା ଶବ୍ଦମାନଙ୍କୁ ବ୍ୟବହାର କରି ଗୋଟିଏଗୋଟିଏ ବାକ୍ୟ ଖାତାରେ ଲେଖିବା ।**

| | | | |
|---|---|---|---|
| ଦକ୍ଷିଣା | ଶୂନ୍ୟହସ୍ତ | ଅଭିଳାଷ | ଆଶ୍ରା |
| ପ୍ରତ୍ୟାବର୍ତ୍ତନ | ପୂର୍ଣ୍ଣ | ହତାଶ | ନିଷ୍ଠା |
| ସନ୍ତୁଷ୍ଟ | ପରିହାସ | ପାତ୍ର | |

୮. **ତଳେ ଦିଆଯାଇଥିବା ଅନୁଚ୍ଛେଦକୁ ପଢ଼ି କେତୋଟି ପ୍ରଶ୍ନ ତିଆରି କରିବା, ଯାହାର ଉତ୍ତର ଏହି ଅନୁଚ୍ଛେଦରେ ଥିବ ।**

ଯଥାସମୟରେ ସେମାନଙ୍କର ଗୁରୁକୁଳ ଶିକ୍ଷା ଶେଷ ହେଲା । ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଶିଶିର ଓ ତୁଷାର ଗୁରୁଙ୍କୁ ସାକ୍ଷାତ୍ କଲେ । ଗୁରୁଦକ୍ଷିଣା ଦେବା ପାଇଁ ନିଜ ନିଜର ଅଭିଳାଷ ଜଣାଇଲେ । ଶିଷ୍ୟ ଦୁହିଁଙ୍କର ନିଷ୍ଠାରେ ଗୁରୁ ଅତ୍ୟନ୍ତ ସନ୍ତୁଷ୍ଟ ଥିଲେ । ସେମାନଙ୍କ ପାଖରୁ କୌଣସି ଦକ୍ଷିଣା ଗ୍ରହଣ କରିବା ପାଇଁ ଗୁରୁ ଅନିଚ୍ଛା ପ୍ରକାଶ କଲେ । ଏଥିରେ ଶିଷ୍ୟ ଦୁହିଁଙ୍କର ମନ ବୁଝିଲା ନାହିଁ । ଗୁରୁ ଦକ୍ଷିଣା ନ ଦେଇ ଗୁରୁକୁଳରୁ ବିଦାୟ ନେବେ କିପରି ! ତେଣୁ କିଛି ହେଲେ ଦକ୍ଷିଣା ଗ୍ରହଣ କରିବା ପାଇଁ ସେମାନେ ଗୁରୁଙ୍କୁ ଅନୁରୋଧ କଲେ । ଶିଷ୍ୟ ଦୁହିଁଙ୍କ କଥାକୁ ଗୁରୁ ଏଡ଼ାଇ ପାରିଲେ ନାହିଁ, କିଛି ସମୟ ଚିନ୍ତା କରି କହିଲେ, "ଠିକ୍ ଅଛି, ତୁମେ ଦୁହେଁ ଯଦି ମୋତେ ଦକ୍ଷିଣା ଦେବା ନିମିତ୍ତ ଏତେ ଆଗ୍ରହୀ, ତେବେ କେତୋଟି ଶୁଖିଲା ପତ୍ର ଦକ୍ଷିଣାସ୍ୱରୂପ ଆଣି ମୋତେ ଦିଅ ।"

୯. **ଯେପରି 'ହାସ' ପୂର୍ବରୁ 'ପରି' ଯୋଗ ହୋଇ 'ପରିହାସ' ଶବ୍ଦଟି ହୋଇଛି, ସେହିପରି ପୂର୍ବରୁ 'ପରି' ଯୋଗ କରି ଆଉ ୮ଟି ଶବ୍ଦ ଗଢ଼ିବା ।**

.......................................................................................................

.......................................................................................................

୧୦. **ଯେପରି 'ଶୁଖିଲାପତ୍ର' ସେପରି ଏହି ଗପଟିରେ ଥିବା ନିମ୍ନଲିଖିତ ଶବ୍ଦମାନଙ୍କ ପୂର୍ବରୁ କେଉଁ ଶବ୍ଦ ଯୋଗ ହୋଇଛି ଖୋଜି ଲେଖିବା ।**

| | |
|---|---|
| .............. ଆମ୍ବତୋଟା | .............. ଫସଲ |
| .............. ଔଷଧ | .............. ହସ୍ତ |

## ତୁମପାଇଁ କାମ

୧. ବୃକ୍ଷର ଉପକାରିତା ସମ୍ବନ୍ଧରେ ଅନ୍ୟ ଲେଖା/ପୁସ୍ତକ ସଂଗ୍ରହ କରି ପଢ଼ ।

୨. ପରିବେଶ ପ୍ରଦୂଷଣ ରୋକିବାରେ ଗଛପତ୍ରର ଭୂମିକା ସଂପର୍କରେ ଶିକ୍ଷକଙ୍କ ସହ ଆଲୋଚନା କର ।

# ନୂଆଖାଇ

**ବିପିନବିହାରୀ ବିଶି**

କଥାରେ କୁହନ୍ତି - ଓଡ଼ିଶାରେ ବାରମାସରେ ତେର ପର୍ବ । ସତରେ ଆମ ପର୍ବପର୍ବାଣି ଖାଲି ତେର ସଂଖ୍ୟା ଭିତରେ ସୀମିତ ନୁହେଁ । ଆମ ରାଜ୍ୟ ଓଡ଼ିଶା ପର୍ବପର୍ବାଣିର ଗନ୍ତାଘର । ଏହା ବ୍ୟତୀତ ଆହୁରି ଅନେକ ପର୍ବ ଆନନ୍ଦ ଉତ୍ସାହର ସହ ଆମେ ପାଳନ କରିଥାଉ । ମାନବ ଜୀବନ ଜଞ୍ଜାଳମୟ ଓ ବିଷାଦଗ୍ରସ୍ତ । ଜୀବନରୁ ନୀରସତା ଓ ମନରୁ କ୍ଳାନ୍ତି ଦୂର କରି ଜୀବନକୁ ସରସ ସୁନ୍ଦର ଓ କର୍ମଚଞ୍ଚଳ କରିବାରେ ପର୍ବପର୍ବାଣିର ମୁଖ୍ୟ ଭୂମିକା ରହିଛି । ପର୍ବପର୍ବାଣି ଗୁଡ଼ିକ ମଧ୍ୟରେ 'ନୂଆଖାଇ' ଖୁବ୍ ପ୍ରସିଦ୍ଧ ।

ଇଷ୍ଟଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ସମର୍ପଣ କରି ଖାଇବାର ପର୍ବ ହେଉଛି 'ନୂଆଖାଇ' । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ । ତା ପୂର୍ବଦିନ ବିଦ୍ୟାଦାତା ଓ ବିଘ୍ନବିନାଶକ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ପାଳନ ହୋଇସାରିଥାଏ । 'ନୂଆଖାଇ'ରେ ମା ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସ୍ୱରୂପ ବର୍ଷର ପ୍ରଥମ ଫସଲର ନୂଆ ଧାନକେଣ୍ଡା ଓ ନୂଆ ଚୁଡ଼ାକୁ ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ ।





ନୂଆଖାଇ ବା ନବାନ୍ନଭକ୍ଷଣ ଉପଲକ୍ଷେ କି ଧନୀ କି ଦରିଦ୍ର ସମସ୍ତେ ଘର ସଜାସଜି କାମରେ ଲାଗି ପଡ଼ନ୍ତି । ଘରର ମାଆ, ଝିଅ ଓ ବୋହୂମାନେ ଠାକୁରଘରଠାରୁ ଆରମ୍ଭ କରି ସମସ୍ତ ଘରଦ୍ୱାର, ଦାଣ୍ଡପିଣ୍ଡାକୁ ଲିପାପୋଛା କରନ୍ତି । ଘରେ ବ୍ୟବହୃତ ଖଟ, ପିଢ଼ା, ଡାଲାକୁଲା, ଲୁଗାପଟା, ବିଛଣାପତ୍ର, ଡବାଡବି ଆଦିକୁ ସଫା କରି ସଜାଇ ରଖନ୍ତି । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏ ନରନାରୀମାନେ ଦୋକାନ ବଜାରରେ ବିକାକିଣା କରିବାରେ ଲାଗିପଡ଼ନ୍ତି । ମିଠା ଓ ପିଠାପଣା ପାଇଁ ଚାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ଼ କରାଯାଏ । ପୂଜାପାଇଁ ଧୂପ, ଦୀପ, କର୍ପୂର, ବସ୍ତ୍ର ଓ ପରିଧାନ ପାଇଁ ନୂଆଲୁଗା କିଣାକିଣିରେ ଗହଳି ଚହଳି ଜମିଉଠେ । ପରିବାପତ୍ର ହାଟରେ ଲୋକଭିଡ଼ ହୁଏ । ନୂଆଖାଇ ପୂର୍ବରୁ ଲୋକମାନଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ ।

ପ୍ରସ୍ତୁତି ଭିତରେ ସମସ୍ତେ ବ୍ୟସ୍ତ ଥିବାବେଳେ ସେହି ଆନନ୍ଦର ଦିନ 'ନୂଆଖାଇ' ଆସି ପହଞ୍ଚିଯାଏ । ସେଦିନ ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତ ନରନାରୀ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସାରନ୍ତି । ସଫା ଲୁଗା ପିନ୍ଧି ପୂଜା ସାମଗ୍ରୀ ସଜାଡ଼ି ରଖନ୍ତି । ଘରର ମୁଖିଆ ନୂଆ ଲୁଗା ପରିଧାନ କରି ପୂଜାପାଠରେ ବସନ୍ତି । ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ନୂଆ ଧାନକେଣ୍ଡା ଓ ଚୂଡ଼ା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରି ପୂଜା କରାଯାଏ । ଧୂପ, ଦୀପ, ଚନ୍ଦନ ଓ କର୍ପୂରର ବାସ୍ନାରେ ଘର ମହକି ଉଠୁଥାଏ । ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା ନାଦରେ ଘର ଓ ଅଗଣା ଦୋହଲି ଉଠେ । ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି । ଦେବୀ

ଦେବତାଙ୍କ ପାଖରେ ଲଗାଯାଇଥିବା ଭୋଗରେ  ନୂଆଚୂଡ଼ା, ଘିଅ, ମହୁ, ଗୋରସ, ଗୁଡ଼ ଓ କଦଳୀ ମିଶାଇ ପ୍ରସାଦପ୍ରସ୍ତୁତ କରାଯାଏ । ସମସ୍ତେ ପୂର୍ବଦିଗକୁ ମୁହଁକରି ବସି ପତ୍ରର ଚଉତିରେ ବଢ଼ା ହୋଇଥିବା ଏହି ପ୍ରସାଦକୁ ସେବନ କରନ୍ତି । ତା'ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ଏହାକୁ 'ନୂଆଖାଇ ଜୁହାର' କୁହାଯାଏ । ତା' ପରେ ବଡ଼ମାନେ ଖାଇବା ପାଇଁ ବସନ୍ତି । ଘରେ ତିଆରି ହୋଇଥିବା ପିଠାପଣା, ଖିରିପୁରି, ମିଠା ତଥା ଭଳିକିଭଳି ଡାଲି, ତରକାରି ପ୍ରସାଦରୂପେ ସେବନ କରି ସମସ୍ତେ ଆନନ୍ଦ ଉପଭୋଗ କରନ୍ତି ।

ନୂଆ ଖାଇସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ବାହାରି ପଡ଼ନ୍ତି 'ନୂଆଖାଇ ଭେଟ୍ ଘାଟ୍' ପାଇଁ । ଘରଘର ସାହି ସାହି ବୁଲି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ବୁଢ଼ାବୁଢ଼ୀମାନେ ହସଖୁସିରେ କହନ୍ତି "ବଞ୍ଚିଥିଲେ ଆର ବରଷକେ ଦେଖା ହେମାଁ" । ଏହି ପର୍ବରେ ବୁଢ଼ାବୁଢ଼ୀଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଗାଁର ମନ୍ଦିରକୁ ଯାଇ ଦେବଦର୍ଶନ କରିବାର ବିଧି ରହିଛି । "ଖରିଫ୍ ଓ ରବିଫସଲର ଉତ୍ପାଦନ ବଢ଼ୁ ଏବଂ ସଂସାରରୁ ଅନ୍ନ କଷ୍ଟ ଦୂର ହେଉ" ବୋଲି ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଏ । ସଞ୍ଜ ନଇଁଆସିଲେ ଖେଳକୁଦ, ମଉଜମଜ୍‌ଲିସ୍‌ରେ ସମସ୍ତେ ମଜ୍ଜିଯାଆନ୍ତି । ଘୁମୁରା ନାଚ, ଭଜନ, କୀର୍ତ୍ତନ, ନାଟ-ତାମସା ଓ ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି । ବିଶେଷକରି ଆଦିବାସୀ ସଂପ୍ରଦାୟ ଲୋକଙ୍କ ନାଚଗୀତ ଓ ବାଦ୍ୟ ବେଶ୍ ଆନନ୍ଦଦାୟକ ହୋଇଥାଏ । ସେମାନେ ଏହି ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରିଥାନ୍ତି ।

ନୂଆଖାଇ ଏକ ସାମାଜିକ ଓ କୃଷିଭିତ୍ତିକ ପର୍ବ । ଏହି ପର୍ବ ପାଳନ ଫଳରେ ନୂଆ ଫସଲ ଅମଳ ପାଇଁ କୃଷକ ମନରେ ଆନନ୍ଦ ଓ ଉତ୍ସାହ ବଢ଼ିଯାଏ । ଏ ପର୍ବ ଉପଲକ୍ଷେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଆଗରୁ ଆସି ଘରେ ପହଞ୍ଚିଥାନ୍ତି । ଏହି ପର୍ବର ବିଶେଷତ୍ୱ ହେଲା ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ । ଏଥିରେ ଜାତି ଅଜାତି, ଉଚ୍ଚନୀଚ ଭେଦଭାବ ନ ଥାଏ । ସମସ୍ତଙ୍କ ମନରୁ ବାଦ-ବିବାଦ, ମାନ-ଅଭିମାନ, ରାଗ-ରୁଷା ଅପସରି ଯାଇଥାଏ । ଆମର ବ୍ୟକ୍ତିଗତ ଓ ସାମାଜିକ ଜୀବନ ସଦ୍‌ଭାବନାରେ ପୂରିଉଠେ । ଆମର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଠିକ୍ ବାଟରେ ପରିଚାଳିତ କରିବାରେ ଏହା ବିଶେଷ ସହାୟକ ହୁଏ ।



## ଲେଖକ ପରିଚୟ

**ଶ୍ରୀ ବିପିନ ବିହାରୀ ବିଶି** ୧୯୪୯ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । 'ନିଷ୍ଟୁପ ଆରୋହୀ' ତାଙ୍କ ଦ୍ୱାରା ରଚିତ ପୁସ୍ତକ । ଏହା ସହିତ ତାଙ୍କର ଅନେକ ଲେଖା 'ସପ୍ତର୍ଷି' ପତ୍ରିକାରେ ପ୍ରକାଶିତ ହୋଇଛି ।

## ଶିକ୍ଷକଙ୍କ ପାଇଁ ସୂଚନା

+ ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିବେ ।
+ ଓଡ଼ିଶାରେ ବିଭିନ୍ନ ମାସରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବେ ।
+ ପ୍ରସଙ୍ଗରେ ଥିବା ଆମ ରାଜ୍ୟର ପଶ୍ଚିମ ଅଞ୍ଚଳରେ ବ୍ୟବହୃତ ଭାଷା ପିଲାମାନେ ଶୁଣିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି କରିବେ । ନିଜେ କିଛି ଅଧିକ ଜାଣିଥିଲେ କିମ୍ବା ସଂଗ୍ରହ କରି ସେହି ଭାଷା ପିଲାଙ୍କୁ କହିବେ ।
+ ଯେ କୌଣସି ପର୍ବ ପାଳନ ପାଇଁ ଉଦ୍ଦିଷ୍ଟ ନୀତି ଓ ବିଧି ପାଳନର ଗୁରୁତ୍ୱକୁ ପିଲାମାନେ ଯେପରି ଉପଲବ୍ଧି କରିବେ, ସେଥିପାଇଁ ଦୃଷ୍ଟି ଦେବେ ଏବଂ ଏହି ପର୍ବ ସାରା ରାଜ୍ୟରେ ଏକ କୃଷିଭିତ୍ତିକ ମହାନ୍‌ପର୍ବ ବୋଲି ବୁଝାଇବେ ।
+ ପ୍ରସଙ୍ଗରେ ଥିବା 'ସର୍ବନାମ ପଦ' ଓ 'ଅବ୍ୟୟ ପଦ' ସହିତ ପିଲାଙ୍କୁ ପରିଚିତ କରାଇବେ ।

## ସୂଚନା

ନବାନ୍ନ- ନୂଆ ଅନ୍ନ, ବର୍ଷରେ ପ୍ରଥମ ଉତ୍ପାଦିତ ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅନ୍ନ, ଯାହାକୁ ଅନୁକୂଳ କରି ଦେବାଦେବୀଙ୍କ ନିକଟରେ ଭୋଗ କରାଯାଇ ଖିଆଯାଏ ।

ଗୋରସ – କ୍ଷୀର

ଚଉତି – ପତ୍ରରେ ତିଆରି ଠୁଙ୍ଗା ବା ଠୋଲା

ଜୁହାର – ପ୍ରଣାମ, ନମସ୍କାର

ଭେଟ୍‌ଘାଟ୍ – ଭେଟାଭେଟି, ସାକ୍ଷାତ୍

ଆର ବରଷ୍‌କେ – ପର ବର୍ଷକୁ , ଆଗାମୀ ବର୍ଷକୁ

ଦେଖା ହେମାଁ – ଦେଖା ହେବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ପିଢ଼ା | ସାମିତ | ଗନ୍ତାଘର | ମୁଖିଆ | ଉଦ୍ଦୀପନା |
| ଗୋରସ | ନୀରସ | ଇଷ୍ଟଦେବୀ | ସଂପ୍ରଦାୟ | ପରମ୍ପରା |

## ଅଭ୍ୟାସ

୧ . **ଆସ କଥାବାର୍ତ୍ତା ହେବା ।**

କ) ଆମେ ବିଭିନ୍ନ ପର୍ବ ପାଳନ କରିଥାଉ କାହିଁକି ?

ଖ) ନୂଆଖାଇ ପର୍ବ କେଉଁ ଦିନ ପାଳିତ ହୁଏ ?

ଗ) ନୂଆଖାଇ ପୂର୍ବରୁ କେଉଁ ପର୍ବ ପାଳନ କରାଯାଏ ?

ଘ) ଏହି ପର୍ବ ଆମକୁ କ'ଣ ଶିଖାଇ ଥାଏ ?

ଙ) ଏ ପର୍ବର ବିଶେଷତ୍ୱ କ'ଣ ?

୨ . **ବାଲ୍‌ଟିରେ କେତେଗୁଡିଏ ଶବ୍ଦ ଓ ମାଠିଆରେ ତାର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଗୁଡ଼ିକ ଅଛି, ତାକୁ ଏକାଠି କରି ଲେଖିବା ।**







.................... ..............................

.................... ..............................

.................... ..............................

.................... ..............................

.................... ..............................

୩. **ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକର ବିପରୀତ ଲିଙ୍ଗ ପ୍ରକାଶ କରୁଥିବା ଶବ୍ଦଗୁଡ଼ିକୁ ଲେଖିବା ।**

ନର-------, ବୁଢ଼ା---------- ଇଷ୍ଟଦେବୀ----------

ବୋହୂ------- ପିତୃ-----------

୪ . **ଠିକ୍ ବନାନ ଥିବା ଶବ୍ଦଟିକୁ ବାଛି ତଳ କୋଠରିରେ ଲେଖିବା ।**

| | | | | |
|---|---|---|---|---|
| ସରସ | ସିମୀତ | ଉସ୍ଥାହ | ସାମଗ୍ରି | ଭାତୃତ୍ୱ |
| ଶରସ | ସିମିତ | ଉତ୍ସାହ | ଷାମଗ୍ରୀ | ଭ୍ରାତୃତ୍ୱ |
| ସରଶ | ସୀମିତ | ଉଚ୍ଛାହ | ଶାମଗ୍ରୀ | ଭ୍ରାତୁତ୍ୱ |
| ଶରଶ | ସୀମୀତ | ଉସ୍ତାହ | ସାମଗ୍ରୀ | ଭାତ୍ରୁତ୍ୱ |
| | | | | |

୫. 'ପିଲାମାନେ ପଡ଼ିଆରେ ଖେଳୁଛନ୍ତି' ଏହି ବାକ୍ୟରେ ଖେଳିବା କାମକୁ ପିଲାମାନେ କରୁଛନ୍ତି । ତେଣୁ 'ପିଲାମାନେ' ହେଉଛି କର୍ତ୍ତା ଓ 'ଖେଳୁଛନ୍ତି' କ୍ରିୟା । ସେହିପରି ତଳ ବାକ୍ୟଗୁଡ଼ିକରେ କର୍ତ୍ତା ଚାରିପଟେ ଗୋଲ ବୁଲାଇବା ଓ କ୍ରିୟା ପଦ ତଳେ ଗାର ଦେବା ।

କ) ଝିଅବୋହୂମାନେ ଘରଦ୍ୱାର ସଜାଡ଼ନ୍ତି ।

ଖ) ମୁଁ ବାପାଙ୍କ ସାଙ୍ଗରେ ଭୋଜି ଖାଇବାକୁ ଗଲି ।

ଗ) ଚପଳା କାଲି ନୟାଗଡ଼ରୁ ଫେରିବ ।

ଘ) ତୁମେମାନେ କାହିଁକି ସମୟ ନଷ୍ଟ କରୁଛ ?

ଙ) ଅଳସୁଆ ଦୁଃଖ ପାଏ ।

୬. ଘରର ମୁଖିଆ ନୂଆ ଲୁଗା ପିନ୍ଧନ୍ତି ।

ସେ ପୂଜାପାଠ କରନ୍ତି ।

ପ୍ରଥମ ବାକ୍ୟରେ ଥିବା 'ଘରର ମୁଖିଆ'ଙ୍କୁ ବୁଝାଇବା ପାଇଁ ଦ୍ୱିତୀୟ ବାକ୍ୟରେ 'ସେ' ବ୍ୟବହାର କରାଯାଇଛି । ସେହିପରି ତଳ ବାକ୍ୟଗୁଡ଼ିକରେ <u>ଗାର</u> ଦିଆଯାଇଥିବା ଶବ୍ଦକୁ ବୁଝାଇବା ପାଇଁ ଯେଉଁ ଶବ୍ଦ ବନ୍ଧନୀରୁ ବ୍ୟବହାର କରାଯିବ ତା ଚାରିପଟେ 'O' ବୁଲାଇବ ।

କ) <u>ପୁଅଝିଅ</u> ପାଠ ପଢ଼ିଲେ ଘରର ଓ ଦେଶର ମଙ୍ଗଳ । (ସେ, ସେମାନେ)

ଖ) <u>ମୋତେ ଓ ମୋ ସାଙ୍ଗଙ୍କୁ</u> ପୁରସ୍କାର ମିଳିଲା । (ଆମ୍ଭମାନଙ୍କୁ, ସେମାନଙ୍କୁ)

ଗ) <u>ବିଜୟବାବୁଙ୍କ</u> ବଗିଚାଟି ଖୁବ୍ ସୁନ୍ଦର ହୋଇଛି । (ତାଙ୍କର, ତୁମ୍ଭର)

ଘ) ନୂଆଖାଇ <u>କୃଷକମାନଙ୍କର</u> ଆନନ୍ଦ ଉଲ୍ଲାସର ପର୍ବ । (ତୁମମାନଙ୍କର, ସେମାନଙ୍କର)

୭. ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି ।

ଏହି ବାକ୍ୟରେ 'ଓ', 'ଯଦି' ଶବ୍ଦ ଦୁଇଟି ଅବ୍ୟୟ ପଦ । ସେହିପରି ତଳ ବାକ୍ୟଗୁଡ଼ିକରେ ଥିବା ଅବ୍ୟୟ ପଦକୁ ବାଛି ଲେଖିବା ।

କ) ମୁଁ ତାକୁ ଡାକିଲି, କିନ୍ତୁ ସେ ଆସିଲା ନାହିଁ ।

ଉ. ...............

ଖ) ବୃକ୍ଷଲତା ତ ଆମର ବନ୍ଧୁ ।

ଉ. ...............

ଗ) ଅଳସୁଆ ହୋଇ ବସ ନାହିଁ, ବରଂ କିଛି କାମ କର ।

ଉ. ...............

ଘ) ମୁଁ ତାକୁ ଏତେ ଅନୁରୋଧ କଲି, ତଥାପି ସେ ମୋ କଥା ଶୁଣିଲା ନାହିଁ ।

ଉ. ...............

ଙ) ସେ ଆଜି ଆସିଥିଲେ, ପୁଣି କାଲି ଆସିବେ ।

ଉ. ...............

୮. ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ନୂଆଖାଇ ପର୍ବ କେବେ ପାଳନ କରାଯାଏ ?

ଉ. ...............................................................................

ଖ) ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ କିପରି ନିଜକୁ ପ୍ରସ୍ତୁତ କରନ୍ତି ?

ଉ. ...............................................................................

ଗ) 'ନୂଆଖାଇ ଜୁହାର' କିଏ କାହାକୁ କରନ୍ତି ?

ଉ. ...............................................................................

ଘ) 'ନୂଆଖାଇ ଭେଟ୍‌ଘାଟ୍' କେତେବେଳେ ହୋଇଥାଏ ?

ଉ. ...............................................................................

ଙ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ଲେଖ ।

ଉ. ...............................................................................

୯.  ନିଜ ଭାଷାରେ ବୁଝାଇ ଲେଖିବା ।

ଏଥିରେ ଜାତିଅଜାତି, ଉଚ୍ଚନୀଚ ଭେଦଭାବ ନ ଥାଏ ।

ଉତ୍ତର :

୧୦.  ତଳେ କିଛି ପର୍ବ ଓ ସେହି ପର୍ବଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ବିଷୟରେ ସୂଚନା ଦିଆଗଲା ।ଆସ ଗାର ଟାଣି ସେମାନଙ୍କୁ ମିଶାଇବା ।

| | |
|---|---|
| ଇଦ୍-ଉଲ୍-ଫିତର୍ | ଡିସେମ୍ବର ମାସ ୨୫ ତାରିଖ |
| ରକ୍ଷା ବନ୍ଧନ | ଅଗଷ୍ଟ ୧୫ ତାରିଖ |
| ବଡ଼ଦିନ | ଭାଦ୍ରବ କୃଷ୍ଣ ଅଷ୍ଟମୀ |
| ଶ୍ରୀକୃଷ୍ଣ ଜନ୍ମ | ଶ୍ରାବଣ ପୂର୍ଣ୍ଣିମା |
| ସ୍ୱାଧୀନତା ଦିବସ | ରମ୍‌ଜାନ୍ ସରିବା ପରଦିନ |
| | କାର୍ତ୍ତିକ ପୂର୍ଣ୍ଣିମା |

୧୧.  ତଳେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦ ପାଇଁ କେତୋଟି ଅର୍ଥ ଦିଆଯାଇଛି ।ଠିକ୍ ଅର୍ଥ ସ୍ଥାନରେ ଗୋଲ୍ ବୁଲାଅ ।

ଉଦ୍ଦୀପନା – ମିଳନ, ଉତ୍ସାହ,ଆଗ୍ରହ

ପରମ୍ପରା – ସୌନ୍ଦର୍ଯ୍ୟ, ପ୍ରଗତି, ପ୍ରଥା

ସଂପ୍ରଦାୟ – ଧାର୍ମିକ, ଗୋଷ୍ଠୀ, ପୂଜାରୀ

ବିଷାଦ– ଜଞ୍ଜାଳ, କ୍ରୋଧ, ଦୁଃଖ

୧୨.  ତଳେ ଦିଆଯୋଇଥିବା ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କର ।

ରାଗରୁଷା, ବାଦବିବାଦ, ମାନଅଭିମାନ, ଭେଦଭାବ,

## ତୁମପାଇଁ କାମ

ତୁମ ଅଞ୍ଚଳରେ ପାଳିତ ହେଉଥିବା ଯେ କୌଣସି ଏକ ପର୍ବ ବିଷୟରେ ବର୍ଣ୍ଣନା କରି ରଚନାଟିଏ ଲେଖ ।

# ଫୁଲ

ପଣ୍ଡିତ ମୃତ୍ୟୁଞ୍ଜୟ ରଥ

ମୋ ବାସ ଗଛରେ ଲଟାବୁଦାରେ
ଶାଗ ଶିଉଳିରେ ଘାସ ହୁଡ଼ାରେ ।

ମୁଁ ଥାଏ ପର୍ବତେ ଜଳ ସ୍ଥଳରେ
ବନେ ଉପବନେ କୂଳ କନ୍ଦରେ ।



ମୁଁ ଥାଏ କୁଞ୍ଜରେ ମନ୍ଦିର ପାଶେ
ସଞ୍ଜ ସକାଳରେ ମୁଁ ଫୁଟି ବାସେ ।

ମୋ ରୂପ ସୁନ୍ଦର କେତେ ନିର୍ମଳ
ପତର ଉପରେ ଦିଶେ ସୁଢ଼ଳ ।



କି ଯୁବା ବାଳକ ଅବା ସ୍ଥବିର
ମୋତେ ଦେଖିଲେଟି ହୋନ୍ତି ଅଧୀର ।

ମୋତେ କେ ଗଳାରେ କେବା ମୁଣ୍ଡରେ
ଥୁଅନ୍ତି, ନ ଦଳି କେହି ପୟରେ ।

ମୋ ବାସ ଚୌଦିଗେ ଯାଏ ଚହଟି
ପବନ ମହକି ଥାଏ ଜାଣଟି ?

ବଣା ହୋଇ ଧାଇଁ ଆସେ ଭଅଁର
ଆଦରନ୍ତି ପଶୁପକ୍ଷୀ ସକଳ ।

ମୋ କାନ୍ତି ଦେଖିଲେ ଯୋଗୀଙ୍କ ଶାନ୍ତି
ମୋ ଦେହେ ଦେବତା ସେ ଦେଖୁଥାନ୍ତି ।



ପୂଜା ଲାଗି ମୁହିଁ ଯାଏ ବିଧିରେ
କେଉଁ ଦେବତାର ନ ବସେ ଶିରେ !

ମୋହ ଯୋଗୁଁ ପଟ ଯାଏ ନିସ୍ତରି
କୀଟ ବସେ ପୁଣି ଶିରେ ସବୁରି ।



## କବି ପରିଚୟ

**ପଣ୍ଡିତ ମୃତ୍ୟୁଞ୍ଜୟ ରଥ** ୧୮୮୨ ମସିହା ମଇ ମାସ ୧୪ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ସ୍ୱଳ୍ପ ଜୀବନ କାଳ ମଧ୍ୟରେ 'ବିକ୍ରମୋର୍ବଶୀ', 'ମୁଦ୍ରାରାକ୍ଷସ', 'ମୃଚ୍ଛକଟିକ','ବେଣୀସଂହାର' ଇତ୍ୟାଦି ସଂସ୍କୃତ ନାଟକକୁ ଓଡ଼ିଆରେ ଏବଂ 'ଅଦ୍ଭୁତ ପରିଣାମ' ଉପନ୍ୟାସ ଓ 'କର୍ମଯୋଗୀ ଗୌରୀଶଙ୍କର', 'ଶାରଳା ଚରିତ', 'ସରଳ ଓଡ଼ିଆ ଅଭିଧାନ', 'ସୁଖବୋଧ ବ୍ୟାକରଣ' ଇତ୍ୟାଦି ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ କବି ପରିଚୟ ଓ କବିତାର ପୃଷ୍ଠଭୂମି ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।
- ସ୍ରଷ୍ଟାଙ୍କର ପ୍ରତିଟି କ୍ଷୁଦ୍ର ସୃଷ୍ଟି ଯେ କେତେ ମହତ୍ତ୍ୱପୂର୍ଣ୍ଣ ତାହା ପିଲାଙ୍କୁ ଅବଗତ କରାଇବେ ।
- ଆଲୋଚନା ସମୟରେ ଫୁଲ ସହିତ ଶିଶୁର ତୁଳନାତ୍ମକ ବିବରଣୀ ଦେବେ ।
- ଫୁଲ ପରି ଆଉ ଯେଉଁ କ୍ଷୁଦ୍ର ସୃଷ୍ଟି ଦ୍ୱାରା ମନୁଷ୍ୟ ସମାଜର ହିତ ସାଧିତ ହେଉଛି ସେଗୁଡ଼ିକର ଯଥାର୍ଥ ଉଦାହରଣ ଦେବେ ।
- ଶିଶୁମାନଙ୍କ ଅନ୍ତରରେ ପ୍ରକୃତି ପ୍ରେମ ଓ ସୌନ୍ଦର୍ଯ୍ୟବୋଧ ଉଦ୍ରେକ କରାଇବେ ।

## ସୂଚନା

ବାସ - ରହିବା ସ୍ଥାନ

କନ୍ଦର - ଗୁମ୍ଫା

କୁଞ୍ଜ - ଫୁଲବଗିଚାରେ ଲତାଳିଆ ଫୁଲଗଛକୁ କୁଡ଼ିଆ ଭଳି ସଜାଯାଇଥିବା ସ୍ଥାନ

ସ୍ଥବିର - ବୃଦ୍ଧ

ବଣା ହେବା - ବାଟ ଭୁଲିଯିବା

ବିଧିରେ - ପବିତ୍ର ଭାବରେ, ନିୟମ ଅନୁସାରେ

ପଟ - କଦଳୀପଟୁକାର ଶୁଖିଲା ତନ୍ତୁ ଯାହାକୁ ସୂତା ଭଳି ବ୍ୟବହାର କରାଯାଇ ଫୁଲକୁ ଗଣ୍ଠି ପକାଇ ମାଳା ତିଆରି କରଯାଏ ।

ଚୌଦିଗ -ଚାରି ଦିଗ, ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

କନ୍ଦର, ବାସ, ଉପବନ, ସକଳ, ସୁଜଳ, କାନ୍ତି, ନିସ୍ତରି

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) କେଉଁ ସବୁ ସ୍ଥାନରେ ଫୁଲ ଫୁଟି ବାସେ ?

ଖ) ଫୁଲକୁ ଆମେ କେଉଁ ସବୁ କାମରେ ବ୍ୟବହାର କରୁ ?

ଗ) ଫୁଲ ଯୋଗୁଁ ଆଉ କିଏ ସବୁ ଉପକାର ପାଇଥାନ୍ତି ?

ଘ) ଯୋଗୀମାନେ ଫୁଲକୁ କେଉଁ ଦୃଷ୍ଟିରେ ଦେଖନ୍ତି ?

ଙ) କେଉଁମାନେ ଫୁଲଦ୍ୱାରା ଆକୃଷ୍ଟ ହୋଇଥାନ୍ତି ?

୨. **ପାଦର ଖାଲି ଅଂଶ ପୂରଣ କରିବା ।**

କ) ମୁଁ ଥାଏ ପର୍ବତେ ............................ ।

ଖ) ............................ କୂଳ କନ୍ଦରେ ।

ଗ) ............................ ଯୋଗୀଙ୍କ ଶାନ୍ତି ।

ଘ) କେଉଁ ଦେବତାର ......................... ।

ଙ) ବଣା ହୋଇ ଧାଇଁ ........................... ।

ଚ) ............................... ମନ୍ଦିର ପାଶେ ।

୩. **ତଳେ ଗାର ଦିଆଯାଇଥିବା ଶବ୍ଦଟି ଯେଉଁ ଅର୍ଥରେ ବ୍ୟବହାର କରାଯାଇଛି ତାହା ପାଖ ବନ୍ଧନୀରେ ଦିଆଯାଇଛି । ସେଥିରୁ ଠିକ୍ ଅର୍ଥ ବୁଝାଉଥିବା ଶବ୍ଦ ଚାରିପଟେ ଗୋଲ ବୁଲାଇବା ।**

କ) ମୋ ବାସ ଗଛରେ ଲଟା ବୁଦାରେ । (ବାସ୍ନା, ରହିବା ସ୍ଥାନ)

ଖ) ମୋ ବାସ ଚୌଦିଗେ ଯାଏ ଚହଟି । (ବସ୍ତ୍ର, ବାସ୍ନା)

ଗ) ପତର ଉପରେ ଦିଶେ ସୁନ୍ଦର । (ଗଛର ପତ୍ର, ଚିଠିପତ୍ର)

ଘ) ଥୁଅନ୍ତି, ନ ଦଳି କେହି ପୟରେ । (ଜଳରେ, ପାଦରେ)

ଙ) କେଉଁ ଦେବତାର ନ ବସେ ଶିରେ ! (ମସ୍ତକରେ, ପ୍ରଶିରାରେ)

୪. ପର୍ବତକୁ' କବିତାରେ 'ପରବତ' ଲେଖାଯାଇପାରେ । ସେହିପରି ତଳେ ଦିଆଯାଇଥିବା ଶବ୍ଦର ପଦ୍ୟରୂପ ଲେଖିବା ।

ନିର୍ମଳ, ଚୌଦିଗେ, ପତ୍ର

ଉ. .................... .................... ....................

୫. 'ମୋହ ଯୋଗୁଁ ପଟ ଯାଏ ନିସ୍ତରି', ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।

ଉ.

୬. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ଫୁଲକୁ ପାଇବାପାଇଁ ଗଛ କି କଷ୍ଟ ସହିଛି ?

ଉ. ..........................................................................................

ଖ) ପବନ କେତେବେଳେ ମହକି ଥାଏ ?

ଉ. ..........................................................................................

ଗ) ଭଅଁର ବଣା ହୋଇ ଫୁଲ ପାଖକୁ ଧାଇଁ ଆସେ କାହିଁକି ?

ଉ. ..........................................................................................

ଘ) ଫୁଲ ଯୋଗୁଁ ଆଉ କେଉଁ କ୍ଷୁଦ୍ର ପଦାର୍ଥର ମର୍ଯ୍ୟାଦା ବୃଦ୍ଧି ହୋଇଥାଏ ?

ଉ. ..........................................................................................

ଙ) ତୁମେ ଛୋଟ ଫୁଲଟିଏ ହୋଇଥିଲେ ସମାଜର କି ଉପକାର କରିଥାନ୍ତ, ଲେଖ ।

ଉ. ..........................................................................................

୭.  'କ' ସ୍ତମ୍ଭରେ ଥିବା ଶବ୍ଦ ସହିତ 'ଖ' ସ୍ତମ୍ଭର ଯେଉଁ ଶବ୍ଦର ସଂପର୍କ ଅଛି ତାକୁ ଗାର ଟାଣି ଯୋଡ଼ିବା ଓ ଯେଉଁ ନୂଆ ଯୁଗ୍ମଶବ୍ଦଟି ହେଲା ତାକୁ ବାକ୍ୟରେ ବ୍ୟବହାର କରିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | | |
|---|---|---|---|
| ଲଟା | ସକାଳ | .................. | ............................................ |
| ଶାଗ | ପକ୍ଷୀ | .................. | ............................................ |
| ଜଳ | ବୁଦା | .................. | ............................................ |
| ବନ | ସ୍ଥଳ | .................. | ............................................ |
| ସଞ୍ଜ | ଶିଉଳି | .................. | ............................................ |
| ଖରା | ଉପବନ | .................. | ............................................ |
| ପଶୁ | ବର୍ଷା | .................. | ............................................ |

## ତୁମପାଇଁ କାମ

୧.  ଯେ କୌଣସି ୩ଟି ଫୁଲର ଚିତ୍ର ଅଙ୍କନ କରି ତାକୁ ରଙ୍ଗ ଦିଅ ।

୨.  ତୁମ ବିଦ୍ୟାଳୟରେ ଫୁଲ ସଂପର୍କରେ ଏକ ବକ୍ତୃତା ପ୍ରତିଯୋଗିତା ହେବ । ସେହି ପ୍ରତିଯୋଗିତାରେ ତୁମେ କ'ଣ କହିବ ଲେଖିକରି ଆଣିବ ।

AHS9YI

# ମାନିଆରୁ ମାଡାମ୍ କ୍ୟୁରୀ


ଶୈଳେଶ ଚନ୍ଦ୍ର ପଟ୍ଟନାୟକ



ଅନ୍ଧାର ରାତିରେ ଟେବୁଲ ଉପରେ ଥୁଆ ହୋଇଥିବା ଗୋଟିଏ ହାତବନ୍ଧା ଘଡ଼ିକୁ ଲକ୍ଷ୍ୟ କର । ତୁମେ ଦେଖିବ, ଏହାର ଘଣ୍ଟା କଣ୍ଟା, ମିନିଟ୍ କଣ୍ଟା ଓ ଏଥିରେ ଲେଖାଯାଇଥିବା ଅଙ୍କଗୁଡ଼ିକ ଖଦ୍ୟୋତର ଆଲୁଅ ଭଳି ଚିକ୍‌ଚିକ୍ କରୁଛି । ଏହାଦ୍ୱାରା ବିନା ଆଲୁଅରେ ମଧ୍ୟ ତୁମେ ଘଣ୍ଟା ଦେଖି ସମୟ କହିପାରିବ । କେଡ଼େ ମଜା ସତେ ! ଦିନବେଳେ ଏହି ଚିକ୍‌ଚିକ୍ କରୁଥିବା ପଦାର୍ଥର ରଙ୍ଗ ଈଷତ୍ ସବୁଜ ଦେଖାଯାଏ । କେବଳ ହାତଘଣ୍ଟା କାହିଁକି, କାନ୍ଥ ଘଣ୍ଟା ଓ ଟେବୁଲ ଘଣ୍ଟାର କଣ୍ଟା ଏବଂ ତାହାର ଅଙ୍କଗୁଡ଼ିକ ମଧ୍ୟ ଅନ୍ଧାରରେ ଚିକ୍‌ଚିକ୍ କରେ । ଏହି ଈଷତ୍ ସବୁଜ ରଙ୍ଗର ପଦାର୍ଥଟି ହେଉଛି 'ରେଡିୟମ୍' ।

ରେଡିୟମ୍ ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ୍ ଓ ତେଜସ୍କ୍ରିୟ ଧାତବ ପଦାର୍ଥ । ଏହାକୁ ଆବିଷ୍କାର କରିଥିଲେ ମାଡାମ୍ କ୍ୟୁରୀ ନାମକ ଜଣେ ମହୀୟସୀ ମହିଳା ଓ ତାଙ୍କ ସ୍ୱାମୀ ପେରି କ୍ୟୁରୀ । ଏଥିପାଇଁ ସେ ଦୁହିଁଙ୍କୁ କମ୍ ଶ୍ରମ, ସାଧନା ଓ ତ୍ୟାଗ କରିବାକୁ ପଡ଼ି ନ ଥିଲା । ସେହି ଶ୍ରମ ଓ ସାଧନାର ଅମୃତ ଫଳ ଆଜି ସମଗ୍ର ଜଗତ ଭୋଗ କରୁଛି । ଏହି ଆବିଷ୍କାର ନିମନ୍ତେ ସେ ଦୁହିଁଙ୍କୁ ୧୯୦୩ ମସିହାରେ ନୋବେଲ୍ ପୁରସ୍କାର ପ୍ରଦାନ କରଯାଇଥିଲା ।

୧୮୬୭ ମସିହା ନଭେମ୍ବର ୭ ତାରିଖରେ ମାଡାମ୍ କ୍ୟୁରୀଙ୍କର ଜନ୍ମ । ପିଲାଦିନେ ତାଙ୍କ ନାଆଁ ଥିଲା ମେରୀ । ପିତା ମାତା ଶ୍ରଦ୍ଧାରେ ଡାକୁଥିଲେ ମାନିଆ । ତାଙ୍କର ଆଉ ଚାରୋଟି ଭାଇ ଭଉଣୀ ଥିଲେ । ସେମାନେ ସମସ୍ତେ ଥିଲେ ପୋଲାଣ୍ଡ ଦେଶର ଅଧିବାସୀ । ପୋଲାଣ୍ଡ ସେତେବେଳେ ରୁଷ ଅଧୀନରେ ଥିଲା । ମାନିଆର ବାପା ପୋଲାଣ୍ଡର ଭରସଉ ସହରର ଗୋଟିଏ ମାଧ୍ୟମିକ ବିଦ୍ୟାଳୟରେ ଜଣେ ବିଜ୍ଞାନ ଓ ଗଣିତ ଶିକ୍ଷକରୂପେ



ନିଯୁକ୍ତ ହୋଇଥିଲେ । ତାଙ୍କ ମାଆ ମଧ୍ୟ ଥିଲେ ଶିକ୍ଷିତା । ସେ ଅନ୍ୟ ଏକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରୁଥିଲେ ।

କିଛି ଦିନ ପରେ ମାଆ ଯକ୍ଷ୍ମା ରୋଗରେ ପୀଡ଼ିତା ହୋଇ ଚାକିରି ଛାଡ଼ିଲେ । ବାପାଙ୍କର ସ୍ୱଳ୍ପ ଆୟରେ ପରିବାରଟି କଷ୍ଟେମଷ୍ଟେ ଚଳିଲା । ଘରକାମ, ରନ୍ଧାବଢ଼ା ଓ ମାଆଙ୍କର ସେବାରେ ମାନିଆଙ୍କର ବହୁ ସମୟ ଗଲା । ତଥାପି ସେ ସମୟ ସଞ୍ଚୟ କରି ପାଠ ପଢୁଥା'ନ୍ତି । କାରଣ ପାଠପଢ଼ାରେ ତାଙ୍କର ଭାରି ମନ ।

ମାନିଆଙ୍କର ସ୍ମୃତିଶକ୍ତି ଥିଲା ଅସାଧାରଣ । ସେ କୌଣସି କବିତାକୁ ଦୁଇଥର ପଢ଼ିଦେଲେ ଆମୂଳଚୂଳ ମନେରଖି ନିର୍ଭୁଲଭାବେ ଆବୃତ୍ତି କରିପାରୁଥିଲେ । ସେ ବହି ଖଣ୍ଡିଏ ପଢ଼ିବାବେଳେ ସେଥିରେ ଏଭଳି ମଜ୍ଜି ଯାଉଥିଲେ ଯେ, ତାଙ୍କ ଚାରିପଟେ କଅଣ ଘଟୁଛି, ସେ କଥା ସେ ଜାଣିପାରୁ ନ ଥିଲେ ।

ତାଙ୍କର ଅନ୍ୟ ଭାଇଭଉଣୀମାନେ ନାଚିକୁଦି ଡେଇଁ ଘର କମ୍ପାଉଥିବାବେଳେ ସେ ଏକାଗ୍ର ଭାବରେ ଗୋଟିଏ ସ୍ଥାନରେ ବସି ପଢୁଥିଲେ ।

ଦିନକର ଘଟଣା । ମାନିଆ ତାଙ୍କ ଛୋଟ ଘରଟିରେ ବସି ଗୋଟିଏ ବହି ପଢୁଛନ୍ତି । ବହିର ପୃଷ୍ଠା ବ୍ୟତୀତ ଅନ୍ୟ କୌଣସିରେ ଧ୍ୟାନ ନାହିଁ । ତାଙ୍କ ଭାଇଭଉଣୀମାନେ କୌତୁକ ଦେଖିବା ପାଇଁ ତାଙ୍କ ଚାରିପଟେ ଓ ତାଙ୍କ ମୁଣ୍ଡ ଉପରେ ଘରର ସବୁ ଚୌକି ଆଣି ପାହାଡ଼ଭଳି ସଜାଇ ଦେଲେ । ତଥାପି ମାନିଆଙ୍କର ସେଥିପ୍ରତି ନଜର ନାହିଁ । ଅଧଘଣ୍ଟା ପରେ ବହିଟି ପଢ଼ିସାରି ସେ ମୁଣ୍ଡ ଉଠାଇବା ବେଳକୁ ଚଉକିଗୁଡ଼ିକ ଦୁଲ୍‌ଦାଲ୍ ପଡ଼ିଗଲା । ଭାଇଭଉଣୀମାନେ ସମସ୍ତେ ହସିଲେ, ତାଙ୍କ ସହିତ ମାନିଆ ମଧ୍ୟ ହସି ପକାଇଲେ ।

ମାନିଆଙ୍କୁ ଯେତେବେଳେ ମାତ୍ର ଦଶବର୍ଷ, ମାଆ ଇହଧାମ ତ୍ୟାଗ କରିଥିଲେ । ଦୁଇ ବର୍ଷ ପୂର୍ବରୁ ଟାଇଫଏଡ ରୋଗରେ ତାଙ୍କ ସବା ବଡ଼ ଭଉଣୀ ଯୋସିଆର ମୃତ୍ୟୁ ହୋଇଥିଲା । ଘର କାମର ଦାୟିତ୍ୱ ଏଣିକି ବଢ଼ିଗଲା । ତଥାପି ସେ ପଢୁଥା'ନ୍ତି । ସେ ପଢ଼ିଲେ ଯେ ପଢ଼ିଲେ । ସ୍କୁଲର ପଢ଼ା ବହି ତାଙ୍କୁ ଅଣ୍ଟିଲା ନାହିଁ । ଉପର ଶ୍ରେଣୀରେ ପଢୁଥିବା ବଡ଼ଭଉଣୀ ବ୍ରନିଆର ବହି ପଢ଼ି ସେ ଶେଷ କରିଦେଲେ । ତା' ପରେ ବାପାଙ୍କ ଆଲମାରି ଥାକରୁ ଖଣ୍ଡଖଣ୍ଡ ବହି କାଢ଼ି ପଢ଼ି ପକାଇଲେ । ଶ୍ରେଣୀରେ ତାଙ୍କ ସ୍ଥାନ ସବୁବେଳେ ପ୍ରଥମ । ଶେଷ ମାଧ୍ୟମିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ସେ ସ୍ୱର୍ଣ୍ଣପଦକ ଲାଭ କଲେ । ଏହି ଗୌରବରେ ପିତାଙ୍କର ହୃଦୟ ଫୁଲିଉଠିଲା । ସେ କହିଲେ, "ହାୟ, ! ଦୁଃଖିନୀ କନ୍ୟାର ଏହି ଗୌରବ ଦେଖିବାକୁ ଆଜି ତା'ର ସ୍ନେହମୟୀ ମାତା ଥାଆନ୍ତେ କି !"




ମାନିଆଙ୍କର କଲେଜରେ ପଢ଼ିବାପାଇଁ ପ୍ରବଳ ଇଚ୍ଛା । ଝିଅମାନଙ୍କର ଉଚ୍ଚଶିକ୍ଷା ପାଇଁ ସେତେବେଳେ ପରାଧୀନ ପୋଲାଣ୍ଡରେ କୌଣସି ବ୍ୟବସ୍ଥା ନ ଥାଏ । ସେଥିପାଇଁ ଫ୍ରାନ୍ସର ପ୍ୟାରିସ୍ ନଗରକୁ ଯିବାକୁ ହେବ । ଅର୍ଥାଭାବ ଓ ଦାରିଦ୍ର୍ୟ ତାଙ୍କ ଆଗରେ ଏକ ବିରାଟ ପାହାଡ଼ଭଳି ଠିଆ ହେଲା । ବାପା ଚାକିରିରୁ ଅବସର ନେଲେଣି, ବଡ଼ ଭଉଣୀ ବ୍ରନିଆ ବିବାହ କରି ଚାଲିଗଲେଣି । ମାନିଆ କେତେକ ଧନୀ ଲୋକଙ୍କ ଘରେ ଟିଉସନ୍ କରି କିଛି ଅର୍ଥ ରୋଜଗାର କଲେ । ଦିନେ ସେ ସାମାନ୍ୟ ସଞ୍ଚିତ ଅର୍ଥ ଧରି ପିତାଙ୍କଠାରୁ ବିଦାୟ ନେଇ ପ୍ୟାରିସ୍ ଚାଲିଗଲେ । ସେଠାରେ ସେ ପ୍ରସିଦ୍ଧ ସରବନ୍ ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗରେ ନାମ ଲେଖାଇଲେ ।

ମାନିଆର ବାପା ଅତି ଅଭାବରେ ଦିନ କାଟୁଥାଆନ୍ତି, ତଥାପି ନିଜ ଖର୍ଚ୍ଚରୁ କାଟି ଝିଅ ପାଇଁ ମାସକୁ ମାସ କିଛି ଟଙ୍କା ପଠାଉଥାନ୍ତି; କିନ୍ତୁ ବାପାଙ୍କର ଦାରିଦ୍ର୍ୟଠାରୁ ଝିଅର ଦାରିଦ୍ର୍ୟ ଅଧିକ । ରାତିରେ ଆଲୁଅ ଜାଳିବା ପାଇଁ ପାଖରେ ପଇସା ନ ଥାଏ । ଭଲ ପୋଷାକପତ୍ର, ଖାତାବହି ତ ଦୂରର କଥା । ପ୍ୟାରିସ୍‌ରେ ଶୀତ ଦିନେ ପ୍ରବଳ ଥଣ୍ଡା । ଦେହ ହାତ ଅବଶ ହୋଇଯାଏ । ନିଜ ପାଖରେ ଥିବା ସମସ୍ତ ଲୁଗାପଟାକୁ ଦେହରେ ଘୋଡ଼ାଇ ଶୋଇଲେ ମଧ୍ୟ ଶୀତ ଦାଉରୁ ରକ୍ଷା ମିଳେନି । ଶେଷରେ ସେ କାଠର ଚଉକିଟାକୁ ଟାଣିଆଣି ନିଜ ଉପରେ ଲଦି ଦିଅନ୍ତି । ସତେ ଯେପରି ଉତ୍କଟ ଦାରିଦ୍ର୍ୟ ମହାବଳ ବାଘ ଭଳି ପଞ୍ଝା ଖୋଲି ଶୀତ ରୂପରେ ତାଙ୍କୁ ମାଡ଼ିବସେ । ଦାରିଦ୍ର୍ୟବଶତଃ ଦିନେଦିନେ ସେ ଉପବାସ ରହିଯାଆନ୍ତି । ଆଉ କେଉଁ ଦିନ ଖଣ୍ଡେ ପାଉଁରୁଟି ଓ ସାମାନ୍ୟ ଟିକିଏ ଲହୁଣି ଖାଇ ଚଳାଇ ଦିଅନ୍ତି । ରନ୍ଧା ଖାଦ୍ୟ ତାଙ୍କ ଭାଗ୍ୟରେ ପ୍ରାୟ ଜୁଟେ ନାହିଁ ।

ଖାଦ୍ୟପେୟର ଅଭାବ ଓ ନିଜର ଶରୀର ପ୍ରତି ଅଯତ୍ନ ଯୋଗୁଁ ସେ ଦିନକୁ ଦିନ ଦୁର୍ବଳ ହୋଇଗଲେ । ଦିନେ ସେ କୋଠରିରେ ବସି ପଢୁଛନ୍ତି ଯେ ପଢୁଛନ୍ତି । ସାରା ଦିନ କିଛି ଖାଇ ନାହାନ୍ତି । ମୁଣ୍ଡ ବୁଲାଇଦେଲା । ସେ ଚେତା ହରାଇ ତଳେ ପଡ଼ିଗଲେ । ଭାଗ୍ୟକୁ ସେ ସମୟରେ ତାଙ୍କର ଜଣେ ସାଙ୍ଗ ଆସି ପହଞ୍ଚିଲେ । ସେ ତାଙ୍କୁ ରକ୍ଷା କଲେ ।

ଅଭାବ ଓ ଦାରିଦ୍ର୍ୟ ସହିତ ଲଢ଼ିଲଢ଼ି ମାନିଆ ଶେଷରେ ବିଜୟମଣ୍ଡିତା ହେଲେ । ସରବନ୍ ବିଶ୍ୱବିଦ୍ୟାଳୟରୁ ସେ ପଦାର୍ଥ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ୍.ଏସ୍‌ସି. ପାସ୍ କଲେ । ସେ ଏଣିକି ଗବେଷଣା କାର୍ଯ୍ୟରେ ମନୋନିବେଶ କଲେ । ବିଜ୍ଞାନ ଥିଲା ତାଙ୍କର ପ୍ରାଣ, ଗବେଷଣା ଥିଲା ତାଙ୍କର ଲକ୍ଷ୍ୟ ଓ ଅଧିକରୁ ଅଧିକ ଜ୍ଞାନ ଆହରଣ ଥିଲା ଜୀବନର ବ୍ରତ । ହେଲେ, ସେଥିପାଇଁ ପ୍ରଚୁର ଅର୍ଥ ଦରକାର । ଅର୍ଥ ସେ କାହୁଁ ପାଇବେ !

ମଣି-କାଞ୍ଚନର ସଂଯୋଗ ଭଳି ମାନିଆଙ୍କର ବିବାହ ହେଲା ପ୍ୟାରିସ୍‌ର ଜଣେ ଯୁବ ବୈଜ୍ଞାନିକ ଅଧ୍ୟାପକ ପେରି କ୍ୟୁରୀଙ୍କ ସହିତ । ବିବାହ ପରେ ମାନିଆଙ୍କର ନାଆଁ ସହିତ କ୍ୟୁରୀ ଯୋଡ଼ାଗଲା । ସେ ଏଣିକି ହେଲେ ମେରୀ କ୍ୟୁରୀ ବା ମାଡ଼ାମ୍ କ୍ୟୁରୀ । ସ୍ୱାମୀ ସ୍ତ୍ରୀ ଦୁହେଁ ଗବେଷଣା କାର୍ଯ୍ୟରେ ଲାଗିପଡ଼ିଲେ । ଦୁହିଁଙ୍କର ପଥ ଗୋଟିଏ, ଲକ୍ଷ୍ୟ ମଧ୍ୟ ଗୋଟିଏ । ନିଜର ସମସ୍ତ ଉପାର୍ଜିତ ଅର୍ଥକୁ କେବଳ ଗବେଷଣା କାର୍ଯ୍ୟରେ ବିନିଯୋଗ କରି ଦିନେ ସାରା ପୃଥିବୀରେ ଚହଳ ପକାଇ ସେ ଦୁହେଁ ଆବିଷ୍କାର କଲେ 'ରେଡିୟମ୍' । ସେମାନଙ୍କୁ ମିଳିଲା ପୃଥିବୀର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ୍ ପୁରସ୍କାର । ପୃଥିବୀର ପ୍ରତ୍ୟେକ ଦେଶରୁ ତାଙ୍କ ଉପରେ ଆସି ଅଜାଡ଼ି ହୋଇ ପଡ଼ିଲା ଗଦାଗଦା ଶୁଭେଚ୍ଛା ଓ ଅଭିନନ୍ଦନ । ରେଡ଼ିୟମ୍‌କୁ ସେ ଦୁହେଁ ନିଜର ବ୍ୟକ୍ତିଗତ ସମ୍ପତ୍ତି ନ କରି ସମଗ୍ର ମାନବ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଦେଲେ । ତା' ନ ହୋଇଥିଲେ ସେମାନେ କୋଟିପତି ହୋଇପାରିଥାନ୍ତେ ।



ନୋବେଲ୍ ପୁରସ୍କାର ପାଇବାର ତିନି ବର୍ଷ ପରେ ଗୋଟିଏ ମଟର ଦୁର୍ଘଟଣାରେ ପେରି କ୍ୟୁରୀଙ୍କର ପରଲୋକ ଘଟିଲା । ମେରୀ ସ୍ୱାମୀଙ୍କର ଚାକିରିରେ ନିଯୁକ୍ତ ହେଲେ । ତାଙ୍କ ହାତରେ କି କୁହୁକ ଥିଲା କେଜାଣି ସେ ଯାହାକୁ ଛୁଇଁ ଦେଉଥିଲେ ତାହା ସୁନା ପାଲଟି ଯାଉଥିଲା । ସେ ରସାୟନ ବିଜ୍ଞାନରେ ଗବେଷଣା ଚଳାଇଲେ । ସେଥିରେ ମଧ୍ୟ ସେ ନୋବେଲ୍ ପୁରସ୍କାର ପାଇଲେ । ସେ ହେଉଛନ୍ତି ପୃଥିବୀର ଏକମାତ୍ର ମହିଳା, ଯେ କି ଦୁଇ ଦୁଇଥର ନୋବେଲ୍ ପୁରସ୍କାର ଲାଭ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ତାଙ୍କର କନ୍ୟା ଆଇରିନ୍ ଜୁଲିଏଟ୍ ଏବଂ ଜ୍ୱାଇଁ ଫେଡେରିକ୍ ମଧ୍ୟ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ ।

ମାଡାମ୍ କ୍ୟୁରୀ ତାଙ୍କ ସ୍ୱାମୀଙ୍କୁ ଖୁବ୍ ଭଲ ପାଉଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସବୁଦିନେ ତାଙ୍କୁ ମନେ ପକାନ୍ତି, ତାଙ୍କ ଉଦ୍ଦେଶ୍ୟରେ ଚିଠି ଲେଖନ୍ତି । ହେଲେ ସେ ଚିଠି ସ୍ୱାମୀଙ୍କ ନିକଟରେ ପହଞ୍ଚେ ନାହିଁ । ଗୋଟିଏ ଚିଠିରେ ସେ ଲେଖିଥିଲେ-

"ହେ ମୋର ପ୍ରିୟ ପେରି, ତୁମେ ଆଲୋକକୁ ଭଲ ପାଅ, ଫୁଲକୁ ଭଲ ପାଅ । ଆଜି ଜଗତରେ କେତେ ଆଲୋକ, ବଗିଚାରେ କେତେ ଫୁଲ । ଅଥଚ ତୁମେ ଯେଉଁ ଅନ୍ଧାରରେ ମୋତେ ଛାଡ଼ି ଯାଇଥିଲ, ମୁଁ ସେହି ଅନ୍ଧାରରେ ଅଛି ।"



। ଇତି ।

ତୁମର ମେରୀ

ଏହି ଥିଲା ମେରୀଙ୍କର ଶେଷ ଚିଠି ।

ମେରୀ କ୍ରମେ ଅସୁସ୍ଥ ଓ ଦୁର୍ବଳ ହୋଇପଡ଼ିଲେ । ଡାକ୍ତରମାନେ ନିଜର ପାରୁପର୍ଯ୍ୟନ୍ତ ତାଙ୍କର ଚିକିତ୍ସା କଲେ; କିନ୍ତୁ କିଛି ଫଳ ହେଲା ନାହିଁ । ଦିନେ ସେ ଶୋଇଗଲେ ଯେ ଆଉ ଉଠିଲେ ନାହିଁ । ୧୯୩୪ ମସିହା ଜୁଲାଇ ୩ ତାରିଖ ଦିନ ତାଙ୍କ ଜୀବନ-ଦୀପ ଲିଭିଗଲା । ଡାକ୍ତରମାନେ କହିଲେ ଯେ ମେରୀଙ୍କ ମୃତ୍ୟୁର କାରଣ ହେଉଛି ରେଡିୟମ୍ । ରେଡିୟମ୍‌ର ସଂସର୍ଗରେ ବାରମ୍ବାର ଆସିବାରୁ ତା'ର ମାରାତ୍ମକ ବିଷ ତାଙ୍କ ଦେହରେ ଚରିଯାଇଥିଲା । ତାଙ୍କ ରକ୍ତ ବିଷାକ୍ତ ହୋଇଯାଇଥିଲା ।

ଦୀପଟିଏ ପରି ସେ ଜଳିଜଳି ଗଲେ; ଅଥଚ ଜଗତକୁ ଦେଇଗଲେ ଏକ ଅଲିଭା ଆଲୋକ । ଯେଉଁ ରେଡିୟମ୍ ଯୋଗେ ତାଙ୍କର ଜୀବନ ଗଲା, ସେଇ ରେଡିୟମ୍ ଆଜି ପୃଥିବୀର କୋଟିକୋଟି କର୍କଟ ରୋଗୀଙ୍କୁ ମରଣ ମୁହଁରୁ ଫେରାଇଆଣି ପାରୁଛି ।

## ଲେଖକ ପରିଚୟ

**ଶ୍ରୀ ଶୈଳେଶ ଚନ୍ଦ୍ର ପଟ୍ଟନାୟକ** ୧ ୯୩୫ ମସିହା ଡିସେମ୍ବର ମାସ ୯ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । 'କଥାପରି କଥା ପଦେ', 'ନିଷ୍ଠଳ ନୂପୁର' ତାଙ୍କର ଗଳ୍ପଗ୍ରନ୍ଥ, । 'ତୁମେ ଆମେ ସେମାନେ' ତାଙ୍କର ନାଟକ ଗ୍ରନ୍ଥ । ତାଙ୍କର ଶିଶୁ ଉପଯୋଗୀ ବହୁ ରଚନା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ମାନିଆରୁ ମାଡାମ୍ କ୍ୟୁରୀ ବିଷୟଟି ପଢ଼ାଇବା ସମୟରେ ମାଡାମ୍ କ୍ୟୁରୀଙ୍କ ଜୀବନୀଟିକୁ ଗଳ୍ପ ଆକାରରେ ପରିବେଷଣ କରାଇ ପାରିବେ ।
- ଏହି ବିଷୟଟି ପଢ଼ାଇବା ସମୟରେ ପ୍ରସଙ୍ଗ ଆଧାରିତ ବିଭିନ୍ନ ଚିତ୍ର ଯଥା : – ମାଡାମ୍ କ୍ୟୁରୀ ପାଠପଢ଼ୁଥିବାର ଚିତ୍ର, ବିଜ୍ଞାନାଗାରରେ କାର୍ଯ୍ୟ କରୁଥିବାର ଚିତ୍ର, ସେ ଅସୁସ୍ଥ ହେବାର ଚିତ୍ର, ନୋବେଲ୍ ପୁରସ୍କାର ଗ୍ରହଣ କରୁଥିବାର ଚିତ୍ର ଇତ୍ୟାଦି ପ୍ରଦର୍ଶନ କରାଇ ପ୍ରସଙ୍ଗଟିକୁ ଅଧିକ ଆକର୍ଷଣୀୟ କରିପାରିବେ ।
- ପ୍ରସଙ୍ଗଟିରେ ଥିବା ବିଜ୍ଞାନଭିତ୍ତିକ ଶବ୍ଦ ଯଥା ରେଡ଼ିୟମ୍, ତେଜସ୍କ୍ରିୟ ପ୍ରଭୃତି ଶବ୍ଦଗୁଡ଼ିକୁ ସ୍ପଷ୍ଟ କରିବା ପାଇଁ ଯତ୍ନ କରିବେ ।

## ସୂଚନା

ତେଜସ୍କ୍ରିୟ – ତେଜ ପ୍ରଦାନକାରୀ, ପ୍ରଭାବଶାଳୀ

ଆମୂଳଚୂଳ – ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ମୂଳରୁ ଚୂଳଯାଏ

ମଣି–କାଞ୍ଚନ ସଂଯୋଗ – ଦୁଇଟି ମୂଲ୍ୟବାନ୍ ପଦାର୍ଥ ଏକାଠି ହେବା ଅର୍ଥାତ୍ ଦୁଇଜଣ ଗୁଣୀ ବ୍ୟକ୍ତିଙ୍କର ମିଳନ ।

ନୋବେଲ୍ ପୁରସ୍କାର – ସ୍ୱୀଡେନ୍ ଦେଶରେ ପ୍ରତିଷ୍ଠିତ ବିଶିଷ୍ଟ ଆନ୍ତର୍ଜାତିକ ପୁରସ୍କାର, ଏହା ଆଲ୍‌ଫ୍ରେଡ୍.ବି. ନୋବେଲ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ଖଦ୍ୟୋତ | ଈଷତ୍ | ପଞ୍ଝା | ଏକାଗ୍ର |
| ଇହଧାମ | ଦାରିଦ୍ର୍ୟ | ପାରୁପର୍ଯ୍ୟନ୍ତ | ଉତ୍ସର୍ଗ |
| କୁହୁକ | ସୌଭାଗ୍ୟ | ଶୁଭେଚ୍ଛା | ପରଲୋକ |

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ) ରାତିରେ ଘଣ୍ଟାରେ ଚିକ୍‌ଚିକ୍ କରୁଥିବା ପଦାର୍ଥଟି ଦିନବେଳେ କିପରି ଦେଖାଯାଏ ?

ଖ) ରେଡିୟମ୍ ଗୋଟିଏ କି ପ୍ରକାର ପଦାର୍ଥ ?

ଗ) ରେଡିୟମ୍ ଆବିଷ୍କାର ପାଇଁ ମାଡାମ୍ କ୍ୟୁରୀ କେଉଁ ପୁରସ୍କାର ପାଇଥିଲେ ?

ଘ) ପାଠ ପଢ଼ିବା ପାଇଁ ମାନିଆଙ୍କର କି କି ଅସୁବିଧା ଥିଲା ?

ଙ) କଲେଜରେ ପଢ଼ିବା ପାଇଁ ମାନିଆ କିଭଳି ଅର୍ଥ ଯୋଗାଡ଼ କରିଥିଲେ ?

**୨. ଆସ ଚିନ୍ତା କରି ଉତ୍ତର ଲେଖିବା ।**

କ) ମାନିଆ କିପରି ପାଠ ପଢୁଥିଲେ ?

ଉ. .......................................................................................

ଖ) ଭାଇଭଉଣୀମାନେ ମାନିଆଙ୍କ ସହିତ କିପରି ମଜା କରିଥିଲେ ?

ଉ. .......................................................................................

ଗ) ବିଶ୍ୱବିଦ୍ୟାଳୟରେ ପଢ଼ିବାବେଳେ ମାନିଆଙ୍କର କ'ଣ ସବୁ ଅସୁବିଧା ହେଉଥିଲା ?

ଉ. .......................................................................................

ଘ) ରେଡିୟମ୍‌କୁ ବ୍ୟକ୍ତିଗତ ସମ୍ପତ୍ତି ନ କରି ମାଡାମ୍ କ୍ୟୁରୀ ତାକୁ କାହିଁକି ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ?

ଉ. .......................................................................................

ଙ) ମାନିଆଙ୍କର ମୃତ୍ୟୁର କାରଣ କ'ଣ ଥିଲା ?

ଉ. .......................................................................................

**୩. ସରଳ ଭାବରେ ବୁଝାଇ ଲେଖିବା ।**

କ) ଏହି ଗୌରବରେ ପିତାଙ୍କର ହୃଦୟ ଫୁଲିଉଠିଲା ।

ଖ) ସତେ ଯେପରି ଉତ୍କଟ ଦାରିଦ୍ର୍ୟ ମହାବଳ ବାଘଭଳି ପଞ୍ଝା ଖୋଲି ଶୀତ ରୂପରେ ତାଙ୍କୁ ମାଡ଼ିବସେ ।

ଗ) ବିଜ୍ଞାନ ଥିଲା ତାଙ୍କର ପ୍ରାଣ, ଗବେଷଣା ଥିଲା ତାଙ୍କର ଲକ୍ଷ୍ୟ ଓ ଅଧିକରୁ ଅଧିକ ଜ୍ଞାନ ଆହରଣ ଥିଲା ଜୀବନର ବ୍ରତ ।

ଘ) ଦୀପଟିଏ ପରି ସେ ଜଳିଜଳି ଜଳିଗଲେ; ଅଥଚ ଜଗତକୁ ଦେଇଗଲେ ଏକ ଅଲିଭା ଆଲୋକ ।

**୪. ମାଡାମ୍ କ୍ୟୁରୀଙ୍କ ଜୀବନର କିଛି ବିଶିଷ୍ଟ ଘଟଣା ତଳେ ଦିଆଯାଇଥିବା ସମୟଗୁଡ଼ିକରେ ଘଟିଛି ଆସ ସେଗୁଡ଼ିକୁ ମନେ ପକାଇ ଲେଖିବା ।**

୧୯୦୩ ମସିହା ..........................................................

୧୮୬୭ ମସିହା ନଭେମ୍ବର ୭ ତାରିଖ ..........................................................

୧୯୩୪ ମସିହା ଜୁଲାଇ ୩ ତାରିଖ ..........................................................

୫. ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ଦରକାର ସ୍ଥାନରେ ଉପଯୁକ୍ତ ବିରାମ ଚିହ୍ନ ଦେବା ।

| |
|---|
| ହେ ମୋର ପ୍ରିୟ ପେରି ତୁମେ ଆଲୋକକୁ ଭଲ ପାଅ ଫୁଲକୁ ଭଲ ପାଅ ଆଜି ଜଗତରେ କେତେ ଆଲୋକ ବଗିଚାରେ କେତେ ଫୁଲ ଅଥଚ ତୁମେ ଯେଉଁ ଅନ୍ଧାରରେ ମୋତେ ଛାଡ଼ି ଯାଇଥିଲ ମୁଁ ସେହି ଅନ୍ଧାରରେ ଅଛି ଇତି ତୁମର ମେରୀ |

୬. ତାଙ୍କ ହାତରେ କି କୁହୁକ ଥିଲା କେଜାଣି, ସେ ଯାହାକୁ ଛୁଇଁ ଦେଉଥିଲେ ତାହା ସୁନା ପାଲଟି ଯାଉଥିଲା – ଏହି ବାକ୍ୟଟିକୁ ପଢ଼ି ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖିବା ।

କ) କୁହୁକ କ'ଣ ?

ଖ) କୁହୁକ ବିଦ୍ୟା ବଳରେ କ'ଣ କ'ଣ କରିହୁଏ ?

ଗ) କୁହୁକ ଖେଳ ଚାଲିଥିଲାବେଳେ ଆମକୁ ଦେଖିବାକୁ କାହିଁକି ଭଲ ଲାଗେ ?

ଘ) ଲୋକେ ସୁନାକୁ ଅନ୍ୟ ଧାତୁଠାରୁ କାହିଁକି ଅଧିକ ଭଲ ପାଆନ୍ତି ?

ଙ) ସୁନାପୁଅଟିଏ କହିଲେ କ'ଣ ବୁଝୁଛ ?

ଚ) କାହା ହାତରେ ଏ କୁହୁକ ଶକ୍ତି ଥିଲା ବୋଲି କୁହାଯାଇଛି ?

୭. ତଳେ 'କ' ସ୍ତମ୍ଭରେ କିଛି ଶବ୍ଦ ଓ 'ଖ' ସ୍ତମ୍ଭରେ ଏହାର ଅର୍ଥ ଦିଆଯାଇଛି । ଉପଯୁକ୍ତ ଶବ୍ଦ ଓ ଅର୍ଥକୁ ଗାରଟାଣି ଯୋଡିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଆବିଷ୍କାର | ବୁଦ୍ଧି ଖଟାଇ ନୂଆ କରି କୌଣସି ପଦାର୍ଥ ବାହାର କରିବା |
| ଗବେଷଣା | ଲକ୍ଷ୍ୟ ହାସଲପାଇଁ ଏକନିଷ୍ଠ କାର୍ଯ୍ୟ |
| ଉଦ୍ଭାବନ | ପରିଷ୍କାର ପରିଚ୍ଛନ୍ନ କରିବା |
| ସାଧନା | ଯାହା ଆଗରୁ ଅଛି କିନ୍ତୁ କେହି ଜାଣି ନାହାନ୍ତି, ତାକୁ ପରିଚିତ କରାଇବା ପାଇଁ ଗଭୀର ଅଧ୍ୟୟନ ଓ ଅନୁସନ୍ଧାନ |

୮. ଯେପରି 'ମାଆ' ଶବ୍ଦର ବିପରୀତ ଲିଙ୍ଗ 'ବାପା', ସେପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ବିପରୀତ ଲିଙ୍ଗ ଲେଖିବା ।

ଶିକ୍ଷୟିତ୍ରୀ – ..............................

ପାଠକ ..............................

ସ୍ୱାମୀ ..............................

ଦୁଃଖିନୀ ..............................

ମହିଳା ..............................

୯.(କ) ବାମ ପାଖର ଉଦାହରଣକୁ ଦେଖି ଡାହାଣ ପାଖରେ ନୂଆ ଶବ୍ଦ ଲେଖିବା – ଯେପରି

'ମହୀୟାନ୍'ରୁ ହୋଇଛି 'ମହୀୟସୀ', 'ଗରୀୟାନ୍' ରୁ ..............................................

'ମୂଲ୍ୟ'ରୁ ହୋଇଛି 'ମୂଲ୍ୟବାନ୍', 'ଗୁଣ'ରୁ ..............................................

'ପୀଡ଼ା'ରୁ ହୋଇଛି 'ପୀଡ଼ିତ', 'ନିନ୍ଦା'ରୁ ..............................................

'ସଞ୍ଚୟ'ରୁ ହୋଇଛି 'ସଞ୍ଚିତ', 'କଥନ'ରୁ ..............................................

ଖ) ତଳେ ଦିଆଯାଇଥିବା ଶବ୍ଦ ପାଖରେ ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ବସାଇ ଯୁଗ୍ମ ଶବ୍ଦ ଗଢ଼ିବା ।

ଭଲ, ଦୁଃଖ, ଦିଆ, ଉଠା, ହାନି

୧୦. କେତେକ ଶବ୍ଦ ପୂର୍ବରୁ ଅ/ଅଣ ଯୋଗ କଲେ ସେହି ଶବ୍ଦର ବିପରୀତ ଅର୍ଥ ପ୍ରକାଶ ପାଏ । ସେହିପରି ତଳଲିଖିତ ପ୍ରତ୍ୟେକ ଶବ୍ଦ ଆଗରେ ଅ/ଅଣ ଯୋଗ କରି ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ଲେଖିବା ।

ସାଧାରଣ .............................. ବିଶ୍ୱାସ ..............................

ବାହୁଡ଼ା .............................. ବିରତ ..............................

ବିଭକ୍ତ .............................. ବିଳମ୍ବ ..............................

ବିରାମ .............................. ଓସାରିଆ ..............................

ହଳଦିଆ .............................. ଲେଉଟା..............................

## ତୁମ ପାଇଁ କାମ

୧. ମାଡାମ୍ କ୍ୟୁରୀଙ୍କ ପରି ଅନ୍ୟ ଯେଉଁ ମହିଳାମାନେ ସମାଜ ସେବା, ସଙ୍ଗୀତ, ନୃତ୍ୟ, କ୍ରୀଡ଼ା, ବିଜ୍ଞାନ, ମହାକାଶ ଯାତ୍ରା ଇତ୍ୟାଦି କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଛନ୍ତି, ସେମାନଙ୍କ ସମ୍ପର୍କରେ ବିବରଣୀ ସଂଗ୍ରହ କରି ତୁମ ଖାତାରେ ଲେଖ ।

୨. ମାଡାମ କ୍ୟୁରୀଙ୍କ ପରି ମହୀୟସୀ ମହିଳାମାନଙ୍କ ଚିତ୍ର ସଂଗ୍ରହ କରି ସାଇତି ରଖ ।

# ଜାପାନ ଅନୁଭୂତି

ସନାତନ ପଣ୍ଡା

ସୂର୍ଯ୍ୟୋଦୟର ଦେଶ ଜାପାନ । ସେହି ଦେଶକୁ ଥରେ ଯିବାଲାଗି ବହୁ ଦିନରୁ ମନରେ ଅଭିଳାଷ ଥିଲା । ସୁଯୋଗ ମିଳି ନ ଥିଲା । କଥାରେ କହନ୍ତି – ମନ ଜାଣି ଫଳ, ଶେଷରେ ଦିନେ ସେହି ସୁଯୋଗଟି ମୋତେ ମିଳିଲା । ସେଦିନ ଥିଲା ୨୦୦୯ ମସିହାର ଜୁନ୍ ମାସ ୯ ତାରିଖ । ଭାରତର ବିଭିନ୍ନ ଅଞ୍ଚଳରୁ କେତେଜଣ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀଙ୍କ ସହିତ ସେଦିନ ସନ୍ଧ୍ୟାରେ ଆମ୍ଭେ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲୁ ।

ମୋ ଦଳରେ ଯାତ୍ରା କରୁଥିବା ଶିକ୍ଷିକା ଶ୍ରୀମତୀ ସୋନିଆଙ୍କ ସମେତ ଅଧିକାଂଶ ଛାତ୍ରଛାତ୍ରୀଙ୍କ ପାଇଁ ଏହା ପ୍ରଥମ ବିମାନ ଯାତ୍ରା ଥିଲା । ସମସ୍ତଙ୍କ ମନରେ ଭରି ରହିଥାଏ ଅନେକ ଉତ୍କଣ୍ଠା । ବିମାନ ଘଣ୍ଟାକୁ ପ୍ରାୟ ୧୦୦୦ କି.ମି. ବେଗରେ ଗତି କରୁଥାଏ । ଠିକ୍ ସକାଳ ୭ଟା ବେଳକୁ ଜାପାନର ରାଜଧାନୀ ଟୋକିଓ ନିକଟସ୍ଥିତ ନରିତା ବିମାନ ବନ୍ଦରରେ ଓହ୍ଲାଇଲୁ । ଜାପାନୀ ଘଣ୍ଟାରେ ସିନା ସେତେବେଳକୁ ସକାଳ ୭ଟା, କିନ୍ତୁ ଆମ ଘଣ୍ଟାରେ ସମୟ ହୋଇଥାଏ ୩ଟା ବାଜି ୩୦ମିନିଟ୍ । ଏହାର କାରଣ ହେଲା ଭାରତୀୟ ସମୟର ୩ଘଣ୍ଟା ୩୦ମିନିଟ୍ ପୂର୍ବରୁ ଜାପାନରେ ସୂର୍ଯ୍ୟୋଦୟ ହୋଇଥାଏ । ଆମେ ସଙ୍ଗେସଙ୍ଗେ ଜାପାନୀ ସମୟ ଅନୁସାରେ ଆମ ଘଣ୍ଟାର ସମୟ ଠିକ୍ କରିନେଲୁ । ଏହା ପରେ ଆମକୁ ସ୍ୱାଗତ କରିବା ପାଇଁ ଅପେକ୍ଷାରତ ଜାପାନୀ ସଂଯୋଜିକାମାନଙ୍କ ସହ ବସ୍ ଯୋଗେ ଟୋକିଓର ଏକ ହୋଟେଲ ଅଭିମୁଖେ ଅଗ୍ରସର ହେଲୁ ।



ଟୋକିଓର ରାସ୍ତାଘାଟ ପୂରା ଚକ୍‌ଚକ୍ ଦେଖାଯାଉଥାଏ । ଖାଲ ଢିପ ତ ଦୂରର କଥା । ରାସ୍ତାରେ ଧୂଳିମାଟି ମଧ୍ୟ ଦେଖାଯାଉ ନ ଥାଏ । ଟୁକୁରା କାଗଜ ଖଣ୍ଡେ ମଧ୍ୟ କେଉଁଠି ପଡ଼ି ନ ଥାଏ । ସକାଳ ସମୟ ହୋଇଥିଲେ ମଧ୍ୟ କେଉଁଠି ହେଲେ ଜଣେ ସଡ଼କ ଝାଡୁଦାର ଦେଖାଯାଉ ନ

ଥାନ୍ତି । ରାସ୍ତାରେ ଅଧିକାଂଶ ଲୋକ ସାଇକେଲ ଅଥବା ଚାରିଚକିଆ ଯାନରେ ଯାଉଥାନ୍ତି । ଏପରିକି କୋଟ୍ - ଟାଇ ପିନ୍ଧା ବାବୁମାନେ ତଥା ବୟସ୍କ ଲୋକମାନେ ମଧ୍ୟ ରାସ୍ତାରେ ସାଇକେଲ୍ ଚଳାଇ ଯାଉଥିବାର ଦେଖିଲୁ । ଏହା ଦେଖି ଜାପାନୀମାନେ ଯେ କେତେ ପରିଶ୍ରମୀ ଓ ପରିବେଶ ପ୍ରେମୀ ସେ ବିଷୟରେ ଆମେ ପରସ୍ପର କଥା ହେଉଥାଉ ।

ଜାପାନର ରାସ୍ତାର ଛକ ସ୍ଥାନମାନଙ୍କରେ ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବାପାଇଁ ଟ୍ରାଫିକ୍ ଲାଇଟ୍‌ର ସଙ୍କେତ ଯଥେଷ୍ଟ । ଟୋକିଓ ସହରର କେଉଁଠି ହେଲେ ଜଣେ ଟ୍ରାଫିକ୍ ପୋଲିସ୍ ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବାର ନଜରକୁ ଆସି ନ ଥିଲା । ଏଥିରୁ ଜଣାପଡୁଥିଲା ଜାପାନୀମାନେ କେତେ ଶୃଙ୍ଖଳିତ ।

ଜାପାନର ରାସ୍ତା କଡ଼ରେ କେଉଁଠି ହେଲେ ଗୋଟେ ଉଠାଦୋକାନ ଆମେ ଦେଖିବାକୁ ପାଇଲୁ ନାହିଁ । ଫୁଟ୍‌ପାଥ୍ କଡ଼ରେ ଅଥବା ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଦୋକାନୀ ନ ଥାଇ ଦୋକାନ ଦେଖିଲୁ । ସେହି ଦୋକାନମାନଙ୍କରେ ସମସ୍ତ ସାମଗ୍ରୀ କାଚ ଆଲମାରିରେ ସଜାହୋଇ ରହିଥାଏ । ଗ୍ରାହକ ଜାପାନୀ 'ୟେନ୍' ପକାଇବା ମାତ୍ରେ କାଚ ଭିତରେ ଏକ ନାଲି ରଙ୍ଗର ଆଲୋକ ଜଳିଉଠେ । ଏହା ପରେ ଗ୍ରାହକ ଆବଶ୍ୟକ ଜିନିଷ ପାଖରେ ସୁଇଚ୍ ଟିପିଲେ ଜିନିଷଟି ତଳକୁ ବାହାରି ଆସିବା ସଙ୍ଗେସଙ୍ଗେ ଅବଶିଷ୍ଟ ପଇସା ମଧ୍ୟ ବାହାରିଆସେ । ଜାପାନର ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରୟୋଗ ବିଷୟରେ ଆମେ ତ ଆଗରୁ ଶୁଣିଥିଲୁ । କିନ୍ତୁ ହୋଟେଲରେ ପହଞ୍ଚିବା ପରେ ଦେଖିଲୁ ତା'ର କୋଠରି, ଗାଧୁଆଘର, ପାଇଖାନା ପ୍ରଭୃତି ସବୁଠି ସ୍ୱୟଂଚାଳିତ ଯନ୍ତ୍ରପାତି ଖଞ୍ଜାଯାଇଛି ।

ଜାପାନରେ ରହଣି ସମୟରେ ସବୁଠୁ ମନଛୁଆଁ ଥିଲା ତା'ର ପରିଷ୍କାର ପରିଚ୍ଛନ୍ନତା ଓ ସବୁଜ ସୁନ୍ଦର ପରିବେଶ । ଘର ହେଉ ବା ବାହାର, ସ୍କୁଲ୍, ରାସ୍ତାଘାଟ ଅଥବା ଅଫିସ୍ କେଉଁଠି ହେଲେ ଟିକିଏ ଅଳିଆ ବା ଅଦରକାରୀ ଜିନିଷ ଫିଙ୍ଗାଫୋପଡ଼ା ହୋଇଥିବା ନଜରକୁ ଆସିଲା ନାହିଁ । ମନରେ ପ୍ରଶ୍ନ ଉଠୁଥାଏ, ଏମାନେ ତେବେ ଅଳିଆ ଆବର୍ଜନାକୁ କରନ୍ତି କ'ଣ ? ନଜର ପଡ଼ିଲା ହୋଟେଲ୍ ଲବିରେ ଥିବା ତିନୋଟି ଭିନ୍ନ ଭିନ୍ନ ରଙ୍ଗର ଅଳିଆ ପାତ୍ର ଉପରେ । ଗୋଟିଏ ସ୍ଥାନରେ ତିନୋଟି ଅଳିଆ ପାତ୍ର ଦେଖି ଏହାର କାରଣ କିଛି ବୁଝିପାରିଲି ନାହିଁ । ଆମ ସହ ଥିବା ଜାପାନୀ ସଂଯୋଜିକା ସୋମା ସାନ୍‌ଙ୍କୁ ଏ ବିଷୟରେ ପଚାରିଲି । ସେ ମୋର ଆଗ୍ରହ ଦେଖି କହିଲେ, "ଆପଣ ଯେଉଁ ସବୁଜ ରଙ୍ଗର ଡଷ୍ଟବିନ୍‌ଟି ଦେଖୁଛନ୍ତି ସେଥିରେ ଦାହ୍ୟ ବର୍ଜ୍ୟବସ୍ତୁ ପକାଯାଏ । ଲାଲ ରଙ୍ଗର ଡଷ୍ଟବିନ୍‌ରେ ଅଦାହ୍ୟ ବର୍ଜ୍ୟବସ୍ତୁ ଓ ନୀଳ ରଙ୍ଗର ଡଷ୍ଟବିନ୍‌ରେ ପୁନଃଚକ୍ରଣ ଯୋଗ୍ୟ ବର୍ଜ୍ୟବସ୍ତୁ ପକାଯାଏ"।

ଦୈନନ୍ଦିନ ଜୀବନରେ ଆବର୍ଜନାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥାନ୍ତି । ସେମାନେ ଖାଇବା ସମୟରେ ଖାଦ୍ୟ ନଷ୍ଟ କରନ୍ତି ନାହିଁ । ଯେତିକି ଖାଇବେ ସେତିକି ନିଅନ୍ତି । ଜିନିଷ କିଣିବାବେଳେ ଯେଉଁ ଜିନିଷ ଶୀଘ୍ର ନଷ୍ଟ ହୁଏ ନାହିଁ ସେପରି ଜିନିଷ କିଣିବାକୁ ପସନ୍ଦ କରିଥାନ୍ତି ।

ଦ୍ୱିତୀୟତଃ ଥରେ ବ୍ୟବହାର ପରେ ଜାପାନୀମାନେ କୌଣସି ଜିନିଷ ସଙ୍ଗେସଙ୍ଗେ ଫିଙ୍ଗିଦିଅନ୍ତି ନାହିଁ ।

ପ୍ରତ୍ୟେକ ଜିନିଷ ଫୋପାଡ଼ିବା ପୂର୍ବରୁ ଏହା କେଉଁ ଉପାୟରେ ବ୍ୟବହାର କରାଯାଇପାରିବ ଚିନ୍ତା କରିଥାନ୍ତି, ଅଯଥା ଦୋକାନରୁ ପଲିଥିନଟିଏ ନ ଆଣି ସେମାନେ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି ।

ତୃତୀୟତଃ ଅଳିଆ ଫୋପାଡ଼ିବା ସମୟରେ ସେମାନେ ଦେଖନ୍ତି କେଉଁଗୁଡ଼ିକର ପୁନଃଚକ୍ରଣ ସମ୍ଭବ। କେଉଁଟି ଦାହ୍ୟ ବା ଅଦାହ୍ୟ । ସେଇ ଅନୁସାରେ ସେମାନେ ଭିନ୍ନଭିନ୍ନ ଡଷ୍ଟବିନ୍‌ରେ ପକାଇଥାନ୍ତି। ପୁନଃଚକ୍ରଣ ପଦ୍ଧତିରେ ଜାପାନୀମାନେ ବର୍ଜ୍ୟବସ୍ତୁରୁ ବହୁ ବ୍ୟବହାର୍ଯ୍ୟ ପଦାର୍ଥ ଯଥା ନାନା ରଙ୍ଗର ପୋଷାକ, ବୋତଲ, ଟ୍ରେ, କାର୍ଟୁନ୍ ଇତ୍ୟାଦି ତିଆରି କରିଥାନ୍ତି ।



ଜାପାନର ଓକିନାୱା ରାଜ୍ୟର ଯୋମେଇ ସିନିଅର ହାଇସ୍କୁଲରେ ଆମେ ଗୋଟେ ଦିନ କଟାଇବାର ସୁଯୋଗ ପାଇଥିଲୁ । ଏ ଦେଶର ଶତପ୍ରତିଶତ ଲୋକ ସାକ୍ଷର । ସେଠାରେ ୧୫ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ । ଶିଶୁମାନେ ୪ରୁ ୬ ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷ କେ.ଜି. ସ୍କୁଲକୁ ଯାଆନ୍ତି। ଏହା ପରେ ୭ରୁ ୧୨ବର୍ଷ ବୟସ ପର୍ଯ୍ୟନ୍ତ ୬ବର୍ଷ ପ୍ରାଥମିକ ଶିକ୍ଷା ଓ ୧୩ରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ୩ବର୍ଷର ଜୁନିଅର ହାଇସ୍କୁଲ ଶିକ୍ଷା ବାଧ୍ୟତାମୂଳକ। ଏହା ପରେ ୧୬ ବର୍ଷରୁ ୧୮ବର୍ଷ ବୟସ ପର୍ଯ୍ୟନ୍ତ ମଧ୍ୟ ୩ ବର୍ଷର ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ରହିଛି ।

ସେଠାରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଜାପାନୀ ଛାତ୍ରମାନେ ଗଣିତ, ବିଜ୍ଞାନରେ କିନ୍ତୁ ପଛୁଆ ନୁହନ୍ତି। ସେଠାର ଅଧିକାଂଶ ଭଲ ଛାତ୍ର ବୈଜ୍ଞାନିକ ହେବାପାଇଁ ଲକ୍ଷ୍ୟ ରଖନ୍ତି । ଜାପାନୀ ସ୍କୁଲରେ ପାଠ ବିଷୟ ସଙ୍ଗେସଙ୍ଗେ ଶାରୀରିକ ଶିକ୍ଷା ଓ ଖେଳକୁଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ସେଠିକାର ଛାତ୍ରଛାତ୍ରୀମାନେ କୌଣସି କାର୍ଯ୍ୟପାଇଁ ପିଅନ ଉପରେ ନିର୍ଭର କରନ୍ତି ନାହିଁ । ଉଭୟ ପୁଅଝିଅ ମିଶି ଶ୍ରେଣୀଗୃହ, ଶିକ୍ଷକ ପ୍ରକୋଷ୍ଠ ଏପରିକି ଶୌଚାଳୟ ମଧ୍ୟ ନିଜେ ସଫା କରିଥାନ୍ତି । ଏହି ସଫେଇ କାର୍ଯ୍ୟପାଇଁ ଛାତ୍ରଛାତ୍ରୀମାନଙ୍କୁ କେତୋଟି ଦଳରେ ବିଭକ୍ତ କରାଯାଇଥାଏ । ସେମାନେ ଦଳବଦ୍ଧ ଭାବରେ ଏହି କାର୍ଯ୍ୟ କରିଥାନ୍ତି। ସେଠାରେ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ

ନିର୍ଦ୍ଦେଶକୁ ଅକ୍ଷରେଅକ୍ଷରେ ପାଳନ କରନ୍ତି ।

ଜାପାନୀମାନେ ପରିଶ୍ରମୀ ଓ କର୍ମଠ । ଜାପାନ ଆଜି ଏକ ଆଗୁଆ ରାଷ୍ଟ୍ର ହେବାର କାରଣ ମୁଖ୍ୟତଃ ତାଙ୍କର ଜୀବନଶୈଳୀ; ଏହା ମୋର ଅଙ୍ଗେ ନିଭା ଅନୁଭୂତିରୁ ଜାଣିବାକୁ ପାଇଲି । ଜାପାନୀ ଶୃଙ୍ଖଳାର ପ୍ରଥମ ନିଦର୍ଶନ ହେଲା ସମୟାନୁବର୍ତ୍ତିତା । ସେମାନେ ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଅନୁସାରେ ହିଁ କରିଥାନ୍ତି । ଏକ ମିନିଟ୍ ବିଳମ୍ବକୁ ମଧ୍ୟ ସେମାନେ ପସନ୍ଦ କରନ୍ତି ନାହିଁ । ଏ ସମ୍ପର୍କରେ ମୋର ଗୋଟିଏ ଅନୁଭୂତି – ଜାପାନରେ ପ୍ରାତଃ ଭୋଜନ ସମୟ ସକାଳ ୭ଟାରୁ ୮ଟା । ମାତ୍ର ୭ଟା୩୦ମିନିଟ୍ ସମୟରେ ମୁଁ ଦେଖିଲି ତିନିଜଣ ପିଲା ପ୍ରାତଃ ଭୋଜନ ପାଇଁ ଆସି ନାହାନ୍ତି । ଅନୁସନ୍ଧାନ କରି ଜାଣିଲି ଯେ ସେମାନେ ନିଘୋଡ଼ ନିଦରେ ଶୋଇଛନ୍ତି । ମୁଁ ସେମାନଙ୍କୁ ନିଦରୁ ଉଠାଇ ତୁରନ୍ତ ପ୍ରସ୍ତୁତ ହୋଇ ଆସିବାକୁ କହିବା ସଙ୍ଗେସଙ୍ଗେ ସେମାନଙ୍କ ପାଇଁ ଜଳଖିଆ ରଖିବାକୁ ଅନୁରୋଧ କଲି । ମୋର ଅନୁରୋଧ ସତ୍ତ୍ୱେ ସେମାନେ ଠିକ୍ ୮ଟା ବେଳେ ଜଳଖିଆ ପ୍ରକୋଷ୍ଠର ଦ୍ୱାର ବନ୍ଦ କରିଦେଲେ । ପିଲା ତିନିଜଣ ପ୍ରସ୍ତୁତ ହୋଇ ଆସିବା ବେଳକୁ ୮ଟା ବାଜି ୨ମିନିଟ୍ ହୋଇ ଯାଇଥିଲା । ମାତ୍ର ଦୁଇମିନିଟ୍ ବିଳମ୍ବରେ ଆସିଥିବା ଭାରତୀୟ ଛାତ୍ର ତିନିଜଣଙ୍କୁ ସେଦିନ ପ୍ରାତଃ ଭୋଜନରୁ ବଞ୍ଚିତ ହେବାକୁ ପଡ଼ିଥିଲା । ମୁଁ ଦାୟିତ୍ୱରେ ଥିବା ଜାପାନୀ ସଂଯୋଜିକାଙ୍କୁ ଜଣାଇଲି, ସେ କହିଲେ, "ମୁଁ ଦୁଃଖିତ, ସେମାନେ ଠିକ୍ ସମୟରେ ଆସିଲେ ନାହିଁ; ତେଣୁ ମୁଁ ସାହାଯ୍ୟ କରିବାକୁ ଅସମର୍ଥ ।"

ଜାପାନରେ ସଭାସମିତି ନିର୍ଦ୍ଧାରିତ ସମୟରେ ଆରମ୍ଭ ହୁଏ ଓ ଶେଷ ହୁଏ । ଜାପାନୀମାନେ ଭାଷଣକୁ ପସନ୍ଦ କରନ୍ତି ନାହିଁ । ସେମାନେ ଖୁବ୍ କମ କଥା କୁହନ୍ତି ଓ ସଭାର ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚନ୍ତି । ଜାପାନୀମାନେ ସ୍ୱଭାବରେ ଅତି ସରଳ ଓ ନମ୍ର । ସେମାନେ ଅଭିବାଦନ ଜଣାଇଲାବେଳେ ପୂରା ଅଣ୍ଟାଠାରୁ ନଇଁ ସମ୍ମାନ ଜଣାଇଥାନ୍ତି । ନୀରବତା ମାଧ୍ୟମରେ ସେମାନେ ବହୁତ କିଛି ପ୍ରକାଶ କରିପାରନ୍ତି । ସେମାନେ ଛୋଟ ଛୋଟ କଥା ପାଇଁ ମଧ୍ୟ ଅନ୍ୟକୁ ପ୍ରଶଂସା କରନ୍ତି । ଜାପାନୀମାନଙ୍କ ଠାରୁ ଆମର ଅନେକ କଥା ଶିଖିବାର ଅଛି । ଭ୍ରମଣ ପାଇଁ ଜାପାନ ଯେମିତି ଗୋଟିଏ ସୁନ୍ଦର ଦେଶ, ଶିଖିବାପାଇଁ ସେମିତି ଗୋଟିଏ ଉତ୍କୃଷ୍ଟ ସ୍ଥାନ ।



## ଲେଖକ ପରିଚୟ

**ସନାତନ ପଣ୍ଡା** ୧୯୬୫ ମସିହା ଜୁଲାଇ ୨୦ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଶିଶୁ ସାହିତ୍ୟ ରଚନା କରିବାରେ ଲେଖକ ସିଦ୍ଧହସ୍ତ । 'ବୋଉ ମୁଁ ସ୍କୁଲ ଯିବି', 'ଟିନୁ ଯାଇଥିଲା ଜହ୍ନ ରାଇଜ', 'କୁହୁକ ମନ୍ତ୍ର' ଓ 'ମୋ ସ୍ୱପ୍ନ ମୋ ସ୍କୁଲ' ତାଙ୍କ ଦ୍ୱାରା ରଚିତ ଶିଶୁ ସାହିତ୍ୟ ପୁସ୍ତକ । ଏହା ବ୍ୟତୀତ ତାଙ୍କର ଅନେକ କ୍ଷୁଦ୍ର ଗଳ୍ପ ଓ କବିତା ଶିଶୁଲେଖା, ଫୁଲଝରି, ମୀନା ବଜାର, ବିଜ୍ଞାନ ଦିଗନ୍ତ, ତେଲିଙ୍ଗି ବାଜା, ନନ୍ଦନକାନନ, କାଇଁଚ ପ୍ରଭୃତି ଶିଶୁ ପତ୍ରିକାରେ ସ୍ଥାନ ପାଇଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପାଠଟିକୁ ପଢ଼ାଇବା ପୂର୍ବରୁ ଲେଖକ ପରିଚୟ ଓ ପୃଷ୍ଠଭୂମି ସଂପର୍କରେ ଧାରଣା ଦେବେ ।
- ଜାପାନ ସମ୍ପର୍କରେ କହିଲା ବେଳେ ଭାରତକୁ ତୁଳନା କରି ଆଲୋଚନା କରିବେ ।
- ଜାପାନର ଶିକ୍ଷା ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା ଓ ଦୋକାନ ବ୍ୟବସ୍ଥା, ସମୟାନୁବର୍ତ୍ତିତା, ଶୃଙ୍ଖଳା ଇତ୍ୟାଦିକୁ ଗୁରୁତ୍ୱର ସହିତ ଆଲୋଚନା କରିବେ ।
- ବଚନ ଓ କ୍ରିୟା ସଂପର୍କରେ ପିଲାଙ୍କୁ ଧାରଣା ଦେବେ । ଅବ୍ୟୟପଦ ମଧ୍ୟ ବୁଝାଇବେ ।

## ସୂଚନା

ଉତ୍କଣ୍ଠା – ଉଦ୍‌ବେଗ, ମନର ଆବେଗ

ଅପେକ୍ଷାରତ – ଅପେକ୍ଷା କରିଥିବା

ଟୁକୁରା – ଛୋଟ ଛୋଟ ଚିରା କାଗଜଖଣ୍ଡ

ୟେନ୍ – ଜାପାନ ଦେଶର ମୁଦ୍ରା, ଭାରତୀୟ ମୁଦ୍ରାକୁ ଯେପରି 'ଟଙ୍କା' ବା ଇଂରାଜୀରେ 'ରୁପି' କୁହାଯାଏ । ସେପରି ଜାପାନ ଦେଶର ମୁଦ୍ରାକୁ 'ୟେନ୍' କୁହାଯାଏ ।

ସ୍ୱୟଂଚାଳିତ – ବିନା ସାହାଯ୍ୟରେ ଆପେଆପେ ଚାଲୁଥିବା ଯନ୍ତ୍ରପାତି

ଦାହ୍ୟ – ଯେଉଁ ବସ୍ତୁ ପୋଡ଼ି ଯାଇପାରେ ।

ବର୍ଜ୍ୟବସ୍ତୁ – ଯେଉଁ ବସ୍ତୁକୁ ବର୍ଜନ କରାଯିବା ଉଚିତ୍ ବା ଅଦରକାରୀ ଜିନିଷ ।

ପୁନଃ ଚକ୍ରଣ ଯୋଗ୍ୟ – ଯେଉଁ ଅଦରକାରୀ ଜିନିଷରୁ ଦରକାରୀ ଜିନିଷ ତିଆରି କରାଯାଇପାରେ । ଯଥା : ଲୁହାଖଣ୍ଡ, ଆଲୁମିନିୟମ୍ ଖଣ୍ଡ, ଟିଣଖଣ୍ଡ, କେତେ ପ୍ରକାରର ପ୍ଲାଷ୍ଟିକ୍ ଇତ୍ୟାଦି......

ଲବି – ହୋଟେଲର କୋଠରି ଆଗରେ ଥିବା ସୁସଜ୍ଜିତ ବୈଠକ ସ୍ଥାନ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | |
|---|---|---|
| ନିୟନ୍ତ୍ରକ | ବ୍ୟବହାର୍ଯ୍ୟ | ସାକ୍ଷର |
| ଅଗ୍ରସର | ନଜର | ଶୌଚାଳୟ |
| ଅଭିମୁଖେ | ଅବଶିଷ୍ଟ | ନିଦର୍ଶନ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ଜାପାନ ଦେଶ ଆଉ କେଉଁ ନାମରେ ଜଣାଶୁଣା ?

ଖ) ଜାପାନର ସମୟ ଓ ଭାରତର ସମୟ ମଧ୍ୟରେ କେତେ ତଫାତ୍ ଥାଏ ?

ଗ) ଜାପାନର ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କିପରି ହୋଇଥାଏ ?

ଘ) ଜାପାନୀମାନେ ବର୍ଜ୍ୟବସ୍ତୁରୁ କ'ଣ ସବୁ ବ୍ୟବହାର୍ଯ୍ୟ ପଦାର୍ଥ ତିଆରି କରିଥାନ୍ତି ?

ଙ) ଜାପାନୀମାନେ ଅନ୍ୟମାନଙ୍କୁ କିପରି ଅଭିବାଦନ ଜଣାଇଥାନ୍ତି ?

୨. **କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସମ୍ପର୍କ ଥିବା ଶବ୍ଦକୁ ଗାରଟାଣି ଯୋଡ଼ିବା ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ | | ଯୋଡ଼ାଶବ୍ଦ |
|---|---|---|---|
| ଖାଲ | ବାହନ | ଯେପରି | ଖାଲଢିପ |
| ଖେଳ | ମାଟି | ସେପରି | ________ |
| ଧୂଳି | ପଛ | | ________ |
| ସଭା | ଢିପ | | ________ |
| ଯାନ | ଘାଟ | | ________ |
| ଯନ୍ତ୍ର | କୁଦ | | ________ |
| ରାସ୍ତା | ସମିତି | | ________ |
| | ପାଟି | | ________ |

୩. **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।**

(ତ, ଏବଂ, ସେମିତି, ଯଦି, ମଧ୍ୟ)

କ) ମୁଁ....................ଯିବି ତେବେ ତୋ ପାଇଁ ପୋଷାକ କିଣି ନେବି ।

ଖ) ରୀତି ଯେମିତି ରୂପରେ ସୁନ୍ଦର................ ଗୁଣର ମଧ୍ୟ ଅଧିକାରିଣୀ ।

ଗ) ବାପା ପୋଷାକ........................ ମିଠେଇ ଦେଲେ ।

ଘ) ତୁ ଆସିବାବେଳେ ତୋ ଅପାକୁ ସାଙ୍ଗରେ ଆଣିବୁ................ ।

ଙ) ତୁ ................ ଆଗରୁ ତାଙ୍କୁ ଦେଖି ନ ଥିଲୁ ତେବେ ଚିହ୍ନିଲୁ କିପରି ?

**୪. ତଳ ଶବ୍ଦଗୁଡ଼ିକର ବିପରୀତ ଲିଙ୍ଗ ପ୍ରକାଶ କରୁଥିବା ଶବ୍ଦ ଲେଖିବା ।**

ଶିକ୍ଷିକା - ☐ ଛାତ୍ର - ☐

ପରିଚାରିକା - ☐ ବୟସ୍କ- ☐

ସଂଯୋଜିକା - ☐

**୫. "କାରଖାନାରେ ବହୁତ ଯନ୍ତ୍ରପାତି <u>ଖଞ୍ଜାଯାଇଛି</u> ।" ଏହି ବାକ୍ୟରେ ଯେଉଁ ଶବ୍ଦ ତଳେ <u>ଗାର</u> ଦିଆଯାଇଛି ତାହା ଏକ କ୍ରିୟାପଦ । ସେହିପରି ତଳ ବାକ୍ୟଗୁଡ଼ିକରୁ ଯେଉଁ ଶବ୍ଦଗୁଡ଼ିକ କ୍ରିୟା ପଦ, ତା ତଳେ <u>ଗାର</u> ଦେବା ।**

କ) ଆମେ ନରିତା ବିମାନ ବନ୍ଦରରେ ଓହ୍ଲାଇଲୁ ।

ଖ) ସେମାନେ ପରସ୍ପର କଥା ହେଉଛନ୍ତି ।

ଗ) ଜାପାନୀମାନେ ଖୁବ୍ କମ୍ କଥା କୁହନ୍ତି ।

ଘ) ପିଲାମାନେ କାଲି ବଣଭୋଜି କରିବେ ।

ଙ) ମୁଁ ଶିକ୍ଷକଙ୍କୁ ମୋ ଅସୁବିଧା ଜଣାଇଲି ।

**୬. ବାମ ପାଖ ଗୋଲେଇର ଶବ୍ଦସହିତ ଡାହାଣ ପାଖ ଗୋଲେଇର ସମ୍ପର୍କ ଥିବା ଶବ୍ଦକୁ ଏକାଠି କରି ଲେଖିବା ।**

ନିଘୋଡ଼, ପ୍ରଚଣ୍ଡ, ଅତ୍ୟନ୍ତ, ଉତ୍କଟ, କଠୋର, ଅସହ୍ୟ କୋମଳ

ଦଣ୍ଡ, ସ୍ୱର, ଖରା, ଯନ୍ତ୍ରଣା, ଆନନ୍ଦ, ନିଦ, ଗନ୍ଧ

ଯେପରି - ନିଘୋଡ଼ ନିଦ

________ ________

________ ________

________ ________

**୭. ତଳ ଉକ୍ତିଗୁଡ଼ିକରେ 'ରୀତା'ଶବ୍ଦଟି ବାରମ୍ବାର ବ୍ୟବହୃତ ହୋଇଛି । 'ରୀତା' ଶବ୍ଦ ବଦଳରେ ଆଉ ଯେଉଁ ପଦବ୍ୟବହାର କଲେ ବାକ୍ୟର ଅର୍ଥ ବଦଳିବ ନାହିଁ ସେହି ପଦକୁ ତା ପାଖ ବନ୍ଧନୀ ମଧ୍ୟରେ ଲେଖିବା ।**

**ଯେପରି ରୀତା ଗୋଟିଏ ସୁନ୍ଦର ଝିଅ, (ସେ) ତୃତୀୟ ଶ୍ରେଣୀରେ ପଢ଼େ ।**

କ) ରୀତାର( ) ଗୋଟିଏ ଗୁଲୁଗୁଲିଆ ଭାଇ ଅଛି ।

ଖ) ରୀତାର ( )ବାପା ରୀତା ପାଇଁ ଓ ( ) ଭାଇ ପାଇଁ ଦୁଇଟି ଖେଳନା ଆଣିଲେ ।

ଗ) ରୀତାକୁ ( ) ବଡ଼ ଖେଳଣାଟି ଦେଲେ ।

୮. **"<u>ଲୋକଟି</u> ରାସ୍ତାରେ ସାଇକେଲ୍ ଚଳାଇ ଯାଉଛି" ।**

**ଏହି ବାକ୍ୟରେ ଗାର ଦିଆଯାଇଥିବା ଶବ୍ଦଟି 'ଗୋଟିଏ ଲୋକ' କୁ ବୁଝାଉଛି । ବହୁତ ଲୋକ ବୁଝାଇବାକୁ ହେଲେ ବାକ୍ୟଟି ଏପରି ହେବ -**

**'<u>ଲୋକମାନେ</u> ରାସ୍ତାରେ ସାଇକେଲରେ ଯାଉଛନ୍ତି ।'**

**ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ପଦ ବହୁତ ବା ଅନେକ ଅର୍ଥ ବୁଝାଇବା ପାଇଁ କ'ଣ ହେବ ସେହି ଅନୁସାରେ ବଦଳାଇ ଲେଖିବା ।**

କ) <u>ଗାଈଟି</u> ପଡ଼ିଆରେ ଚରୁଥିଲା ।

ଉ. ..........................................................................................

ଖ) ସେଦିନ ମୁଁ ନୂଆଦିଲ୍ଲୀରୁ ଯାତ୍ରା ଆରମ୍ଭ କଲି ।

ଉ. ..........................................................................................

ଗ) <u>ମହିଳାଜଣକ</u> ଆମକୁ ଅପେକ୍ଷା କରିଛନ୍ତି ।

ଉ. ..........................................................................................

ଘ) <u>ବସ୍‌ଟି</u> କାଲି ଏଠାରୁ ନବରଙ୍ଗପୁର ଯିବ ।

ଉ. ..........................................................................................

ଙ) କୃଷ୍ଣମୋହନବାବୁଙ୍କ <u>ଝିଅଟି</u> ଖୁବ୍ ଚାଲାକ୍ ।

ଉ. ..........................................................................................

୯. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ଜାପାନୀମାନେ ପରିଶ୍ରମୀ ବୋଲି ଲେଖକ ଜାଣିପାରିଥିଲେ କିପରି ?

ଉ. ..............................................................................................

ଖ) ଜାପାନୀମାନଙ୍କର ଡଷ୍ଟବିନ୍ ବ୍ୟବହାର ପ୍ରକ୍ରିୟାରୁ ତୁମେ କ'ଣ ବୁଝୁଛ ଲେଖ ।

ଉ. ..............................................................................................

ଗ) ଜାପାନ ଦେଶର ଶିକ୍ଷାବ୍ୟବସ୍ଥା ବିଷୟରେ ଯାହା ଜାଣିଲ ଲେଖ ।

ଉ. ..............................................................................................

ଘ) ଭାରତୀୟ ପିଲା ତିନି ଜଣ ସେଦିନ ପ୍ରାତଃଭୋଜନ ଖାଇପାରିଲେ ନାହିଁ କାହିଁକି ?

ଉ. ..............................................................................................

ଙ) 'ମନ ଜାଣି ଫଳ' – ଏଥିରୁ ତୁମେ କ'ଣ ବୁଝ ?

ଉ. ..............................................................................................

ଚ) ଜାପାନୀମାନେ ଦୋକାନରୁ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି କାହିଁକି ?

ଉ. ..............................................................................................

୧୦. ତଳଲିଖିତ ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା ।

ଅଭିଳାଷ –

ଅଗ୍ରସର –

ଅନୁସନ୍ଧାନ –

ଅଭିବାଦନ –

ଆଗ୍ରହ –

୧୧. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକୁ ପଢ଼ି, ପ୍ରତିବାକ୍ୟ ପାଇଁ ପ୍ରଶ୍ନମାନ ତିଆରି କରିବା ।

କ) ଟୋକିଓର ରାସ୍ତାଘାଟ ପୂରା ଚକ୍‌ଚକ୍ ଦିଶୁଥାଏ ।

..............................................................................................

..............................................................................................

ଖ) ଜାପାନର ରାସ୍ତାର ଛକମାନଙ୍କର ଯାନବାହନ ଓ ପଦଚାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ଲାଇଟର ସଙ୍କେତ ଯଥେଷ୍ଟ ।

..............................................................................................

..............................................................................................

ଗ) ଗ୍ରାହକ ଜାପାନୀ 'ୟେନ' ପକାଇବା ମାତ୍ରେ ଭିତରେ ଏକ ନାଲି ରଙ୍ଗର ଆଲୋକ ଜଳିଉଠେ ।

..............................................................................................

..............................................................................................

ଘ) ଦୈନନ୍ଦିନ ଜୀବନରେ ଆବର୍ଜନାର ପରିମାଣ କମାଇବା ପାଇଁ ଜାପାନୀମାନେ ମୂଳରୁ ସତର୍କତା ଅବଲମ୍ବନ କରିଥାନ୍ତି ।

..............................................................................................

..............................................................................................

ଙ) ଜାପାନୀ ଛାତ୍ରମାନେ ଗଣିତ, ବିଜ୍ଞାନରେ କିନ୍ତୁ ପଛୁଆ ନୁହନ୍ତି ।

..............................................................................................

..............................................................................................

ଚ) ଜାପାନରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଏ ।

..............................................................................................

..............................................................................................

## ତୁମ ପାଇଁ କାମ

୧. ଏହି ବିଷୟଟିରୁ ତୁମେ ଯାହା ଶିଖିଲ ତାକୁ ବର୍ଣ୍ଣନା କରି ବାପାଙ୍କ ପାଖକୁ ପତ୍ର ଖଣ୍ଡିଏ ଲେଖ ।

୨. ଏହିପରି ଆଉ କିଛି ଭ୍ରମଣକାହାଣୀ ସଂଗ୍ରହ କରି ପଢ଼ ।


# ଦୁଃଖୀଧନ ନୀଳମଣିରେ

**ବୈଷ୍ଣବ ପାଣି**

ଦୁଃଖୀଧନ ନୀଳମଣିରେ
        ମାଆ ବୋଲି କିଏ ଡାକିବ ମୋତେ,
ଗୋରୁ ଘେନି ଫେରି ଆସିଲାବେଳକୁ
        କାହା ପାଇଁ ଜଗି ବସିବି ପଥେ ?


ଯେବେ ବିଜା ଆସିବ କୋଳି
        କାନ୍ଦି କିଏ କରିବ ଅଳି,
ଚଳି ହେଉଥିଲେ ଧୂଳି ବୋଳି ହୋଇ
        ଦୋଳି କେ ଖେଳିବ କାନି ପଣତେ ?

ଯେବେ ଦହି ମୁହାଁ ହୋଇବ
        କିଏ ସେ ଲବଣୀ ଖାଇବ,
ହୋଇଣ ଆନନ୍ଦ ଗାଈ ଦୁହିଁବାକୁ
        ଶିକା ଛନ୍ଦ ଘେନି କେ ଯିବ ହାତେ ?



ଖେଳି ଯାଉଥିଲେ ଦାଣ୍ଡରେ
ଧୂଳି ପଡ଼ିଥାଉ ମୁଣ୍ଡରେ,
କଳି କଲେ କେହି 'ମାଆ ମାଆ' କହି
କଇଁ କଇଁ ହୋଇ କାନ୍ଦିବୁ କେତେ ?

ଯେବେ ଯିବୁ ମଧୁପୁରକୁ
ଅନାଇବି କାହା ମୁଖକୁ ?
କହେ ବଇଷ୍ଣବ ନିଶ୍ଚେ ଜୀବ ଯିବ
ମୁରୁଛିବି ଗଳା ମାଳି କେମନ୍ତେ ?



## କବି ପରିଚୟ

**ବୈଷ୍ଣବ ପାଣି** – ୧୮୮୨ ମସିହା ପବିତ୍ର କୁମାର ପୂର୍ଣ୍ଣିମା ଦିନ କବିଙ୍କର ଜନ୍ମ । ତାଙ୍କଦ୍ୱାରା ରଚିତ ଗୀତିନାଟ୍ୟ 'ମେଘନାଦବଧ', 'ରଙ୍ଗ ସଭା', 'ନଳଦମୟନ୍ତୀ', 'ମହୀରାବଣ ବଧ', 'ପ୍ରହ୍ଲାଦଚରିତ', 'ରାବଣ ବଧ', 'ସୀତା ବନବାସ', 'ଅଭିମନ୍ୟୁ ବଧ', 'ବିଲ୍ୱମଙ୍ଗଳ' ଓ 'କର୍ଣ୍ଣ ବଧ' ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଆଦୃତ । ୧୯୫୬ ମସିହା ମଇ ୧୦ ତାରିଖରେ କବି ବୈଷ୍ଣବ ପାଣି ଇହଲୀଳା ସମ୍ବରଣ କରିଥିଲେ । ଗଣକବି ଭାବରେ ସେ ବେଶ୍ ଜଣାଶୁଣା ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ "ଦୁଃଖୀଧନ ନୀଳମଣିରେ" କବିତାଟି ପଢ଼ାଇବା ସମୟରେ ଏହି କବିତାର ପୃଷ୍ଠଭୂମି ସମ୍ପର୍କରେ ପିଲାମାନଙ୍କୁ ଧାରଣା ଦେବେ ।
- କବିତାଟି ପଢ଼ାଇବା ସମୟରେ ଶ୍ରୀକୃଷ୍ଣଙ୍କ ଗୋରୁ ଚରାଇବା, ଦହି ମୁହାଁଇବାକୁ ଯିବା ପାଇଁ ହାତରେ ଛନ୍ଦ, ଘଡ଼ି ପ୍ରଭୃତି ଧରି ବାହାରିବା ଓ ଯଶୋଦା ଶ୍ରୀକୃଷ୍ଣଙ୍କୁ ବାତ୍ସଲ୍ୟ ମମତା ପ୍ରଦର୍ଶନ କରୁଥିବାର ଚିତ୍ର ସଂଗ୍ରହ କରି ଦେଖାଇବେ ।
- ଶିକ୍ଷକ କିଛି ସମଭାବାପନ୍ନ କବିତା ସଂଗ୍ରହ କରି ଉପସ୍ଥାପନ କରିବେ ଏବଂ ନିଜର ଶିକ୍ଷାଦାନକୁ ବଳିଷ୍ଠ କରିବା ପାଇଁ ଯତ୍ନ କରିବେ ।
- ମାଆର ପୁଅପ୍ରତି ବାତ୍ସଲ୍ୟ ମମତାର ଗଭୀରତାକୁ ପିଲାମାନେ ଯେପରି ଉପଲବ୍ଧି କରିପାରିବେ ସେ ଦିଗରେ ଯତ୍ନଶୀଳ ହେବେ ।

## ସୂଚନା

ଦୁଃଖୀଧନ ନୀଳମଣି ହେଉଛନ୍ତି ଶ୍ରୀକୃଷ୍ଣ । ତାଙ୍କ ହାତରେ ନିଜର ମରଣ ହେବା କଥା ଜାଣି, କଂସ ତାଙ୍କୁ ମାରିଦେବା ପାଇଁ ନାନା ଉପାୟ କରିଥିଲା । ଥରେ ଧନୁଯାତ୍ରାର ଯୋଗାଡ଼ କରି ତାଙ୍କୁ ନିଜର ରାଜ୍ୟ ମଧୁପୁରକୁ ଡକାଇଥିଲା । ଶ୍ରୀକୃଷ୍ଣ ମଧୁପୁର ଯିବା ସମୟରେ ତାଙ୍କର ଗୁଣ ସୁମରି ମାଆ ଯଶୋଦା ବାହୁନିଛନ୍ତି ।

ଦୁଃଖୀଧନ- ମାଆ ଯଶୋଦା ନିଜକୁ ଦୁଃଖିନୀ ମନେକରି ଶ୍ରୀକୃଷ୍ଣଙ୍କୁ ତାଙ୍କର ଅମୂଲ୍ୟ ଧନ ଭଳି ମନେ କରିଛନ୍ତି । ସାଧାରଣତଃ ମାଆମାନେ ନିଜ ସନ୍ତାନମାନଙ୍କୁ ଦୁଃଖୀଧନ ବୋଲି ସମ୍ବୋଧନ କରନ୍ତି ।

ନୀଳମଣି – ଶ୍ରୀକୃଷ୍ଣଙ୍କ ରୂପ ନୀଳ ରଙ୍ଗର ଉଜ୍ଜ୍ୱଳ ମଣି ସଦୃଶ ହୋଇଥିବାରୁ ଶ୍ରଦ୍ଧାରେ ନୀଳମଣି କୁହାଯାଇଥାଏ ।

ଚଳିବା – ଚିଡ଼ିବା ବା ରାଗିବା (ମା'ଙ୍କର ଚିଡ଼ିବା କଥା କୁହାଯାଇଛି)

କାନି ପଣତ– ନାରୀମାନେ ପିନ୍ଧିଥିବା ଅବସ୍ଥାରେ କାନ୍ଧ ତଳକୁ ରହୁଥିବା ଶାଢ଼ି ଅଗ୍ରଭାଗର ଗୋଟିଏ କୋଣ ।

ଛନ୍ଦ – ଗାଈ ଦୁହିଁବା ସମୟରେ ଗାଈର ନାଡରୁ ରକ୍ଷା ପାଇବା ପାଇଁ ତା'ର ପଛଗୋଡ଼ ଦୁଇଟିକୁ ଛନ୍ଦି ବାନ୍ଧିବା ପାଇଁ ବ୍ୟବହାର କରାଯାଉଥିବା ଦଉଡ଼ି ।

ମଧୁପୁର – ମଥୁରାପୁରର ଅନ୍ୟ ନାମ ।

ଗଳାମାଳି – ବେକର ହାର, ମାଆମାନେ ନିଜର ସନ୍ତାନମାନଙ୍କୁ ଶ୍ରଦ୍ଧାରେ ଗଳାର ମାଳି ଭଳି ମନେକରି ସମ୍ବୋଧନ କରିଥାନ୍ତି ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଲବଣି, ଦହି, ମୁହାଁ, ଶିକା, ମୁରୁଛିବା

## ଅଭ୍ୟାସ

**୧. ଆସ କଥାବାର୍ତ୍ତା ହେବା ।**

କ) ଏହି କବିତାରେ ମାଆ କିଏ ?

ଖ) ସେ କାହାକୁ ଦୁଃଖୀଧନ ବୋଲି ସମ୍ବୋଧନ କରିଛନ୍ତି ?

ଗ) ସେ ପୁଅର କେଉଁ ସବୁ ସମୟର କଥାକୁ ମନେ ପକାଇଛନ୍ତି ?

ଘ) କବିତାରେ ମଥୁରାପୁରକୁ କ'ଣ ବୋଲି କୁହାଯାଇଛି ?

ଙ) ଶ୍ରୀକୃଷ୍ଣ ମଥୁରାପୁରକୁ ଯାଇଥିଲେ କାହିଁକି ?

**୨. ପଦର ଛାଡ଼ିଯାଇଥିବା ଅଂଶକୁ ପୂରଣ କରିବା ।**

କ) ଯେବେ ଦହି ମୁହାଁ ହୋଇବ

.....................................................................................

ଖ) .....................................................................................

ଶିକା ଛନ୍ଦ ଘେନି କେ ଯିବ ହାତେ ?

ଗ) .....................................................................................

ଅନାଇବି କାହା ମୁଖକୁ ?

ଘ) କହେ ବଇଷ୍ଣବ ନିଷ୍ଟେ ଜୀବ ଯିବ

.....................................................................................

ଙ) .................................................... କାନି ପଣତେ ?

୩. ତଳେ ଦୁଇଟି କୋଠରିରେ ଦୁଇ ପ୍ରକାରର ଶବ୍ଦ ଲେଖାଯାଇଛି । ଆସ ମିଳାଇବା । ଦେଖିବା, କିଏ କାହା ସହିତ ମିଶୁଛି ।

| | |
|---|---|
| କଇଁକଇଁ | ଖରା |
| ସାଇଁସାଇଁ | କାନ୍ଦ |
| ଟାଇଁଟାଇଁ | ମୁଣ୍ଡ |
| ଝାଇଁଝାଇଁ | ପବନ |
| ଧଇଁସଇଁ | ଚାଲି |
| | ପାଣି |
| | ଥଣ୍ଡା |

୪. ଶ୍ରୀକୃଷ୍ଣ କୋଳି ଖାଇବାପାଇଁ ମାଆଙ୍କ ପାଖରେ ଅଝଟ କରିବା କଥା କେଉଁ ପଦରେ ଅଛି ଖୋଜି ଗଦ୍ୟରେ ଲେଖିବା ।

ଉ.

୫. କେଉଁପରି ବା କିପରି ଶବ୍ଦ ପାଇଁ ଆମେ ପଦ୍ୟରେ "କେମନ୍ତେ" ଶବ୍ଦ ବ୍ୟବହାର କରୁ । ସେପରି ତଳ ଶବ୍ଦ ପାଇଁ କଣ ବ୍ୟବହାର କରିବା ତାହା କୋଠରିରେ ଲେଖିବା ।

କ) ଏହିପରି – [ ]

ଖ) ସେହିପରି – [ ]

ଗ) ଯେଉଁପରି – [ ]

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା ।

କ) ମାଳି – ..............................................................................

ମାଳୀ – ..............................................................................

ଖ) ଗାଇ – ..............................................................................

ଗାଈ – ..............................................................................

ଗ)  ଜୀବ – ..........................................................................................

ଯିବ– ..........................................................................................

୭. ପିଲାଟି କାନ୍ଦି ଗଡ଼ିଯାଉଛି । ଯେପରି 'କାନ୍ଦିବା'ରୁ କାନ୍ଦି ହୋଇଛି ସେପରି ତଳ ଶବ୍ଦଗୁଡ଼ିକରୁ ଯାହା ହେବ ତାକୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଲେଖିବା ।

କ)  ଡାକିବା ..........................................................................

ଖ)  ବସିବା ..........................................................................

ଗ)  ଖେଳିବା ..........................................................................

ଘ)  ଖାଇବା ..........................................................................

ଙ)  ଅନେଇବା ..........................................................................

୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ)  ଶ୍ରୀକୃଷ୍ଣ କାହିଁକି କାନ୍ଦୁଥିଲେ ?

ଉ. ..........................................................................................

..........................................................................................

ଖ)  ଶ୍ରୀକୃଷ୍ଣଙ୍କର କେଉଁ କେଉଁ କାମକୁ ମାଆ ମନେ ପକାଉଥିଲେ ?

ଉ. ..........................................................................................

..........................................................................................

ଗ)  ଗାଇ ଦୁହିଁଲା ବେଳେ ମାଆ କ'ଣ ସବୁ ବ୍ୟବହାର କରନ୍ତି ?

ଉ. ..........................................................................................

..........................................................................................

୯. ତଳ ଉତ୍ତରଗୁଡ଼ିକୁ ପାଇବା ପାଇଁ ପ୍ରଶ୍ନ ତିଆରି କରି ଲେଖିବା ।

କ) ଗୋରୁଘେନି ଫେରିବା ବେଳକୁ ମାଆ ବାଟ ଚାହିଁ ବସି ରହୁଥିଲେ ।

ଉ. ..........................................................................

..........................................................................

ଖ) ଶ୍ରୀକୃଷ୍ଣ ଧୂଳି ଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ।

ଉ. ..........................................................................

..........................................................................

ଗ) ଶ୍ରୀକୃଷ୍ଣ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ।

ଉ. ..........................................................................

..........................................................................

ଘ) ଦହି ମୁହାଁ ହେଲେ ସେଥିରୁ ଲହୁଣି ବାହାରେ ।

ଉ. ..........................................................................

..........................................................................

## ତୁମପାଇଁ କାମ

୧. ନିଜକୁ କୃଷ୍ଣ ବେଶରେ ସଜାଇବାକୁ ହେଲେ କ'ଣ କ'ଣ ଉପକରଣ ଦରକାର ପଚାରି ବୁଝ ଓ ତାହାର ଏକ ତାଲିକା କର ।

୨. "କଳା ମାଣିକରେ" କବିତାଟିକୁ ସଂଗ୍ରହ କରି ଗାଅ ।

# ଯେ ଥାଏ ପର ଉପକାରେ

ଡ. ଉମେଶ ପତ୍ରୀ

ଭାରତ ଆମର ଜନ୍ମଭୂମି । ବିରାଟ ଆମର ଏଇ ଦେଶ । ଅନେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଦେଶଟି ଆମର ଗଠିତ । ଆମ ଦେଶର ଗୁଜୁରାଟ ରାଜ୍ୟର କଚ୍ଛ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ ଜଣେ ସାଧୁ । ନାଁଟି ତାଙ୍କର ଥିଲା ମେକରଣ । ସେ ଥିଲେ ଗୁରୁ ଦତ୍ତାତ୍ରେୟଙ୍କ ଶିଷ୍ୟ । ଗିରିନାର ପର୍ବତର ପାଦଦେଶରେ ଥିବା ଅରଣ୍ୟରେ ସେ ବାରବର୍ଷ ଧରି ତପସ୍ୟା କରିଥିଲେ । ଏହି ସମୟ ମଧ୍ୟରେ ଭୋକ ହେଲେ ସେ କନ୍ଦମୂଳ ଖାଉଥିଲେ ଓ ଶୋଷ ହେଲେ ଝରଣା ପାଣି ପିଇ ତୃଷା ନିବାରଣ କରୁଥିଲେ ।

ଗୁରୁ ଦତ୍ତାତ୍ରେୟ ଯେତେବେଳେ ଜାଣିଲେ ଯେ ତାଙ୍କ ଶିଷ୍ୟ ମେକରଣ କଠୋର ତପସ୍ୟା କରୁଛନ୍ତି, ତାଙ୍କ ମନ ଆନନ୍ଦରେ ପୁରିଗଲା । ସେ ତାଙ୍କ ପାଖରେ ପହଞ୍ଚି ଆଶୀର୍ବାଦ କଲେ ।

ମେକରଣ ଦତ୍ତାତ୍ରେୟଙ୍କୁ କହିଲେ, "ଗୁରୁଦେବ, ମୁଁ ବାରବର୍ଷ ଧରି ତପସ୍ୟା କରିସାରିଛି । ଏବେ ମୋତେ କ'ଣ କରିବାକୁ ହେବ ଦୟାକରି କହନ୍ତୁ ।" ଦତ୍ତାତ୍ରେୟ ତାଙ୍କୁ ଦୁଇଟି କୁମ୍ଭ ଦେଇ କହିଲେ, "ପୁଅ, ତୁମେ ଯେଉଁ ଜନ୍ମଭୂମିରୁ ଆସିଛ, ସେଠାରେ ବହୁ ଅଞ୍ଚଳ ମରୁଭୂମି । ସେହି ମରୁଭୂମି ଅଞ୍ଚଳ ଦେଇ ଯାଉଥିବା ପଥିକମାନେ ପାଣି ନ ପାଇ ତୃଷାରେ କାତର ହୋଇପଡ଼ନ୍ତି । ପାଣି ଅଭାବରୁ ଅନେକ ସମୟରେ ସେମାନେ ମୃତ୍ୟୁ ମୁଖରେ ପଡ଼ନ୍ତି । ତୁମେ ଦୁଇଟିଯାକ କୁମ୍ଭରେ ପାଣିଭରି ସେମାନଙ୍କୁ ପ୍ରତିଦିନ ପିଇବାକୁ ଦେବ, ଏହା ହିଁ ତୁମପାଇଁ ହେବ ଏକ ମହତ୍ କାର୍ଯ୍ୟ ।"

ଶିଷ୍ୟଙ୍କୁ ଏହି ପରାମର୍ଶ ଦେଇ ଦତ୍ତାତ୍ରେୟ ଚାଲିଗଲେ । ମେକରଣ ମଧ୍ୟ ଗିରିନାର ପର୍ବତରୁ ଫେରିଆସିଲେ ନିଜର ଜନ୍ମଭୂମିକୁ । ସେଠାରେ ସେ ଧାଙ୍ଗମାଟିରେ ଏକ କୁଡ଼ିଆ ତିଆରି କଲେ । ପ୍ରତିଦିନ ସେ କୁମ୍ଭଗୁଡ଼ିକରେ ପାଣି ପୂରାଇ ଭାର ସାହାଯ୍ୟରେ ମରୁଭୂମିରେ ବହୁ ଦୂରକୁ ବୋହି ନେଉଥିଲେ । ଶେଷରେ ବିକଳ ହୋଇ ପାଣି ପାଇଁ ଖୋଜୁଥିବା ଯାତ୍ରୀମାନଙ୍କ ପାଖରେ ସେ ପହଞ୍ଚି ଯାଉଥିଲେ । ସେମାନଙ୍କୁ ପାଣି ପିଆଉଥିଲେ । ମରଣମୁହଁରୁ ଫେରି ଆସୁଥିବା ସେହି ପଥିକମାନଙ୍କ ମୁହଁରେ ହସ ଫୁଟି ଉଠୁଥିଲା । ଏହା ଦେଖି ମେକରଣ ଖୁବ୍ ଖୁସି ହେଉଥିଲେ । ସନ୍ଧ୍ୟା ହେଲେ ସେ ଆଖପାଖ ଗାଁରୁ ଭିକ୍ଷା କରୁଥିଲେ । ଯାହା ମିଳୁଥିଲା ସେଥିରେ ଚଳିଯାଉଥିଲେ ।

କ୍ରମେ ମେକରଣ ବାର୍ଦ୍ଧକ୍ୟରେ ଉପନୀତ ହେଲେ । ସେ ଆଉ ବେଶୀ ପରିଶ୍ରମ କରିପାରିଲେ ନାହିଁ । ନିଜେ ରହୁଥିବା ସ୍ଥାନରେ ସେ ଗୋଟିଏ ଗଧ ଆଉ ଗୋଟିଏ କୁକୁର ପାଳିଲେ । କୁକୁରଟିର ନାଁ ଦେଇଥିଲେ ମୋତି ଆଉ ଗଧଟିର ନାଁ ଲାଲା ।


ଏଣିକି ସେ ଦୁଇଟି କୁମ୍ଭରେ ପାଣି ଭରି ତାକୁ ଗଧ ପିଠିରେ ଝୁଲାଇ ଦେଉଥିଲେ । ସଙ୍ଗରେ ଗୋଟିଏ ଘଣ୍ଟା ମଧ୍ୟ ଦେଉଥିଲେ । ଆଗରେ ଯାଉଥିଲା ମୋତି ଆଉ ତା' ପଛେପଛେ ଚାଲୁଥିଲା ଲାଲା । ଯେଉଁଠି ପଥିକମାନେ ପାଣି ବିନା ଛଟପଟ ହେଉଥିଲେ ସେଇଠି ସେମାନେ ପହଞ୍ଚି ଯାଉଥିଲେ, ଶୋଷିଲା ପଥିକମାନେ

ଗଧ ପିଠିରେ ଓହଳିଥିବା ତୁମ୍ବୀରୁ ଡବାରେ ପାଣି କାଢ଼ି ପିଉଥିଲେ । ସେମାନଙ୍କ ଜୀବନ ବଞ୍ଚିଯାଉଥିଲା । ସନ୍ଧ୍ୟା ହେଲେ ମୋତି ଓ ଲାଲା ପୁଣି ଫେରିଆସୁଥିଲେ କୁଡ଼ିଆ ପାଖକୁ । ମେକରଣ ଲାଲା ପିଠିରୁ ତୁମ୍ବୀ ଦୁଇଟି ଓହ୍ଲାଇ ଦେଉଥିଲେ । ଦିନବେଳା ମେକରଣ କେତେକ ସ୍ଥାନରୁ ଭିକ୍ଷା ସଂଗ୍ରହ କରି ନେଇ ଆସୁଥିଲେ । ତହିଁରୁ ସେ ଦୁଇଭାଗ ମୋତି ଓ ଲାଲାକୁ ଦେଉଥିଲେ ଆଉ ଗୋଟିଏ ଭାଗ ନିଜେ ଖାଉଥିଲେ । ବେଳେବେଳେ କୌଣସି ଭୋକିଲା ଯାତ୍ରୀ ଯଦି ତାଙ୍କ ନିକଟରେ ପହଞ୍ଚୁଥିଲା, ତାକୁ ବି ସେ ନିଜ ଭାଗର ଖାଦ୍ୟ ଦେଇଦେଉଥିଲେ । କ୍ଷୁଧାର୍ତ୍ତଙ୍କୁ ଖାଦ୍ୟ ଦେଇପାରୁଥିବାରୁ ପରମ ତୃପ୍ତି ଲାଭ କରୁଥିଲେ ।



ଦିନେ କଚ୍ଛ ରାଜ୍ୟର ରାଜା ସେହି ଅଞ୍ଚଳକୁ ଶିକାର କରିବାକୁ ଆସିଲେ । ତାଙ୍କ ସହିତ ଥିଲେ କେତେକ ରାଜ-କର୍ମଚାରୀ । ଦିନେ ରାଜା ସାରାଦିନ ବୁଲିବୁଲି କୌଣସି ଜନ୍ତୁକୁ ପାଇଲେ ନାହିଁ । ସନ୍ଧ୍ୟା ହେବାକୁ କିଛି ସମୟ ବାକି ଥାଏ । ସେହି ମରୁଭୂମିରେ ସେ ମେକରଣଙ୍କ ଗଧ ଓ କୁକୁରକୁ ଦେଖିଲେ । ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । କର୍ମଚାରୀମାନଙ୍କୁ ପଚାରିଲେ "ଏହି ମରୁଭୂମିରେ ଗଧ ଆଉ କୁକୁର କେଉଁଠୁ ଆସିଲେ ? ଏଠାରେ ତ ଚିତାବାଘର ଭୟ ରହିଛି । ତା' ହାବୁଡ଼ରୁ ଏମାନେ ବଞ୍ଚିଛନ୍ତି କିପରି ?"

ଜଣେ ରାଜକର୍ମଚାରୀ ଉତ୍ତର ଦେଲେ, "ମହାରାଜା ଏମାନେ ହେଉଛନ୍ତି ସନ୍ନ୍ୟାସୀ ମେକରଣଙ୍କ ପୋଷାଜନ୍ତୁ । ଏ ଅଞ୍ଚଳର ସମସ୍ତ ପ୍ରାଣୀଙ୍କ ପାଖରେ ଏମାନେ ପରିଚିତ । ମରୁଭୂମିରେ ପାଣି ନ ପାଇ ଛଟପଟ



ହେଉଥିବା ପ୍ରାଣୀମାନଙ୍କୁ ଏମାନେ ପାଣି ଯୋଗାଇଥାନ୍ତି । କୌଣସି ହିଂସ୍ରଜନ୍ତୁ ମଧ୍ୟ ଏମାନଙ୍କର ଅନିଷ୍ଟ କରନ୍ତି ନାହିଁ ।"

ରାଜା କହିଲେ, "ଆଜି ଶିକାର ତ ହୋଇପାରିଲା ନାହିଁ । ଆମେ ଏତେ ଦୂର ଆସିଛୁ ଯେତେବେଳେ, ସନ୍ନ୍ୟାସୀ ମେକରଣଙ୍କ ସହିତ ଭେଟ ହୋଇଯିବା ଉଚିତ ହେବ ।"

ତା'ପରେ ଲାଲା ଆଉ ମୋତି ଯେଉଁଆଡ଼େ ଗଲେ ତାଙ୍କ ପଛେପଛେ ରାଜା ଓ କର୍ମଚାରୀମାନେ ଚାଲିବାକୁ ଲାଗିଲେ । କିଛି ବାଟ ଗଲାପରେ ଗୋଟିଏ କୁଡ଼ିଆ ପାଖରେ ଲାଲା ଓ ମୋତି ଅଟକିଗଲେ ।

କୁଡିଆ ଭିତରୁ ଜଣେ ବୃଦ୍ଧ ସନ୍ନ୍ୟାସୀ ବାହାରି ନିଜର ଥରଥର ହାତରେ ଗଧପିଠିରୁ ପାଣିତୁମ୍ବୀ ଦୁଇଟି ଓହ୍ଲାଇ ଆଣିଲେ । ଗଧର ବେକରେ ସେ ଆଉ ଗୋଟିଏ ମୁଣା ଝୁଲାଇ ଦେଲେ । କୁକୁରକୁ ଚିଠିଟିଏ ଦେଲେ । ତାଙ୍କର ଦରକାରୀ ଜିନିଷଗୁଡ଼ିକର ନାଁ ସେଥିରେ ଲେଖାଥିଲା । ପାଖ ଗାଁର ଦୋକାନୀ ମଧ୍ୟ ଏ ଚିଠି ସହିତ ପରିଚିତ ଥିଲା । ସେ ମେକରଣଙ୍କ ଚିଠି ଅନୁଯାୟୀ ଆବଶ୍ୟକ ଜିନିଷ ଗଧ ବେକରେ ଝୁଲୁଥିବା ମୁଣାରେ ଭର୍ତ୍ତି କରି ଦେଉଥିଲା ।

ରାଜା ଏ ସବୁ ଦୂରରୁ ଦେଖୁଥିଲେ । ସେ ଓ ତାଙ୍କ କର୍ମଚାରୀମାନେ ସନ୍ନ୍ୟାସୀଙ୍କ ପାଖରେ ପହଞ୍ଚି ନିଜର

ପରିଚୟ ଦେଲେ । ମେକରଣ ରାଜାଙ୍କୁ କହିଲେ, "ହେ କଛର ରାଜା, ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ମୋ କୁଡ଼ିଆ ଭିତରକୁ ଆସନ୍ତୁ ।"


ସେତେବେଳେ ଶୀତ ବଢ଼ିବାକୁ ଲାଗିଥାଏ । ମେକରଣଙ୍କ ଦେହ ଶୀତରେ ଥରଥର ହେଉଥାଏ । ରାଜା ପଚାରିଲେ "ମହାଶୟ, ଏହି ମରୁଅଞ୍ଚଳରେ ଆପଣଙ୍କୁ କ'ଣ ଶୀତ ହେଉ ନାହିଁ" ? ମେକରଣ କହିଲେ, "ଶୀତ ହେଉଛି କିନ୍ତୁ ଶୀତକୁ ମୁଁ ଡରୁ ନାହିଁ । ଜୀବନର ଶେଷ ପର୍ଯ୍ୟନ୍ତ ପ୍ରାଣୀମାନଙ୍କ ସେବାରେ ଜୀବନ ବିତାଇବା ହିଁ ମୋର ଇଚ୍ଛା ।"

ରାଜା ନିଜ କାନ୍ଧରେ ପଡ଼ିଥିବା ମଣିମୁକ୍ତା ଖଚିତ ଚଦରଟିକୁ ସନ୍ନ୍ୟାସୀଙ୍କ ଦେହରେ ଓଢ଼ାଇ ଦେଲେ । ମେକରଣ ଏଥିରେ କିନ୍ତୁ ଖୁସି ହେଲେ ନାହିଁ। ବିନୟର ସହିତ ଚଦରଟି ରାଜାଙ୍କୁ ଫେରାଇଦେଇ କହିଲେ, "ମହାରାଜ, ଏ ସ୍ଥାନର ଶୀତ ସହିବାରେ ମୋ ଦେହ ଅଭ୍ୟସ୍ତ ହୋଇଯାଇଛି । ମୋ ପାଇଁ ଏହାର ଆବଶ୍ୟକତା ନାହିଁ ଅନ୍ୟ କେହି ଦୁଃଖୀ ଲୋକଙ୍କୁ ଆପଣ ଏହାକୁ ଦାନ କଲେ ମୁଁ ଅଧିକ ଖୁସି ହେବି ।"

ମେକରଣଙ୍କର ଏପରି କଥା ଶୁଣି ରାଜା ସ୍ତମ୍ଭୀଭୂତ ହେଲେ । ଆଗ୍ରହ କରି କହିଲେ,"ହେ ସନ୍ନ୍ୟାସୀ ! ଆପଣ ମୋତେ ଅନ୍ୟ କୌଣସି ଜିନିଷ ମାଗନ୍ତୁ, ମୁଁ ତାହା ଆପଣଙ୍କୁ ଦାନ କରିବି ।" ସନ୍ନ୍ୟାସୀ କହିଲେ "ହଁ, ମୁଁ କେବଳ ଗୋଟିଏ ଜିନିଷ ଆପଣଙ୍କୁ ମାଗିବି । ତାହା ହେଲା, ଆଜିଠାରୁ ଏହି କଛ ଭୂମିରେ ଆପଣ ଆଉ କେବେ ଶିକାର କରିବେ ନାହିଁ । ଫଳରେ ଏ ସ୍ଥାନର ପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ । ବଣଜଙ୍ଗଲ ମଧ୍ୟ ସୁରକ୍ଷିତ ରହିବ ।"

ମେକରଣଙ୍କ କଥା ଶୁଣି ରାଜା କହିଲେ, "ହେ ସନ୍ନ୍ୟାସୀ ! ମୁଁ ଆପଣଙ୍କୁ କଥା ଦେଉଛି, ଆଜିଠାରୁ ଏହି ଅଞ୍ଚଳରେ ଆଉ କେହି କୌଣସି ପ୍ରାଣୀଙ୍କୁ ଶିକାର କରିବେ ନାହିଁ ।"

ତା'ପରେ ରାଜା ନିଜ ଉଆସକୁ ଫେରିଆସିଲେ । ସେହି ଦିନଠାରୁ ଆଜିଯାଏଁ ଏହି ଅଞ୍ଚଳରେ ପ୍ରାଣୀମାନେ ନିର୍ଭୟରେ ବିଚରଣ କରୁଛନ୍ତି । ଏଠାରେ ଶିକାର କରିବା ମନା ହୋଇଛି ।



## ଲେଖକ ପରିଚୟ

**ଡକ୍ଟର ରମେଶ ପତ୍ରୀ** ୧୯୫୦ ମସିହା ଅପ୍ରେଲମାସ ୨୧ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ । ତାଙ୍କର ରଚନାମାନଙ୍କ ମଧ୍ୟରେ 'ଝୁଲୁହାତୀ', 'ଗାଉଁଲି ଗପ', 'ଦଣ୍ଡା ଘାଟିର ବାଘୁଣୀ', 'ବନରାଇଜର କଥା', 'ବଡ଼ ବଡ଼ ଗଲେ ଯେଉଁ ବାଟରେ' ଇତ୍ୟାଦି ପ୍ରଧାନ । ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ସେ ପ୍ରସିଦ୍ଧି ଲାଭ କରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଏହା ଗୁଜୁରାଟ ରାଜ୍ୟର ଏକ ଲୋକଗଳ୍ପ । ଏହିପରି ଅନ୍ୟ ରାଜ୍ୟର କାହାଣୀମାନ ସଂଗ୍ରହ କରି ଶିକ୍ଷକ ପିଲାମାନଙ୍କୁ ଶୁଣାଇବେ ।
- ପରୋପକାର, ସେବା, ସ୍ୱାର୍ଥହୀନତା ପ୍ରତ୍ୟେକ ମଣିଷର ଧ୍ୟେୟ ହେବା ଉଚିତ ବୋଲି ଶିକ୍ଷକ ପିଲାମାନଙ୍କୁ କହିବେ ।
- ଜୀବଜନ୍ତୁମାନେ କିପରି ବିଶ୍ୱସ୍ତ ଓ କର୍ତ୍ତବ୍ୟପରାୟଣ – ସେ ସଂପର୍କରେ ଏହି ଗଳ୍ପ ବ୍ୟତୀତ ଅନ୍ୟାନ୍ୟ ଉଦାହରଣ ଦେବେ ।
- "ଜୀବେ ଦୟା ପରମ ଧର୍ମ" – ଶିକ୍ଷାର୍ଥୀମାନେ ପିଲାଦିନରୁ ଏପରି ଗୁଣ ଆହରଣ କରିବାପାଇଁ ଶିକ୍ଷକ ପ୍ରେରଣା ଦେବେ ।
- ଶିକ୍ଷକ ପିଲାମାନଙ୍କୁ ଅବ୍ୟୟ ଓ କ୍ରିୟାପଦ ସମ୍ପର୍କରେ ଧାରଣା ଦେବେ ।
- କେବଳ ମନୁଷ୍ୟ ନୁହେଁ, ଅନ୍ୟ ଜୀବଜନ୍ତୁମାନଙ୍କ ପ୍ରତି ମଧ୍ୟ ହିଂସା ଆଚରଣ ନ କରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାପାଇଁ ଶିକ୍ଷାର୍ଥୀମାନଙ୍କୁ କହିବେ ।
- "ଜୀବ ହତ୍ୟା" – ଅନ୍ୟାୟ ଏବଂ ପାପ ବୋଲି ପିଲାମାନେ ଧାରଣା ପାଇବେ ।

## ସୂଚନା

କଚ୍ଛ ଅଞ୍ଚଳ – ଗୁଜୁରାଟର ପଶ୍ଚିମ ଉପକୂଳସ୍ଥ ସମତଳ ଅଞ୍ଚଳ

ତୁମ୍ବୀ – ଶୁଖିଲା ଲାଉର ଟାଣ ଖୋଳରେ ପ୍ରସ୍ତୁତ ପାତ୍ର

ଗିରିନାର ପର୍ବତ – ଗୁଜୁରାଟ ଅଞ୍ଚଳର ଏକ ପର୍ବତ

ଦତ୍ତାତ୍ରେୟ – ବିଖ୍ୟାତ ଋଷି ଅତ୍ରି ଓ ତାଙ୍କ ପତ୍ନୀ ଅନସୂୟାଙ୍କ ପୁତ୍ର

ଓଢ଼ାଇଦେଲେ – ଘୋଡ଼ାଇ ଦେଲେ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ନିବାରଣ | କ୍ଷୁଧାର୍ତ୍ତ | ଅନିଷ୍ଟ | ଅଭ୍ୟସ୍ତ | ବିଚରଣ |
| ଉପନୀତ | ହାବୁଡ଼ | ସ୍ୱାଗତ | ସ୍ତମ୍ଭୀଭୂତ | ସୁରକ୍ଷିତ |
| ମୁକୁଳି | ହିଂସ୍ର | ଖଚିତ | ସ୍ୱଚ୍ଛନ୍ଦ | ନିର୍ଭୟ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ମେକରଣ କେଉଁ ସ୍ଥାନରେ ତପସ୍ୟା କରିଥିଲେ ?

ଖ) ତପସ୍ୟା ସମୟରେ ସେ କିପରି ଜୀବନ ବିତାଉଥିଲେ ?

ଗ) ଗୁରୁ କାହିଁକି ମେକରଣଙ୍କୁ ଆଶୀର୍ବାଦକଲେ ?

ଘ) ନିଜର ତପସ୍ୟା ସରିବା ପରେ ମେକରଣ ଗୁରୁଙ୍କୁ କ'ଣ କହିଲେ ?

ଙ) ମରୁଭୂମିକୁ ମେକରଣ କିପରି ପାଣି ନେଉଥିଲେ ?

୨. **ଉତ୍ତର ଲେଖିବା ।**

କ) ଦତ୍ତାତ୍ରେୟ ମେକରଣଙ୍କୁ ତୁମ୍ବୀ ଦୁଇଟି ଦେବାର କାରଣ କ'ଣ ଥିଲା ?

..........................................................................................................

ଖ) ତୁମ୍ବୀ ଦୁଇଟିକୁ ମେକରଣ କିପରି ବ୍ୟବହାର କରୁଥିଲେ ?

..........................................................................................................

ଗ) ପଥିକମାନଙ୍କୁ ଦେଖି ମେକରଣ ଖୁସି ହେଉଥିଲେ କାହିଁକି ?

..........................................................................................................

ଘ) କେଉଁ ଉପାୟରେ ମୋତି ଓ ଲାଲା ଲୋକମାନଙ୍କୁ ପାଣି ଯୋଗାଉଥିଲେ ?

..........................................................................................................

ଙ) ରାଜାଙ୍କୁ ମେକରଣ କି ଦାନ ମାଗିଥିଲେ ?

..........................................................................................................

୩. **ତଳେ ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ି ଆବଶ୍ୟକ ସ୍ଥଳରେ ଉପଯୁକ୍ତ ଚିହ୍ନ ଦେବା ।**

ବ୍ୟାସଦେବ କେବଳ ଜଣେ ଋଷି ନ ଥିଲେ ସେ ଥିଲେ ଜଣେ ମହାନ୍ ପଣ୍ଡିତ ସେ ନିଜେ ଅନେକ ପୁରାଣଶାସ୍ତ୍ର ରଚନା କରିଥିଲେ ବହୁ ଶିଷ୍ୟ ତାହାଙ୍କ ନିକଟରେ ରହି ବିଦ୍ୟା ଅଧ୍ୟୟନ କରୁଥିଲେ ଏଭଳି ଏକ ଚମତ୍କାର ଦୃଶ୍ୟ ଦେଖି ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ ସେ ମନେମନେ ଚିନ୍ତା କଲେ ମୁଁ ତ ଏତେ ଶାସ୍ତ୍ର ଅଧ୍ୟୟନ କରିଛି କିନ୍ତୁ କାହିଁ ସଂସାରରେ ଏଭଳି ବିଦ୍ୟା ଥିବାର ତ ମୁଁ ଜାଣି ନାହିଁ ସୁତରାଂ ମୋର ବିଦ୍ୟା ଅପୂର୍ଣ୍ଣ ଅଟେ ।

୪. **ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।**

**(ଅବା, ତେଣୁ, ଯଦି, କିନ୍ତୁ, ଅଥଚ, ଯେ, ଓ)**

କ) ଅନେକ ରାଜ୍ୟ .................. କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଆମ ଦେଶ ଗଠିତ ।

ଖ) ଗୁରୁ ଯେତେବେଳେ ଜାଣିଲେ .................... ତାଙ୍କ ଶିଷ୍ୟ ତପସ୍ୟା କରୁଛି, ସେ ଆନନ୍ଦିତ ହେଲେ ।

ଗ) ମେକରଣ ବାର୍ଦ୍ଧକ୍ୟରେ ପହଞ୍ଚିଲେ .................. ପଥିକମାନଙ୍କୁ ପାଣି ଯୋଗାଉଥିଲେ ।

ଘ) ଜଳ ହିଁ ଜୀବନ .................. ଜଳଦାନ ମହତ୍ ଦାନ ।

ଙ) ମେକରଣ.................. ଚଦରଟିକୁ ନେଲେ ନାହିଁ ।

୫. ଚକ୍ରର ମଝିରେ ଥିବା ଅକ୍ଷର ସହ ଚାରିପଟେ ଥିବା ଅକ୍ଷରକୁ ଯୋଡ଼ି ଯେଉଁ ନୂତନ ଶବ୍ଦଟି ମିଳୁଛି ସେହି ଶବ୍ଦକୁ ଚକ୍ରର ବାହାର ବୃତ୍ତରେ ଲେଖିବା ଓ ବ୍ୟବହାର କରି ବାକ୍ୟ ଗଢ଼ିବା ।

..........................................................

..........................................................

..........................................................

..........................................................

..........................................................

..........................................................

..........................................................

..........................................................




୬. ବନ୍ଧନୀ ମଧ୍ୟରୁ ଉପଯୁକ୍ତ କ୍ରିୟାପଦ ବାଛି ଶୂନ୍ୟସ୍ଥାନ ପୂରଣ କରିବା ।

କ) ଭୋକ ହେଲେ ସେମାନେ ଫଳମୂଳ ................ । (ଖାଏ, ଖାଇଲା, ଖାଇବେ)

ଖ) ଶିଷ୍ୟର ସଫଳତା ବିଷୟରେ ଶୁଣି ଗୁରୁ ଖୁସି ............. । (ହେଲେ, ହୋଇଥାନ୍ତା, ହେବ)

ଗ) ଏବେ ମୋତେ କ'ଣ କରିବାକୁ ହେବ ଆପଣ ............... । (କୁହ, କହିବ, କୁହନ୍ତୁ)

ଘ) ସନ୍ଧ୍ୟା ହେଲେ ଲାଲା ଓ ମୋତି କୁଡ଼ିଆକୁ .................. । (ଫେରେ, ଫେରନ୍ତି, ଫେରିବା)

୭. ତଳେ ଦିଆଯାଇଥିବା ଶବ୍ଦମାନଙ୍କୁ ଗୋଟିଏଗୋଟିଏ ବାକ୍ୟରେ ବ୍ୟବହାର କରିବା ।

କ) ଏକୀଭୂତ ..........................................................................

ଖ) ଦୃଢ଼ୀଭୂତ ..........................................................................

ଗ) ଦ୍ରବୀଭୂତ ..........................................................................

ଘ) ଦୂରୀଭୂତ ..........................................................................

୮. ତଳେ ଦିଆଯାଇଥିବା ଶବ୍ଦମାନଙ୍କରେ ଆବଶ୍ୟକ ସ୍ଥଳେ ନିବାରଣ କିମ୍ବା ସମ୍ବରଣ ଯୋଗ କରିବା ।

କ୍ଷୁଧା........................, ଲୋଭ...................., ଲଜ୍ଜା.............................

ଅଶ୍ରୁ........................, ତୃଷା........................, କ୍ରୋଧ..........................

## ତୁମପାଇଁ କାମ

ଆମ ଦେଶରେ ଜନ୍ମଗ୍ରହଣ କରିଥିବା ଅନ୍ୟ ମହାପୁରୁଷମାନଙ୍କ ସମ୍ପର୍କରେ ବିବରଣୀ ସଂଗ୍ରହ କର ଓ ଶ୍ରେଣୀରେ ସାଙ୍ଗମାନଙ୍କ ସହ ଆଲୋଚନା କର ।

# ବିଶ୍ୱସ୍ତ ସାଥୀ ଯନ୍ତ୍ରମାନବ

ଡ. ପ୍ରମୋଦକୁମାର ମହାପାତ୍ର




ଆମେରିକାର ଡେଟନ୍ ସହର । ଆମେ ଭାରତରୁ ଯାଇଥିବା କେତେକ ସାମ୍ବାଦିକ ବନ୍ଧୁ ସେହି ସହରର ଗୋଟିଏ ଟେଲିଭିଜନ କେନ୍ଦ୍ର ବୁଲି ଦେଖୁଥାଉ । ଆମ ସାଙ୍ଗରେ ଥାଆନ୍ତି ସେହି କେନ୍ଦ୍ରର ନିର୍ଦ୍ଦେଶକ ମିଷ୍ଟର ପାର୍କର । ସେ ତାଙ୍କ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆମକୁ ବୁଝାଉଥାନ୍ତି । ଆମେ ଦେଖିଲୁ କିଛି ଦୂରରେ ଗୋଟିଏ କୋଠରି ମଧ୍ୟରେ ଚଉକି ଉପରେ ବସି ଜଣେ ମହିଳା ସେଦିନର କାର୍ଯ୍ୟକ୍ରମ ପ୍ରସାରଣ କରୁଛନ୍ତି । ମି. ପାର୍କର ତାଙ୍କ ଆଡ଼କୁ ହାତ ଦେଖାଇ କହିଲେ, "ଏଇ ମହିଳା କର୍ମଚାରୀଜଣକ ହେଉଛନ୍ତି ଆମ କେନ୍ଦ୍ରର ସବୁଠାରୁ ବିଶ୍ୱସ୍ତ କର୍ମଚାରୀ । ତାଙ୍କ କାର୍ଯ୍ୟରେ ଆପଣ ଟିକିଏ ବି ତ୍ରୁଟି ଦେଖିବେ ନାହିଁ । ତାଙ୍କ କାର୍ଯ୍ୟଗୁଡ଼ିକ ଯେମିତି ନିଖୁଣ, ସେମିତି ନିର୍ଭୁଲ । ସେ କେବେ ଛୁଟି ନିଅନ୍ତି ନାହିଁ କି ବିଶ୍ରାମ ଲୋଡ଼ନ୍ତି ନାହିଁ । ଦିନରେ ଚବିଶ ଘଣ୍ଟା କାମ କଲେ ମଧ୍ୟ ସେ କେବେ କ୍ଳାନ୍ତି ଅନୁଭବ କରନ୍ତି ନାହିଁ ।"

ଏଭଳି ଜଣେ ସୁଦକ୍ଷା ମହିଳା କର୍ମଚାରୀଙ୍କ କଥା ଶୁଣି ତାଙ୍କ ବିଷୟରେ ଅଧିକ ଜାଣିବା ପାଇଁ ଆମେ ଆଗ୍ରହୀ ହୋଇପଡ଼ିଲୁ । ତା ପରେ ମି. ପାର୍କର କହିଲେ, "ଆପଣ ଯାଆନ୍ତୁ, ତାଙ୍କ ସହିତ ହାତ ମିଳାନ୍ତୁ । ସେ ଖୁବ୍ ଭଦ୍ର ଓ ମାର୍ଜିତା ।"

ଜଣେ ଅପରିଚିତା ମହିଳାଙ୍କ ସହିତ ହାତ ମିଳାଇବା ଏବଂ ତାଙ୍କ କାମରେ ବ୍ୟାଘାତ ସୃଷ୍ଟି କରିବାକୁ ଆମେ ପ୍ରଥମେ ଟିକିଏ ସଙ୍କୋଚ ଅନୁଭବ କଲୁ । କିନ୍ତୁ ମି. ପାର୍କର ନିହାତି ବାଧ୍ୟ କରିବାରୁ ମୁଁ ପ୍ରଥମେ ଉଠିଗଲି ତାଙ୍କ ପାଖକୁ । ତାଙ୍କୁ ଦେଖି ଏବଂ ତାଙ୍କ ହାତର ସ୍ପର୍ଶ ଅନୁଭବ କରି ମୋର ସନ୍ଦେହ ହେଲା । ମୁଁ ତାଙ୍କୁ ଟିକିଏ ଭଲକରି ଚାହିଁବାରୁ ଜାଣିପାରିଲି ସେ ପ୍ରକୃତରେ ଜଣେ ଜୀବନ୍ତ ମଣିଷ ନୁହନ୍ତି, ଗୋଟିଏ ଯନ୍ତ୍ର ମଣିଷ, ଯାହାକୁ ଇଂରାଜୀରେ କହନ୍ତି 'ରୋବୋଟ' । ଏଇ ରୋବୋଟକୁ ଖୁବ୍ ସୁନ୍ଦର ଭାବରେ ମହିଳା ପୋଷାକରେ ସଜାଇ ଦିଆଯାଇଛି । ନିଜ ଆସନକୁ ମୁଁ ଫେରିଆସିବା ପରେ ମି. ପାର୍କର ହସିକରି ପଚାରିଲେ, "ଆମ ମହିଳା ଅପରେଟରଜଣକ ଆପଣଙ୍କୁ କିପରି ଲାଗିଲେ ?" ତାଙ୍କ କଥା ଶୁଣି ମୁଁ ହସିଲି ଏବଂ ପରେ ଅସଲ କଥାଟା ଜଣାପଡ଼ିବା ପରେ ସମସ୍ତେ ହସିବାକୁ ଲାଗିଲେ ।

ଏଇ ରୋବୋଟ ହେଉଛି ଆଧୁନିକ ଯନ୍ତ୍ରଯୁଗର ଏକ ବିସ୍ମୟ । ମଣିଷ ନିଜେ ଯାହା ସହଜରେ କରିପାରନ୍ତା ନାହିଁ ରୋବୋଟ ସେ ସବୁକୁ ଅତି ଅକ୍ଳେଶରେ ଏବଂ ନିଖୁଣ ଭାବରେ କରିପାରୁଛି । ଆମେରିକାର କାରଖାନାରେ ଶହଶହ ରୋବୋଟ ବିଭିନ୍ନ ପ୍ରକାର କାମରେ ଲାଗିଥିବାର ଆମେ ଦେଖିଲୁ । ରୋବୋଟ ସେଠାରେ ବିଦ୍ୟୁତ୍ ଖୁଣ୍ଟ ଉପରେ ଚଢ଼ି ମରାମତି କାର୍ଯ୍ୟ କରୁଛି, କୋଠାଘର ଉପରକୁ ମଣିଷ ଭଳି ଶିଢ଼ି ଚଢ଼ି ଚାଲିଯାଉଛି । ସେ ପୁଣି ଫୁଟ୍‌ବଲ୍ ଖେଳୁଛି, ବିଭିନ୍ନ ପ୍ରକାର ଅଙ୍ଗଭଙ୍ଗୀ ଦେଖାଇ ନୃତ୍ୟ ପରିବେଷଣ କରୁଛି । ମଣିଷ କଣ୍ଠସ୍ୱର ବାରି ତାକୁ ଚିହ୍ନିପାରୁଛି, ରୋଗୀର ଶରୀରରେ ଜଣେ ଅଭିଜ୍ଞ ଡାକ୍ତର ଭଳି ଅସ୍ତ୍ରୋପଚାର କରୁଛି । ତା'ର ଏକ ବୈଦ୍ୟୁତିକ ମସ୍ତିଷ୍କ ଥିବାରୁ ସେ ଅନେକ କଥା ମନେରଖିପାରୁଛି ଏବଂ ବିଭିନ୍ନ ପ୍ରକାର ପ୍ରଶ୍ନର ଉତ୍ତର ମଧ୍ୟ ଦେଇପାରୁଛି । ସେ ଶବ୍ଦ ବାରିପାରୁଛି, ସ୍ପର୍ଶ ମଧ୍ୟ ବାରି ପାରୁଛି ।



ମଣିଷ ହାତରେ ତିଆରି ହୋଇଥିବା ଏଇ ଯନ୍ତ୍ରମାନବଟି ଆଧୁନିକ ଜଗତରେ ଯେ କି ପ୍ରକାର ଅସାଧ୍ୟ କାର୍ଯ୍ୟମାନ କରିପାରୁଛି, ତାହା ଭାବିଲେ ବିସ୍ମିତ ହେବାକୁ ପଡ଼େ । ବହୁ ବିପଦପୂର୍ଣ୍ଣ ସ୍ଥାନରେ ଯେଉଁଠି ମଣିଷର ଜୀବନ ପ୍ରତି ଭୟ ଅଛି, ସେଠାରେ ରୋବୋଟ ପହଞ୍ଚି ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରୁଛି । ମଙ୍ଗଳ ଗ୍ରହକୁ ଆମେ ପଠାଇଥିବା 'ପାଥ୍ ଫାଇଣ୍ଡର', 'ସ୍ପିରିଟ୍ ଓ ଅପରଚ୍ୟୁନିଟି' ନାମକ ଦୁଇଟି ରୋବୋଟ ବେଶ୍ ସଫଳତାର ସହ କାର୍ଯ୍ୟ କରି ସେଠାରୁ ମଙ୍ଗଳଗ୍ରହ ସମ୍ପର୍କରେ ବହୁ ମୂଲ୍ୟବାନ୍ ତଥ୍ୟ ଆମକୁ ଯୋଗାଇଛନ୍ତି । ଚନ୍ଦ୍ର ତଥା ସୌରଜଗତର ଅନ୍ୟାନ୍ୟ ଗ୍ରହ, ଉପଗ୍ରହ, ଧୂମକେତୁ ଇତ୍ୟାଦିଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଆମେ ମହାକାଶକୁ ଅନେକ ରୋବୋଟ ପଠାଇଛୁ ।



ଚେକ୍ ଭାଷାରେ 'ରୋବୋଟ' ଶବ୍ଦର ଅର୍ଥ 'କ୍ରୀତଦାସ' । ଇଉରୋପ ମହାଦେଶର ଚେକୋସ୍ଲୋଭାକିଆ ଦେଶରେ ହିଁ ପ୍ରଥମେ ଏହାର ପରିକଳ୍ପନା କରାଯାଇଥିଲା । ୧୯୨୦ ମସିହାର କଥା । ସେ ଦେଶରେ କାରେଲ କାପେକ ନାମରେ ଜଣେ ଲେଖକ ଥିଲେ । ତାଙ୍କ ମୁଣ୍ଡରେ ଦିନେ ଏକ ଅଦ୍ଭୁତ ଖିଆଲ ଢୁକିଲା । ସେ ଭାବିଲେ, ଯନ୍ତ୍ର ତ ଏତେ କାମ କରୁଛି । ଏମିତି ଗୋଟିଏ ଯନ୍ତ୍ର ବାହାରନ୍ତା ଯିଏ ମଣିଷ ଭଳି ସବୁ କାମ କରିପକାନ୍ତା । ସେ ହୁଅନ୍ତା ମଣିଷର ବିଶ୍ୱସ୍ତ ବନ୍ଧୁ । ମଣିଷ ଖାଲି ଆଦେଶ ଦେଇ ଆରାମରେ ବସିଯାଆନ୍ତା, ଯନ୍ତ୍ରଟି ସବୁ କାମ ମନକୁ ମନ କରିପକାନ୍ତା ।

କାରେଲ ତ ଲେଖକ ଲୋକ । ଲେଖକମାନେ ପରୀରାଇଜର କାହାଣୀ ଭଳି ଅନେକ କଥା ଭାବିଯାଆନ୍ତି । ସେ ଦୁଇଟି ନାଟକ ଲେଖିଲେ । ସେଥିରୁ ଗୋଟିକର ନାଆଁ ଥିଲା 'ମିଛ ମଣିଷ' । ସେଇ ମିଛ ମଣିଷଟି ପରୀକାହାଣୀ ଭଳି ମାଲିକର ଆଦେଶ ପାଇବା ମାତ୍ରେ ସବୁ କାମ କରିପକାଇଲା । ଦର୍ଶକମାନେ ଖୁସିରେ ତାଳିମାରି କହିଲେ, "ସାବାସ୍, ସାବାସ୍" । କାରେଲଙ୍କ ସ୍ୱପ୍ନ ଦିନେ ସଫଳ ହେଲା । ୧୯୩୯ ମସିହା ବେଳକୁ ବିଜ୍ଞାନୀମାନେ ପ୍ରଥମ କରି ମଣିଷ ଆକୃତିର ଗୋଟିଏ ଛୋଟ ରୋବୋଟ ତିଆରି କଲେ । ଆମେରିକାର ନିଉୟର୍କ ସହରର ଏକ ମେଳାରେ ଏହା ପ୍ରଦର୍ଶିତ ହେଲା । ଏହା ପରେ ବିଜ୍ଞାନୀମାନେ ଲାଗିଗଲେ ଆହୁରି ଉନ୍ନତ ଧରଣର ରୋବୋଟ ତିଆରି କରିବାରେ । ଏବେ ସାରା ପୃଥିବୀରେ ପ୍ରାୟ ୧୦ ଲକ୍ଷ ରୋବୋଟ କାମ କରୁଛି । ଏଥିରୁ ପ୍ରାୟ ୭୦ ଭାଗ ରୋବୋଟ କେବଳ ଜାପାନରେ ତିଆରି । ଜାପାନର ଦୋକାନମାନଙ୍କରେ ବିକ୍ରି ହୁଏ । ହେଲେ କାରେଲ କପେକ୍‌ଙ୍କୁ ଲୋକେ ଭୁଲି ନାହାନ୍ତି । ତାଙ୍କୁ ହିଁ ସମସ୍ତେ ରୋବୋଟର ଜନ୍ମଦାତା ବୋଲି ମାନିନେଇଛନ୍ତି ।

ଆମ ଭାରତ ମଧ୍ୟ ରୋବୋଟ ନିର୍ମାଣରେ ପଛେଇ ଯାଇ ନାହିଁ । ମୁମ୍ବାଇ ଆଇ.ଆଇ.ଟି. ପକ୍ଷରୁ ଗୋଟିଏ ରୋବୋଟ ନିର୍ମାଣ କରାଯାଇଛି ଯାହାର ନାମ ହେଉଛି 'ନଟରାଜ' । ନଟରାଜ ୧୫ ମିନିଟରେ ୧୦୦ମିଟର ପର୍ଯ୍ୟନ୍ତ ଚାଲିଯାଇ ପାରୁଛି । ସମୁଦ୍ର ତଳର ଗବେଷଣା ସହିତ ସମୁଦ୍ର ଭିତରେ ପାଇପ ବିଛାଇବା, କେବୁଲ ପକାଇବା ଇତ୍ୟାଦି କାମ ଏବେ ରୋବୋଟ କରୁଛି । ଜାପାନରେ କୁକୁର ଆକୃତିର ରୋବୋଟ ତିଆରି କରାଯାଇଛି, ଯିଏ ଖାଲି କୁକୁର ଭଳି ଭୁକୁ ନାହିଁ, କୁକୁର ଭଳି ମଧ୍ୟ କାମ କରୁଛି । ଟୋକିଓ ସହରର କେତେକ ଛକ ଜାଗାରେ 'ଓମୁକୁନ' ନାମକ ପକ୍ଷୀ-ରୋବୋଟ ରଖାଯାଇଛି, ଯେଉଁମାନେ ବିଭିନ୍ନ ପ୍ରକାର ପକ୍ଷୀଙ୍କ ଭଳି ମଧୁର ସ୍ୱରରେ ରାବ କରୁଛନ୍ତି ।

ରୋବୋଟର କାମ କ୍ରମେ ବଢ଼ିବଢ଼ି ଯାଉଛି । ଯୁଦ୍ଧକ୍ଷେତ୍ରରେ ମଣିଷ ଜୀବନ ପ୍ରତି ବିପଦଥିବାରୁ ଭବିଷ୍ୟତରେ ହାତରେ ଅସ୍ତ୍ର ଧରି ଏବଂ ପିଠିରେ ବୋମା ବାନ୍ଧି ଯୁଦ୍ଧ କରିବାକୁ ରୋବୋଟକୁ ପଠାଇବା ପାଇଁ ଚିନ୍ତା କରାଗଲାଣି । ମହାକାଶରେ ଏବେ କୃତ୍ରିମ ଉପଗ୍ରହର ଭଙ୍ଗାଅଂଶ, ରକେଟ ଓ ମହାକାଶଯାନର ଅଚଳ ଯନ୍ତ୍ରପାତି ଚାରିଆଡ଼େ ବିଛେଇ ହୋଇ ରହିବାରୁ ଭବିଷ୍ୟତରେ ମହାକାଶ ଯାତ୍ରା ବିପଦପୂର୍ଣ୍ଣ ହୋଇପଡ଼ିବ । ଏଗୁଡ଼ିକୁ କିପରି ସଫା କରାଯିବ ତାହା ଏକ ସମସ୍ୟାରେ ପରିଣତ ହୋଇଛି । ଏଇ କାମରେ ରୋବୋଟକୁ ଲଗାଯିବା ପାଇଁ ବିଜ୍ଞାନୀମାନେ ବୁଦ୍ଧି ପାଞ୍ଚିଲେଣି । ତା'ହେଲେ ଆଉ ଚିନ୍ତା କଅଣ ! ମଣିଷ ହାତରେ ତିଆରି ଏଇ ଯନ୍ତ୍ର ମାନବଟି ମଣିଷକୁ ବଳିଗଲାଣି । ଭବିଷ୍ୟତରେ ଆଉ କି କି ଅଦ୍ଭୁତ ଓ ବିସ୍ମୟକର କାର୍ଯ୍ୟମାନ ସେ କରିପାରିବ, ସେଇ କଥା ଦେଖିବାକୁ ପୃଥିବୀ ଅପେକ୍ଷା କରି ରହିଛି ।

## ଲେଖକ ପରିଚୟ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ **ଡକ୍ଟର ପ୍ରମୋଦକୁମାର ମହାପାତ୍ର** ୧୯୫୬ ମସିହା ଫେବୃଆରୀ ମାସ ୧୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । 'ଶତାବ୍ଦୀ ସାଧକ', 'ବିଶ୍ୱ ବିଚିତ୍ରା', 'ଉଦ୍ଭିଦର କିଏ କ'ଣ', 'ଆଜିର ବିଜ୍ଞାନ', 'ବିଶ୍ୱବିସ୍ମୟ', 'ଆଜିର ଆମେରିକା' ଭଳି ପୁସ୍ତକ ରଚନା କରି ସେ ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସଂପର୍କରେ ଧାରଣା ଦେବେ ।
- ବିଭିନ୍ନ ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ ଦ୍ୱାରା ମାନବ ସମାଜ ପାଇଁ ସାଧିତ ହେଉଥିବା ଉପକାର ସଂପର୍କରେ ବୁଝାଇବେ ।
- ଭାରତ ମଧ୍ୟ ବିଜ୍ଞାନ କ୍ଷେତ୍ରରେ ପଛୁଆ ନୁହେଁ,ଏ ଧାରଣାକୁ ଦୃଢ଼ କରାଇବେ ।
- ଆଧୁନିକ ବିଜ୍ଞାନ ଯୁଗରେ ରୋବୋଟ୍ ଯେ ଏକ ଶ୍ରେଷ୍ଠ ଉଦ୍ଭାବନ, ଏହା ପିଲାଙ୍କୁ ଅବଗତ କରାଇବେ ।

## ସୂଚନା

ନିଖୁଣ –ଯେଉଁଥିରେ ଖୁଣ ନ ଥାଏ, ତ୍ରୁଟି ନଥାଏ

ଅକ୍ଲେଶରେ –ବିନା କଷ୍ଟରେ, ସହଜରେ

ବୈଦ୍ୟୁତିକ –ବିଦ୍ୟୁତ୍ ସମ୍ବନ୍ଧୀୟ

ଚେକ୍ ଭାଷା – ଚେକୋସ୍ଲୋଭାକିଆ ଦେଶର ଚେକ୍ ଅଞ୍ଚଳର ଲୋକମାନେ କହୁଥିବା ଭାଷା

ପରୀ ରାଇଜର କାହାଣୀ – କଳ୍ପନା ସମ୍ବଳିତ ଗଳ୍ପ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ସାମ୍ବାଦିକ, ପ୍ରସାରଣ, ସୁଦକ୍ଷ, ମାର୍ଜିତ, ସଙ୍କୋଚ, ବ୍ୟାଘାତ, ପରିକଳ୍ପନା

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

କ) ଡେଟନ୍ ସହରର ଟେଲିଭିଜନ କେନ୍ଦ୍ରର କାର୍ଯ୍ୟକ୍ରମକୁ କିଏ ପ୍ରସାରଣ କରୁଥିଲେ ?

ଖ) ତାଙ୍କୁ ଦେଖି ଲେଖକଙ୍କର ସନ୍ଦେହ ହେଲା କାହିଁକି ?

ଗ) ରୋବୋଟ୍ କରିପାରୁଥିବା କେତୋଟି କାମର ନାମ କୁହ ।

ଘ) ଭାରତରେ ତିଆରି ରୋବୋଟ୍‌ର ନାମ କ'ଣ ?

ଙ) କାରେଲ୍ କାପେକ୍‌ଙ୍କୁ ଲୋକେ ଭୁଲି ନାହାନ୍ତି କାହିଁକି ?

୨. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କରିବା ।

(ବିସ୍ମୟକର, ସୁଦକ୍ଷ, ପ୍ରଦର୍ଶିତ, ଅପରିଚିତ, ଗୁଣବାନ୍, କୃତ୍ରିମ)

କ) ମୋ ଦେଶ ଭାରତ ବହୁ .................. ବ୍ୟକ୍ତିଙ୍କୁ ଜନ୍ମ ଦେଇଛି ।

ଖ) ଏବେ ଦୂରଦର୍ଶନରେ ବିଭିନ୍ନ କାର୍ଯକ୍ରମ ................ ହେଉଛି ।

ଗ) ଯୁଦ୍ଧ ଭୂଇଁରେ ଯୁଦ୍ଧକରିବା ରୋବୋଟର ଏକ ................. କାର୍ଯ୍ୟ ।

ଘ) ଆଜିକାଲି................ ଉପାୟରେ ବର୍ଷା ସୃଷ୍ଟି କରାଗଲାଣି ।

ଙ) ବାରଶହ.................କାରିଗର କୋଣାର୍କ ମନ୍ଦିର ଗଢ଼ିଥିଲେ ।

୩. ଯେ ଜ୍ଞାନ ଦାନ କରନ୍ତି ତାଙ୍କୁ ଗୋଟିଏ ପଦରେ 'ଜ୍ଞାନଦାତା' କୁହାଯାଏ, ସେପରି ତଳ ଉକ୍ତିଗୁଡ଼ିକୁ ଗୋଟିଏ ପଦରେ କଣ କୁହାଯିବ କୋଠରିରେ ଲେଖିବା ।

| | |
|---|---|
| ଯେ ବିଦ୍ୟା ଦେଇଥା'ନ୍ତି | |
| ଯେ ମୁକ୍ତି ଦେଇଥା'ନ୍ତି | |
| ଯେ ଅନ୍ନ ଦେଇଥା'ନ୍ତି | |
| ଯେ ସିଦ୍ଧି ଦେଇଥା'ନ୍ତି | |
| ଯେ ବୁଦ୍ଧି ଦେଇଥା'ନ୍ତି | |
| ଯେ ଧନ ଦେଇଥା'ନ୍ତି | |

୪. 'ମୂଲ୍ୟ' ଶବ୍ଦରେ 'ବାନ୍' ଯୋଗ କଲେ 'ମୂଲ୍ୟବାନ୍' ହୁଏ ଓ ଏହାର ଅର୍ଥ ଅଧିକ ମୂଲ୍ୟ ଥିବାକୁ ବୁଝାଏ । ସେହିଭଳି ତଳ ଶବ୍ଦଗୁଡ଼ିକର ଯେଉଁ ଯେଉଁ ଶବ୍ଦ ଗଢ଼ାଯାଇପାରିବ ଲେଖି ବାକ୍ୟ ଗଠନ କରିବା ।

ଗୁଣ ................, ............................... ..............................................

ଧନ ................, ............................... ..............................................

ପୁଣ୍ୟ ................, ............................... ..............................................

ଧୈର୍ଯ୍ୟ ................, ............................... ..............................................

ନୀତି ................, ............................... ..............................................

ଜ୍ଞାନ ................, ............................... ..............................................

୫. 'ସୁଦକ୍ଷ' କହିଲେ ଉତ୍ତମ ଭାବରେ ଦକ୍ଷ, ଅଧିକ ଦକ୍ଷ ଅର୍ଥକୁ ବୁଝାଏ । ସେହିପରି ତଳ ଶବ୍ଦଗୁଡ଼ିକର ଅର୍ଥ କଣ ହେବ ଲେଖିବା ।

ସୁସ୍ପଷ୍ଟ – ...........................................

ସୁଚିନ୍ତିତ – ...........................................

ସୁସ୍ୱାଦୁ – ...........................................

ସୁସମ୍ପର୍କ – ...........................................

ସୁବିଦିତ – ...........................................

ସୁଯୋଗ୍ୟ – ...........................................

ସୁନାମ– ...........................................

୬. ବାଧ୍ୟ – ନିହାତି ବାଧ୍ୟ । ସେଭଳି ତଳ ଶବ୍ଦଗୁଡ଼ିକ କଣ ହେବ ଲେଖିବା ।

ବୋକା – ...........................................

ଆବଶ୍ୟକ– ...........................................

ମୂର୍ଖ – ...........................................

ଅସୁନ୍ଦର – ...........................................

୭. ଯେପରି 'ବିସ୍ମୟ' ଶବ୍ଦରୁ 'ବିସ୍ମିତ' ହୋଇଛି, ସେପରି ତଳ ଶବ୍ଦଗୁଡ଼ିକ କଣ ହେବ ଲେଖିବା ।

ପ୍ରଦର୍ଶନ – ଚର୍ଚ୍ଚା –

ଚିନ୍ତା – ଗର୍ବ –

ଆକର୍ଷଣ –

୮. 'ରୁଚି' ଶବ୍ଦ ସହିତ 'କର'ଯୋଗ କଲେ 'ରୁଚିକର' ହୁଏ । ସେହିପରି ତଳ ଶବ୍ଦଗୁଡ଼ିକରେ 'କର' ଯୋଗ କଲେ ଯେଉଁ ନୂଆ ଶବ୍ଦଟି ହେବ ତାକୁ ବାକ୍ୟରେ ବ୍ୟବହାର କରିବା ।

ବିସ୍ମୟ – ..............................., ...............................................

ପ୍ରୀତି – ..............................., ...............................................

ଲଜ୍ଜା – ..............................., ...............................................

ସ୍ୱାସ୍ଥ୍ୟ – ..............................., ...............................................

ହିତ – ..............................., ...............................................

କଷ୍ଟ – ..............................., ...............................................

୯. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ଡେଟନ୍ ସହରର ଦୂରଦର୍ଶନ କେନ୍ଦ୍ରରେ କିଏ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲେ ?

ଉ. ..............................................................................

ଖ) ସେ କର୍ମଚାରୀଜଣକ ବିଶ୍ରାମ ଲୋଡ଼ନ୍ତି ନାହିଁ କାହିଁକି ?

ଉ. ..............................................................................

ଗ) ସେଦିନର କେଉଁ ଅସଲ କଥାଟି ସମସ୍ତଙ୍କୁ ହସାଇଥିଲା ?

ଉ. ..............................................................................

ଘ) ଆମେରିକାର କଳକାରଖାନାରେ ରୋବୋଟ୍‌ମାନେ କି କି କାମ କରନ୍ତି ଲେଖ ।

ଉ. ..............................................................................

..............................................................................

ଙ) ଭାରତୀୟ ରୋବୋଟ୍ 'ନଟରାଜ' କି କି କାମ କରିପାରୁଛି ଲେଖ ।

ଉ. ..............................................................................

..............................................................................


## ତୁମ ପାଇଁ କାମ

ରୋବୋଟ୍‌ର ଉପକାରିତା ସଂପର୍କରେ ବର୍ଣ୍ଣନା କରି ସାନଭଉଣୀ ପାଖକୁ ପତ୍ର ଖଣ୍ଡିଏ ଲେଖ ।

# ନଇଁଗଲା ଆପେ ମଥା


ଶ୍ରୀ ବଟକୃଷ୍ଣ ଓଝା

ସାଇକେଲଟିଏ କିଣିବ ଅନନ୍ତ
ସାଇତିଛି କିଛି ଧନ,
ଏ କଥା ଜାଣିଲେ ଗୋପବନ୍ଧୁ ବାବୁ
ଅଥିର ହୋଇଲା ମନ ।
ମନକଥା ମନେ ରଖି ଗୋପବନ୍ଧୁ
କହିଲେ, "ଅଭାବ ଭାରି,
ଟଙ୍କା ଥିଲେ ଦିଅ ଦେବି ମୁଁ 'ଅନନ୍ତ'
ଗଲେ ଦିନ ଦୁଇ ଚାରି ।"



ଟଙ୍କା ଥଳି ଆଣି ଥୋଇଲେ ଅନନ୍ତ
ଦାସେ ଆପଣଙ୍କ ପାଶେ,
ହାତେ ଧରି ଥଳି ଚାହିଁଲେ ନିମିଷେ
ଦୁଃଖ ମିଶା ଦରହାସେ ।
ଚାରି ଦିନ ଯାଇ ଚାରି ମାସ ଗଲା
ବରଷେ ବି ଗଲା ପୂରି,
ଗୋପବନ୍ଧୁବାବୁ ଦେଲେ ନାହିଁ ଟଙ୍କା
ଅନନ୍ତ ହୋଇଲେ ଝୁରି ।


ଦୂର ଗାଆଁ ବାଟ କିପରି ଯିବି ମୁଁ
ଦୁଃଖରେ ବସିଲେ ଭାଳି,
ବହୁତ ଦିନରୁ ଥକି ପଡ଼ିଲିଣି
ପାଦରେ ମୁଁ ଚାଲିଚାଲି ।
ସାଇକେଲ ହେଲେ ସହଜ ସହଳ
ବହୁତ ପାରନ୍ତି ବୁଲି,
ଟଙ୍କା ନେଇ ସେ ତ ଫେରାଇ ଦିଅନ୍ତି
ମୋ କଥା କି ଗଲେ ଭୁଲି ।



ଭାବିଭାବି ଦିନେ ବେଳ କାଳ ଉଣ୍ଡି
କହିଲେ ମନର କଥା,
ଗୋପବନ୍ଧୁବାବୁ ହସିଲେ ଅଳପ
ତଳକୁ ନୁଆଁଇ ମଥା ।
"ତୁମ ଟଙ୍କା କଥା ଅଛି ମୋର ମନେ
ଦେଇ ନାହିଁ ଜାଣିଜାଣି,
କଥା ଯଦି ମୋର ରଖିବ ଅନନ୍ତ
ଏଇକ୍ଷଣି ଦେବି ଆଣି ।"



ବରଷା ବଢ଼ିରେ ଘରଘର ବୁଲି
ଅପନ୍ତରା ବାଟ ଦେଇ,
ପାଦେ ଚାଲିଚାଲି ଭୋକିଲା ଲୋକର
ଖବର ଫେରୁଛ ନେଇ ।
ସାଇକେଲ ହେଲେ ସଡ଼କ ବାଟରେ
ସୁବିଧାରେ ଯିବ ଚାଲି,
ଅଭାବ କେଉଁଠି କିପରି ଜାଣିବ
କହିଲ ମନରେ ଭାଳି ?



ପାଣି କାଦୁଅରେ ଆଉ କି ପଶିବ
ଦେଖିବ ଦୁଃଖୀର ମୁହଁ,
ବରଷା ବଢ଼ିରେ କିଏ ପୋଛି ଦେବ
ଆକୁଳ ଆଖିର ଲୁହ ?
ଟଙ୍କା ନେଇ ଯାଅ ସାଇକେଲ କିଣା
ମନୁ କରିଦିଅ ଦୂର,
ଦୁଃଖୀ ଜନସେବା ଯେଉଁଠି କରୁଛ
ସେଇ ତ ସରଗପୁର ।

ମଣି ମୁକୁତାର ଝଲକରୁ ବଳି
ଶୁଭୁଥିଲା ଅଧରୁ ହସ,
ସେ ହସରୁ ଝରେ ସରଗ ସୁଷମା
ଦେବତା ହୁଅନ୍ତି ବଶ ।
ସରମରେ ସଢ଼ି ବୁଝିଲେ ଅନନ୍ତ
ତାଙ୍କ ମରମର କଥା,
ଦାସେ ଆପଣଙ୍କ ଚରଣ ଯୁଗଳେ
ନଇଁଗଲା ଆପେ ମଥା ।



## କବି ପରିଚୟ

ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି **ବଟକୃଷ୍ଣ ଓଝା**ଙ୍କ ଜନ୍ମ ୧୯୩୯ ମସିହା ଅକ୍ଟୋବର ମାସ ୨୦ ତାରିଖରେ । 'କଥା କି କୁହୁକ', 'ହସଫୁଲ', 'ମୋ ଗୀତ', 'ମୋ ଗପ', 'ବାଇଦବଜା' , 'ମୋ କୁନି କୁନି କବିତା' ଭଳି ଶିଶୁ ସାହିତ୍ୟ ପୁସ୍ତକ ରଚନା କରି ସେ ଶିଶୁମାନଙ୍କ ହୃଦୟକୁ ଜୟ କରି ପାରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

- ☐ ଶିକ୍ଷକ କବିତାଟିକୁ ପଢ଼ାଇଲା ବେଳେ ଗୋପବନ୍ଧୁଙ୍କ ଫଟୋ ସଂଗ୍ରହ କରି ପିଲାମାନଙ୍କ ଆଗରେ ଟାଙ୍ଗି ଦେବେ ।
- ☐ ପାଠଟିକୁ ପଢ଼ାଇସାରିବା ପରେ ଗୋପବନ୍ଧୁଙ୍କ ସମ୍ପର୍କରେ ପାଠବାହାରୁ କିଛି ଅଧିକ ତଥ୍ୟ ପିଲାଙ୍କୁ ଦେବେ ।
- ☐ ଗୋପବନ୍ଧୁଙ୍କ ତ୍ୟାଗ, ସେବା ଓ ନିଃସ୍ୱାର୍ଥ ଭାବନା ସହିତ ପିଲାଙ୍କୁ ପରିଚିତ କରାଇବାକୁ ଯତ୍ନ କରିବେ ।
- ☐ ଗୋପବନ୍ଧୁଙ୍କ ଭଳି ଓଡ଼ିଶାର ଆଉ କେତେଜଣ ମହାପୁରୁଷ ବିଶେଷକରି ତତ୍କାଳୀନ ପଞ୍ଚସଖା ଓ ସାକ୍ଷୀଗୋପାଳର ବନ ବିଦ୍ୟାଳୟ ସମ୍ପର୍କରେ ଧାରଣା ଦେବେ ।

## ସୂଚନା

ଅପନ୍ତରା – ବିଶେଷ ଭାବରେ ଲୋକ ଚଳାଚଳ ନ ଥିବା ବିସ୍ତୃତ ଅଞ୍ଚଳ ।

ଅଥିର – ଅସ୍ଥିର, ଯାହା ସ୍ଥିର ନୁହେଁ ।

ଅନନ୍ତ – ପ୍ରଚାରକ ଅନନ୍ତ ମିଶ୍ର, ଗୋପବନ୍ଧୁଙ୍କ ସହକର୍ମୀ ।

ଗୁଜୁରାଣ(ଗୁଜରାଣ) – ଜୀବନ ଧାରଣ, ଜୀବିକା

ମେଣ୍ଟିଯିବା – ଚଳିଯିବା, ପୂରଣ ହେବା ।

ଦାସେ ଆପଣ-ଆଗେ ବ୍ରାହ୍ମଣମାନଙ୍କୁ ସମ୍ବୋଧନ କଲାବେଳେ ସାଙ୍ଗିଆ ସହିତ ଆପଣେ ଲଗାଇ କହୁଥିଲେ । ଯେପରି ମିଶ୍ରେ ଆପଣେ, ମହାପାତ୍ରେ ଆପଣେ, ରଥେ ଆପଣେ ଇତ୍ୟାଦି... । ଏଠାରେ ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ 'ଦାସେ' ଆପଣ ବ୍ୟବହାର ହୋଇଛି । ଏବେ ମଧ୍ୟ କେତେକ ସ୍ଥାନରେ ଏ ପରମ୍ପରା ରହିଛି ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଦରହାସ, ବଶ, ଅଧର, ଯୁଗଳ, ନିମିଷ, ସୁଷମା, ଘାରି

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

କ) ଏହି କବିତାରେ ବର୍ଣ୍ଣିତ ଅନନ୍ତ କିଏ ?

ଖ) ଗୋପବନ୍ଧୁଙ୍କ ମନ ଅସ୍ଥିର ହେଲା କାହିଁକି ?

ଗ) ଏହି କବିତାରେ 'ଦାସେ ଆପଣ' କାହା ଉଦ୍ଦେଶ୍ୟରେ କୁହାଯାଇଛି ?

ଘ) ଅନନ୍ତ କାହିଁକି ଦୁଃଖରେ ଭାଳି ହେଲେ ?

ଙ) ଏହି କବିତାରେ କେଉଁ ସ୍ଥାନକୁ ସ୍ୱର୍ଗପୁର କୁହାଯାଇଛି ?

୨. ପଦର ଛାଡ଼ି ଯାଇଥିବା ଅଂଶକୁ ପୂରଣ କରିବା ।

କ) ଟଙ୍କା ଥଳି ଆଣି ଥୋଇଲେ ଅନନ୍ତ

..................................................................................................

ଖ) ..................................................................................................

ଦୁଃଖମିଶା ଦରହାସେ ।

ଗ) ଟଙ୍କା ନେଇ ଯାଅ ..........................................................................

ମନୁ କରିଦିଅ ଦୂର,

ଘ) ........................................................................... ଯେଉଁଠି କରୁଛ

ଙ) ସେଇ ତ ...................................................................................... ।

୩. ତଳ ପଦଗୁଡ଼ିକୁ କଥା ଆକାରରେ ଲେଖିବା ।

ଯେପରି - ସାଇକେଲଟିଏ କିଣିବ ଅନନ୍ତ

ସାଇତିଛି କିଛି ଧନ

ଉ. ଅନନ୍ତ ସାଇକେଲଟିଏ କିଣିବା ପାଇଁ କିଛି ଧନ ସାଇତିଛି ।

ସେପରି -

କ) ଏକଥା ଜାଣିଲେ ଗୋପବନ୍ଧୁ ବାବୁ

ଅଥିର ହୋଇଲା ମନ

ଉ...........................................................................................

ଖ) ବହୁତ ଦିନରୁ ଥକି ପଡ଼ିଲିଣି

ପାଦରେ ମୁଁ ଚାଲିଚାଲି

ଉ...........................................................................................

ଗ) ପାଦେ ଚାଲିଚାଲି ଭୋକିଲା ଲୋକର

ଖବର ଫେରୁଛ ନେଇ

ଉ...........................................................................................

ଘ) ସରମରେ ସଢ଼ି ବୁଝିଲେ ଅନନ୍ତ

ତାଙ୍କ ମରମର କଥା

ଉ...........................................................................................

୪. ଯେପରି 'ବରଷ'ର ଗଦ୍ୟ ରୂପ'ବର୍ଷ', ସେପରି ଏହି କବିତାର ଆଉ କେଉଁ ଶବ୍ଦକୁ ଗଦ୍ୟ ରୂପରେ ଲେଖିହେବ- ବାଛି ତାହାର ଗଦ୍ୟ ରୂପ ଲେଖିବା ।

ଉ. ...................... ...................... ...................... ......................

...................... ...................... ...................... ......................

୫. ଘରକୁ ଘର - ଏହାକୁ ମଧ୍ୟ ଘରଘର ବୋଲି ଲେଖାଯାଇପାରେ, ସେହିପରି ଏଗୁଡ଼ିକ କ'ଣ ହେବ ଲେଖିବ ।

ବର୍ଷକୁ ବର୍ଷ - ଦ୍ୱାରକୁ ଦ୍ୱାର -

ମାସକୁ ମାସ - ଜଣକୁ ଜଣ -

ଗାଁକୁ ଗାଁ - ଦେଶକୁ ଦେଶ-

୬. ଦୁଇଟି ପାଦକୁ 'ଚରଣ ଯୁଗଳ' କହିବା ପରି ତଳେ ଲେଖାଥିବା ପଦଗୁଡ଼ିକୁ କ'ଣ କୁହାଯାଏ ଲେଖିବା ।

ଦୁଇଟି ଚକ୍ଷୁ -

ଦୁଇଟି ହସ୍ତ -

ଦୁଇଟି ମୂର୍ତ୍ତି -

ଦୁଇଟି ପକ୍ଷୀ -

୭. 'ହାସ' ଶବ୍ଦ ପୂର୍ବରୁ 'ଦର' ଲାଗି 'ଦରହାସ' ଶବ୍ଦ ହୋଇଛି, ସେପରି ପୂର୍ବରୁ 'ଦର' ଲାଗିଥିବା ଶବ୍ଦ କେତୋଟି ଲେଖିବା ।

ଉ. ..........................................................................................

..........................................................................................

୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ଗୋପବନ୍ଧୁ ଅନନ୍ତଙ୍କୁ ପାଖକୁ ଡାକି କ'ଣ କହିଲେ ?

ଉ. ..........................................................................................

ଖ) ଅନନ୍ତ କେଉଁମାନଙ୍କର ଖବର ସଂଗ୍ରହ କରୁଥିଲେ ?

ଉ. ..........................................................................................

ଗ) ଅନନ୍ତ ଲଜ୍ଜିତ ହେଲେ କାହିଁକି ?

ଉ. ..........................................................................................

୯. ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।

ମଣିମୁକୁତାର ଝଲକରୁ ବଳି
ଶୁଖିଲା ଅଧର ହସ,
ସେ ହସରୁ ଝରେ ସରଗ ସୁଷମା
ଦେବତା ହୁଅନ୍ତି ବଶ ।

ଉ.


## ତୁମ ପାଇଁ କାମ

୧. ତୁମଭିତରୁ ଜଣେ ଉତ୍କଳମଣି ଓ ଆଉ ଜଣେ ଅନନ୍ତ ହୋଇ କବିତାଟିକୁ ଅଭିନୟ କର ।

୨. ଗୋପବନ୍ଧୁଙ୍କ ଚିତ୍ରଟିଏ କରି ଶ୍ରେଣୀରେ ଟାଙ୍ଗ ।

# କାଲ୍‌ଭେରିଆ କାନ୍ଦୁଛି

ଡ. ନିତ୍ୟାନନ୍ଦ ସ୍ୱାଇଁ



ମରିସସ୍‌ର ଜଙ୍ଗଲରେ କାଲ୍‌ଭେରିଆ କାନ୍ଦୁଛି । ଏ କାନ୍ଦ ଆଉ ବନ୍ଦ ହେବନି । ଦିନକାଳ ତା'ର ସରିସରି ଆସିଲାଣି । ହେଲେ, ତା' କୋଳରେ ସେ ପିଲାଟିଏ ଦେଖିଲାନି । ଗତ ୩୦୦ ବର୍ଷ ତଳେ ଯାଇ ସେ ଶିଶୁ ମୁହଁ ଦେଖିଥିଲା । ତା' ଚାରିକଡ଼େ ସେମାନେ ତାକୁ ଘେରି ବଢ଼ି ଆସୁଥିଲେ । ତାଙ୍କର ନିଃଶ୍ୱାସପ୍ରଶ୍ୱାସର ତାତି ତା' ଦେହରେ ବାଜି ଶିହରଣ ଆଣୁଥିଲା ।

କାଲ୍‌ଭେରିଆ ପାହାଡ଼କୁ ପଚାରେ–

"ହେ, ପାହାଡ଼, ମୋ ଡୋଡୋକୁ ଦେଖିଛ ?"

ପାହାଡ଼ କହେ, "ଦେଖୁଛୁ ପରା କାଲ୍‌ଭେରିଆ, ମୁଁ ଅଚଳ । ମୁଁ କ'ଣ ଚଲାବୁଲା କରିପାରୁଛି ଯେ ଡୋଡୋକୁ କେଉଁଠି ଦେଖିଥିବି ?"

କାଲ୍‌ଭେରିଆ ପଚାରେ ମୟୂରକୁ "ହେ, ମୟୂର ଭାଇ, ଡୋଡୋ ମୋ'ର କୁଆଡ଼େ ଗଲା କି ?"

"କାହିଁ, ତାକୁ ତ ମୁଁ ଏବେ ଦେଖୁନି," ମୟୂର ଉତ୍ତର ଦିଏ ।

ଥକିନଯାଇ କାଲ୍‌ଭେରିଆ ପୁଣି ପଚାରେ ପବନକୁ, "ପବନ, ତମେ ତ ଅହିକନ୍ଦି ସବୁ ବୁଲୁଚ ତମେ ଦେଖିନା ଡୋଡୋକୁ ?"

ଉତ୍ତର ଦେଇ ନ ପାରି ପବନ ଚୁପ୍ ରହିଯାଏ ।

କାଲ୍‌ଭେରିଆ ଡୋଡୋକୁ ଖୋଜୁଛି । ଡୋଡୋ ଆସୁଥିଲା । ତା' ଚାରିପଟେ ବୁଲିବୁଲି ଫଳ ଗିଳି ଖାଉଥିଲା । ହାଲିଆ ହୋଇଗଲେ ତା' ଦେହକୁ ଲାଗି ଘୁମେଇ ପଡୁଥିଲା । ସେତେବେଳେ କାଲ୍‌ଭେରିଆ ପାଉଥିଲା ମାତୃତ୍ୱର ଆନନ୍ଦ । ସେ ଡୋଡୋ ଆଉ ଆସୁ ନାହିଁ । କାଲ୍‌ଭେରିଆ ଭାବୁଛି, "ମୁଁ ତ ତାକୁ କେବେ କିଛି କହିନି ? ତେବେ ତା'ର ଏତେ ଅଭିମାନ କାହିଁକି ?"

"ପବନ ଭାଇ, ଡୋଡୋକୁ ମୋ'ର ଟିକେ ଖବର ଦିଅନ୍ତ । ମୁଁ ତାକୁ ଅନେଇ ବସିଛି ପରା । ସେ ଥରଟିଏ ହେଲେ ଆସି ମୋ' ଆଡ଼େ ବୁଲି ଯାଆନ୍ତା ନାହିଁ ?"

ପବନ ସବୁ ଦେଖିଛି । ତା'ରି ଆଖି ଆଗରେ ଯାହା ସବୁ ଘଟି ଯାଇଛି ତାର ସେ ସାକ୍ଷୀ । ସେ ଏହାର ପ୍ରତିବାଦ କରିଥିଲା । ରାଗରେ ପାଚିଯାଇ ସେ ସୃଷ୍ଟି କରିଥିଲା ଝଡ଼ । କିନ୍ତୁ ସେ ହାର ମାନିନେଲା । ଏଇ ଅମାନିଆ, ଅବିବେକୀ ମଣିଷ ଜାତିଟା ପାଖରେ କିଏ ହାର୍ ମାନୁନି ଯେ ? ଯିଏ ବିବେକ ଖଟେଇ କାମ କରେନି । ତାକୁ ଦୂରରୁ ଜୁହାର । ଭକ୍ତିରେ ନୁହେଁ, ଭୟରେ ଆଉ ଘୃଣାରେ ।

ପବନ ଠିକ୍ କଲା, ଆଜି ସେ କାଲ୍‌ଭେରିଆକୁ ସବୁ କହିଦେବ, ଏତେଦିନ ଧରି ଯାହା ସେ ଲୁଚେଇ ରଖିଥିଲା କାଲ୍‌ଭେରିଆଠାରୁ । ସେହି ଗୋପନ କାହାଣୀକୁ ତା' ଆଗରେ ଖୋଲିଦେବ । ତା'କୁ ଲୁଚେଇ କିଛି ଲାଭ ନାହିଁ । ଆଉ କେତେ ଦିନ ସେ ବଂଚିବ ଅବା ?

ପବନ କହି ଚାଲିଲା । କାଲ୍‌ଭେରିଆ ଚୁପ୍ ହୋଇ ଶୁଣି ବସିଲା ପବନର ନିଜ ଆଖିଦେଖା ଘଟଣାସବୁ । ସେ କାହାଣୀ ନ ଥିଲା, ଥିଲା ସବୁ ସତ ।

୧୫୦୭ ମସିହା। କଥା ! ଭାରତ ମହାସାଗର ଭିତରେ ଜାହାଜ ଚଳେଇ ଆସି ମରିସସ୍‌ରେ ଓହ୍ଲେଇ ପଡ଼ିଲେ ଗୋରା ପର୍ତ୍ତୁଗୀଜ ସାହାବ। ବଣିଜ ବେପାର ଥିଲା ତାଙ୍କର ବେଉସା। ପ୍ରଥମ ଦିନ ଏହି ଡୋଡୋମାନେ ହିଁ ତାଙ୍କୁ ମରିସସ୍ ଭୂମିରେ ସ୍ୱାଗତ



ଜଣାଇଥିଲେ । ପରେପରେ ଜାହାଜର ଧାଡ଼ି ଲାଗିଲା । ସାହାବ ଆସିଲେ, ଜିନିଷ ଆସିଲା, ଆସିଲେ ସାହାବର ସାଥୀ ବିଲେଇ ଆଉ କୁକୁର ।

ପାରାଙ୍କ ଜାତିଭାଇ ହେଲେ ବି ଡୋଡ଼ୋ ଉଡ଼ି ପାରିବାକୁ ଅକ୍ଷମ । ଦେଖିଲେ ମନ ମୋହିଯିବ, ଏପରି ନୁହଁ । କିନ୍ତୁ ଭାରି ଶାନ୍ତ । ଧୀରସ୍ଥିର । ଡୋଡୋ କିଛି ଛୋଟିଆ ପକ୍ଷୀ ନୁହେଁ । ପନ୍ଦରରୁ ପଚିଶ କେ.ଜି. ହେବ ତା'ର ଓଜନ । ଭାରି ସରଳ ପ୍ରକୃତିର । ଏତେ ସରଳ ଆଉ ନିଷ୍କପଟ ଯେ ତାକୁ ନିହାତି ବୋକା ବୋଲି ବି କୁହାଯାଇପାରିବ ।

ଡୋଡ଼ୋ ଯେଉଁମାନଙ୍କୁ ଦିନେ ସ୍ୱାଗତ ଜଣାଇଲା, ସେଇମାନେ ହିଁ ହେଲେ ତା'ର ପହିଲା ନମ୍ବର ଶତ୍ରୁ । ବିଲେଇ ଡୋଡୋର ବସା ଖୋଜି ଅଣ୍ଡାଭୋଜିରେ ଲାଗିଗଲା । ଡୋଡୋ ଶାବକମାନଙ୍କର ତଣ୍ଟି କଣା କରି ରକ୍ତ ପିଇଗଲା । କୁକୁର ବି ଡୋଡ଼ୋ ଉପରକୁ ଝାମ୍ପି ପଡ଼ି ତା'ର ପ୍ରାଣ ନେଲା । ମାଂସପାଇଁ ସାହେବମାନେ ଡୋଡୋକୁ ଶିକାର କରିବାରେ ଲାଗିଲେ । ଗୋଟିଏ ଡୋଡୋ ମାରିଦେଲେ ୨୦ରୁ ୨୫ କେ.ଜି. ମାଂସ ! ଡୋଡ଼ୋ ଶିକାର କରିବାଟା ତ କିଛି କଷ୍ଟକର ବ୍ୟାପାର ନୁହେଁ । ଶିକାରୀକୁ ଦେଖି ପଳାଇଯିବା ତ ଦୂରର କଥା, ବରଂ ସେ ବନ୍ଧୁକମୁନକୁ ବୋକାଙ୍କ ଭଳି ଚାହିଁ ରହିଥିବ । ବନ୍ଧୁକ ଢୋ' କରେ, ଡୋଡ଼ୋ ସେଇଠି ଠୋ' ହୋଇଯାଏ । ପଲଭିତରୁ ଗୋଟିଏ ଡୋଡୋ ଟଳି ପଡ଼ିଲେ ବି ଅନ୍ୟମାନେ ସେମିତି ଢଳଢଳ କରି ଚାହିଁ ରହିଥାନ୍ତି । ପଳାଇଯାଇ ଆତ୍ମରକ୍ଷା କରିବାର କଳା ସେମାନଙ୍କୁ ବୋଧହୁଏ ମାଲୁମ୍ ନ ଥାଏ । ତେଣୁ ମରିସସ୍‌ରୁ ଡୋଡ଼ୋର ବଂଶ ସମ୍ପୂର୍ଣ୍ଣ ଲୋପ ପାଇଯିବାକୁ ଲାଗିଲା, ମାତ୍ର ୧୭୫ ବର୍ଷ ଭିତରେ । ପନ୍ଦରଶହ ସାତ ମସିହାରେ ପ୍ରଥମ କରି ଡୋଡୋ ଲୋକଲୋଚନକୁ ଆସିଲା । ଆଉ ୧୬୮୧ ମସିହାରେ ପୃଥିବୀର ଶେଷ ଡୋଡ଼ୋଟି ଶିକାର କରିଦେଇ ମଣିଷ ଜାତି ଡୋଡୋର ବଂଶକୁ ସବୁଦିନ ପାଇଁ ନିଶ୍ଚିହ୍ନ କରିଦେଲା ।

ପବନର କଣ୍ଠରୋଧ ହୋଇ ଆସିଲା । ତଥାପି କାଲ୍‌ଭେରିଆକୁ କୁଣ୍ଢେଇ ଧରି ସେ କହିଲା, "ଯାହା ହେବାର ତ ହୋଇଗଲାଣି, ମୋ ସୁନାଟା ପରା, ତୁ ଆଉ କାନ୍ଦନା ।"

ଡୋଡୋ ଆଜି ଆଉ ନାହିଁ । ଗତ ୩୦୦ ବର୍ଷ ତଳୁ ସେ ପୃଥିବୀ ବକ୍ଷରୁ ସବୁଦିନ ପାଇଁ ଲୋପ ପାଇ ଯାଇଛି । ତେବେ ଡୋଡୋ ସହିତ କାଲ୍‌ଭେରିଆର ବା ସମ୍ପର୍କ କ'ଣ ? ଡୋଡୋର ବିଚ୍ଛେଦରେ କାଲ୍‌ଭେରିଆ ବାହୁନୁଛି କାହିଁକି ? କାଲ୍‌ଭେରିଆ ଏକ ବିରାଟ ବୃକ୍ଷ । ସେହି ମରିସସ୍‌ର ବି ସେ ବାସିନ୍ଦା । କିନ୍ତୁ ୧୯୭୩ ମସିହାରେ ମରିସସ୍‌ରେ ମାତ୍ର ୧୩ଟି କାଲ୍‌ଭେରିଆ ଗଛ ବଂଚି ରହିଥିଲା । ପୁଣି ସମସ୍ତଙ୍କର ବୟସ ଥିଲା ୩୦୦ ବର୍ଷରୁ ଊର୍ଦ୍ଧ୍ୱ । ସେମାନେ ସବୁ ମରିମରି ଆସୁଥିଲେ । ବଂଶବୃଦ୍ଧି କରାଇବାରେ ସେମାନେ ସମସ୍ତେ

ଥିଲେ ଅକ୍ଷମ । କାଲ୍‌ଭେରିଆର ଫଳଗୁଡ଼ିକ ବେଶ୍ ବଡ଼ । ଦେଢ଼ ସେଣ୍ଟିମିଟର୍‌ର ଖୋଳପା ପରିବେଷ୍ଟିତ ହୋଇ ରହିଥାଏ ମଞ୍ଜି । ତେଣୁ ଏହି ମୋଟା ଖୋଳପା ଫୁଟେଇ ଗଜା ବାହାରିବା ବଡ଼ କଷ୍ଟ ।

କାଲ୍‌ଭେରିଆ ଫଳ ଡୋଡ଼ୋର ବଡ଼ ପ୍ରିୟ । ଫଳଗୁଡ଼ିକୁ ଗୋଟା ଗିଳିପକାଏ ସେ । ତା'ର ପାକସ୍ଥଳୀରେ ଏହି ଫଳର ଖୋଳପା ନରମ ହୋଇଯାଏ । ନରମ ଖୋଳପା ଥାଇ ଗୋଟା ଫଳଟା ପୁଣି ଡୋଡ଼ୋର ମଳରେ ବାହାରି ଆସେ । ଖୋଳପାଟା ନରମ ହୋଇଯାଇଥିବାରୁ ମଞ୍ଜିରୁ ଗଜା ବାହାରିବାରେ କିଛି ଅସୁବିଧା ହୁଏନାହିଁ ।

ଡୋଡ଼ୋ ବଂଚିଥାଆନ୍ତା, କାଲ୍‌ଭେରିଆ ଫଳ ଗିଳି ପୁଣି ବାହାର କରିଦିଅନ୍ତା, କାଲ୍‌ଭେରିଆ ଫଳରୁ ଗଜା ହୋଇ କାଲ୍‌ଭେରିଆର ବଂଶ ବଢ଼ି ଚାଲନ୍ତା । କିନ୍ତୁ ଡୋଡୋର ବଂଶ ଲୋପ ହୋଇଗଲା ପରେ କାଲ୍‌ଭେରିଆର ଅଙ୍କୁରୋଦ୍‌ଗମ ଆଉ ସମ୍ଭବ ହୋଇପାରିଲା ନାହିଁ । ଗତ ୩୦୦ ବର୍ଷ ତଳେ ପୃଥିବୀର ସର୍ବଶେଷ ଡୋଡୋ ପକ୍ଷୀଟିର ମୃତ୍ୟୁ ହେଲା । ଗଲା ୩୦୦ବର୍ଷ ଧରି ପ୍ରାକୃତିକ ଉପାୟରେ କାଲ୍‌ଭେରିଆ ବୃକ୍ଷରୁ ଅଙ୍କୁରୋଦ୍‌ଗମ ହୋଇଥିବାର କେହି ଜାଣି ନାହିଁ ।

ଡୋଡ଼ୋର ମୃତ୍ୟୁ ହୋଇଛି । ଆମେ ହିଁ ତା'ମୃତ୍ୟୁପାଇଁ ଦାୟୀ । କାଲ୍‌ଭେରିଆ ମରିମରି ଆସୁଛି । ପରୋକ୍ଷ ଭାବରେ ଦେଖିଲେ ଏହି ମଣିଷ ଜାତିଟା ହିଁ ଆତତାୟୀ । କାଲ୍‌ଭେରିଆର ଦୁର୍ଦ୍ଦଶାର କାରଣ ଆମକୁ ଜଣା । କିନ୍ତୁ ଆମେ ନିରୁପାୟ । ଯିଏ ତା'ର ବଂଶବୃଦ୍ଧିରେ ସାହାଯ୍ୟ କରିଥାନ୍ତା, ସେହି ଡୋଡ଼ୋ ଆଜି ଆଉ ନାହିଁ । ଆମେ ଡୋଡୋର ବଂଶ ବୁଡ଼େଇ ଦେଇଛୁ, କାଲ୍‌ଭେରିଆର ବଂଶ ବୁଡ଼ି ଆସୁଛି ।

ଡୋଡ଼ୋ ପକ୍ଷୀଟିଏ । କାଲ୍‌ଭେରିଆ ଗୋଟିଏ ବୃକ୍ଷ । ସମଧର୍ମୀ ନ ହୋଇ ମଧ୍ୟ ସେମାନଙ୍କର ସମ୍ପର୍କ ଅବିଚ୍ଛେଦ୍ୟ । କିନ୍ତୁ ଆମେ ? ସେମାନଙ୍କର ରକ୍ଷକ ନ ହୋଇ ଭକ୍ଷକ ସାଜିଲୁ ।

ପ୍ରକୃତି କାହିଁକି ଡୋଡ଼ୋକୁ ସୃଷ୍ଟି କଲା ? କାହିଁକି ସେ ଜନ୍ମ ଦେଲା କାଲ୍‌ଭେରିଆକୁ ? ଡୋଡ଼ୋ ଆଉ କାଲ୍‌ଭେରିଆର ସମ୍ପର୍କ ଯୋଡ଼ିଲା ଅବା କାହିଁକି ?

ଆମେ କେହି ବି ସେ କଥା ଭାବିଲୁନି । ଆମେ କୁଆଡ଼େ ପୃଥିବୀର ଶ୍ରେଷ୍ଠଜୀବ ! କାରଣ ଆମର କୁଆଡ଼େ 'ବିବେକ' ଅଛି । ଧିକ୍ ଆମର ବିବେକକୁ !

କାଲ୍‌ଭେରିଆ ଲୁହ ଝରାଉଛି । ଗୁମୁରିଗୁମୁରି ସେ ବାହୁନି ଉଠୁଛି – "ଡୋଡ଼ୋ, ଡୋଡ଼ୋ ମୋର, ଆଉ କ'ଣ ମୋ ପାଖକୁ ଆସିବୁ ନାହିଁ ?"

## ଲେଖକ ପରିଚୟ

୧ ୯ ୪ ୩ ମସିହା ଜାନୁଆରୀ ମାସ ୨ ୯ ତାରିଖରେ **ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କର** ଜନ୍ମ । ସେ 'ଏ ଦେହ ଥିଲେ ସର୍ବ ପାଇ', 'ବିଜ୍ଞାନର ବର୍ଣ୍ଣାଳୀ', 'ହୃଦ୍‌ରୋଗ', 'ପରିବେଶ ପରିକ୍ରମା' 'ରହସ୍ୟ' ଇତ୍ୟାଦି ଅନେକ ଉପାଦେୟ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟ ଜଗତକୁ ପରିପୁଷ୍ଟ କରିଛନ୍ତି ।

## ଶିକ୍ଷକଙ୍କ ପାଇଁ ସୂଚନା

+ ଶିକ୍ଷକ ପ୍ରସଙ୍ଗଟିକୁ ପଢ଼ାଇବା ପୂର୍ବରୁ ଏହାର ପୃଷ୍ଠଭୂମି ସମ୍ପର୍କରେ ଧାରଣା ଦେବେ ।
+ ବୃକ୍ଷ ସୃଷ୍ଟି କରିବାରେ ପକ୍ଷୀର ଭୂମିକା ସମ୍ପର୍କରେ ସୂଚନା ଦେବେ ।
+ ରକ୍ଷକ ପରିବର୍ତ୍ତେ ଭକ୍ଷକ ସାଜି ମନୁଷ୍ୟ ନିଜେ କିପରି ନିଜର କ୍ଷତିସାଧନ କରୁଛି, ତାହା ବୁଝାଇବେ ଓ ପରିବେଶ ସୁରକ୍ଷାର ଗୁରୁତ୍ୱ ଆଲୋଚନା କରିବେ ।
+ ହାସ୍ୟ, କ୍ରନ୍ଦନ, କ୍ରୋଧ ଭଳି ଆବେଗକୁ ମନୁଷ୍ୟ କିପରି ପରିପ୍ରକାଶ କରେ, ତାହାର ଧାରଣା ଦେବେ । ଆବଶ୍ୟକ ସ୍ଥଳେ ନିଜେ ଅଭିନୟ ସହ ବୁଝାଇବେ ।

## ସୂଚନା

କାଲ୍‌ଭେରିଆ-ମରିସସ୍‌ର ଜଙ୍ଗଲରେ ଥିବା ଗଛ, ଯାହା ପ୍ରାୟ ଲୋପ ପାଇ ଯାଉଛି

ଡୋଡୋ -ମରିସସ୍‌ରେ ଅତୀତରେ ଦେଖାଯାଉଥିବା ଏକ ପକ୍ଷୀ, ଯାହାର ବଂଶ ଲୋପ ହୋଇଗଲାଣି ।

ଅନ୍ଧିକନ୍ଧି – ପ୍ରତ୍ୟେକ ସଂକୀର୍ଣ୍ଣ ସ୍ଥାନ, ଫାଙ୍କ ।

ଆତତାୟୀ – ଶାସ୍ତ୍ରରେ ୬ ପ୍ରକାର ମନୁଷ୍ୟଙ୍କୁ 'ଆତତାୟୀ' ଶବ୍ଦ ଅନ୍ତର୍ଭୁକ୍ତ କରାଯାଏ । ସେମାନେ ହେଲେ – ନିଆଁ ଲଗାଇଦେବା ଲୋକ, ବିଷ ଦେବା ଲୋକ, ଅସ୍ତ୍ରଶସ୍ତ୍ର ଧରି ଆସୁଥିବା ଲୋକ, ଧନ ହରଣ କରୁଥିବା ଲୋକ, ଭୂସମ୍ପତ୍ତି ବଳପୂର୍ବକ ଅଧିକାର କରୁଥିବା ଲୋକ, ସ୍ତ୍ରୀମାନଙ୍କ ଉପରେ ଅତ୍ୟାଚାର କରୁଥିବା ଲୋକ । ଏବେ ଅସ୍ତ୍ରଶସ୍ତ୍ର ଧରି ଶତ୍ରୁ ଭାବରେ ଆଘାତ କରିବାକୁ ଆସୁଥିବା ଲୋକଙ୍କୁ ଆତତାୟୀ କୁହାଯାଉଛି ।

ବେଉସା – ବ୍ୟବସାୟ, କାମଧନ୍ଦା ।

ସାହାବ – ସାହେବ, ଏଠାରେ ପର୍ତ୍ତୁଗୀଜମାନଙ୍କୁ କୁହାଯାଇଛି ।

ପହିଲା– ପ୍ରଥମ, ପ୍ରତି ମାସର ପ୍ରଥମ ଦିନ ବା ୧ ତାରିଖକୁ ପହିଲା କହନ୍ତି ।

ବାହୁନିବା – ଗୁଣ ସବୁ ମନେ ପକାଇ ଉଚ୍ଚସ୍ୱରରେ କାନ୍ଦିବା ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | |
|---|---|---|
| ସାକ୍ଷୀ | ଶିହରଣ | ମାଲୁମ |
| କୁହାର | ନିଷ୍କପଟ | ପରିବେଷ୍ଟିତ |
| ସମଧର୍ମୀ | ପ୍ରତିବାଦ | ଅବିଚ୍ଛେଦ୍ୟ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) କାଲ୍‌ଭେରିଆ କିଏ ?

ଖ) ଡୋଡ୍ରୋ ସହିତ ତା'ର ସମ୍ପର୍କ କ'ଣ ?

ଗ) ଡୋଡ୍ରୋ ପକ୍ଷୀଟି ଦେଖିବାକୁ କିପରି ?

ଘ) କାଲ୍‌ଭେରିଆ ଫଳରୁ କିପରି ଗଜା ବାହାରେ ?

ଙ) ଡୋଡ୍ରୋ ପକ୍ଷୀର ବଂଶ କିପରି ଲୋପ ହେଲା ?

୨. **ବାକ୍ୟ ଶେଷରେ ଉପଯୁକ୍ତ ଚିହ୍ନ ଦେବା ।**

କ) ପବନର କଣ୍ଠରୋଧ ହୋଇ ଆସିଲା

ଖ) ଗୋଟିଏ ଡୋଡ୍ରୋ ମାରିଦେଲେ କୋଡ଼ିଏରୁ ପଚିଶ କେ.ଜି. ମାଂସ

ଗ) ଡୋଡ୍ରୋର ବିଚ୍ଛେଦରେ କାଲ୍‌ଭେରିଆ ବାହୁନୁଛି କାହିଁକି

ଘ) ଧିକ୍ ଆମର ବିବେକକୁ

୩. **ବାକ୍ୟ ଭିତରେ ଓ ଶେଷରେ ଉପଯୁକ୍ତ ଜାଗାରେ ଉପଯୁକ୍ତ ଚିହ୍ନ ଦେବା ।**

କ) ଗୁରୁମା କହିଲେ ଆଜି ଆମେ ଗପଟିଏ ଶୁଣିବା

ଖ) ମା ପଚାରିଲେ ଲିଙ୍କନ୍ ଆଜି କାହିଁକି ସ୍କୁଲରୁ ଆସିବା ଡେରି ହେଲା

ଗ) ଆଜି ମୋ ଦେହ ଭଲ ଲାଗୁ ନାହିଁ କହିଲା ସେ

ଘ) ବାପା ଆସିଲେ ଜିନିଷ ଆସିଲା ଆସିଲା ବାପାଙ୍କ ପୋଷାକ

ଙ) ମୁଁ କ'ଣ ସତେ ଏତେ ବୋକା ମନ ଦୁଃଖ କରି କହିଲା ଧୀରେନ୍

୪. **ଯେପରି 'ଚିହ୍ନ' ସହିତ 'ନିଶ୍ଚିହ୍ନ' ଶବ୍ଦର ସଂପର୍କ ରହିଛି, ସେପରି ତଳ ଶବ୍ଦଗୁଡ଼ିକ ସହିତ ସେହିପରି ସଂପର୍କ ଥିବା ଶବ୍ଦକୁ କୋଠରିରେ ଲେଖିବା ।**

କପଟ – ________

ପାପ – ________

ଚିନ୍ତା – ________

ଫଳ – ________

କର – ________

୫. ମାଆପଣିଆକୁ ଗୋଟିଏ ଶବ୍ଦରେ 'ମାତୃତ୍ୱ' ବୋଲି କୁହାଯାଏ । ସେହିପରି ତଳ ଉକ୍ତି ଗୁଡ଼ିକ ଗୋଟିଏ ଶବ୍ଦରେ କଣ ହେବ କୋଠରିରେ ଲେଖିବା ।

କ) ବାପାପଣିଆ ☐

ଖ) ଭାଇପଣିଆ ☐

ଗ) ସ୍ୱାମୀପଣିଆ ☐

ଘ) ପୁରୁଷପଣିଆ ☐

ଙ) ମୁରବିପଣିଆ ☐

ଚ) ମଣିଷପଣିଆ ☐

୬. 'ବିବେକୀ' ଶବ୍ଦ ପୂର୍ବରୁ 'ଅ' ଲଗାଇଲେ ତାହା ବିବେକୀର ବିପରୀତ ଅର୍ଥ ବୁଝାଏ । ସେହିପରି ତଳ ଶବ୍ଦ ଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦକୁ ଲେଖିବା ।

ମଣିଷ – ☐ ସାଧୁ- ☐ ସ୍ଥିର- ☐

ପଦାର୍ଥ – ☐ ସହିଷ୍ଣୁ- ☐

୭. ପ୍ରଜାପତିର ଗୋଟିଏ ଡେଣାରେ କିଛି ଶବ୍ଦ ଓ ଅନ୍ୟ ଡେଣାରେ ତାହାର ବିପରୀତ ଅର୍ଥବୋଧକ ଶବ୍ଦ ଲେଖାଯାଇଛି, ତାକୁ ଗାର ଟାଣି ଯୋଡ଼ିବା ।




୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) କାଲ୍‌ଭେରିଆ କାହାକୁ ଖୋଜୁଛି ଓ କାହିଁକି ?

ଉ. ......................................................................................................

......................................................................................................

ଖ) କାଲ୍‌ଭେରିଆ କେତେବେଳେ ମାତୃତ୍ୱର ଆନନ୍ଦ ପାଉଥିଲା ?

ଉ. ......................................................................................................

......................................................................................................

ଗ)    ପର୍ତ୍ତୁଗୀଜ୍‌ମାନେ ଡୋଡ଼ୋର ଶତ୍ରୁ ହେଲେ କିପରି ?

ଉ.    ..........................................................................................

..........................................................................................

ଘ)    ନିଜର ବଂଶବୃଦ୍ଧି କରାଇବାରେ କାଲ୍‌ଭେରିଆର କି ଅସୁବିଧା ହେଲା ?

ଉ.    ..........................................................................................

..........................................................................................

ଙ)    ଡୋଡ଼ୋର ବଂଶ ଲୋପ ହୋଇ ନ ଥିଲେ ଆମ ପରିବେଶରେ କି ସୁବିଧା ହୋଇଥାନ୍ତା ?

ଉ.    ..........................................................................................

..........................................................................................

**୯.    ଏହି ବାକ୍ୟଟିର ଅର୍ଥକୁ ନିଜ ଭାଷାରେ ବୁଝାଇ ଲେଖିବା ।**

**'ସମଧର୍ମୀ ନ ହୋଇ ମଧ୍ୟ ସେମାନଙ୍କର ସମ୍ପର୍କ ଅବିଚ୍ଛେଦ୍ୟ' ।**

ଉ.

**୧୦.    ଅନୁଚ୍ଛେଦଟିକୁ ପଢ଼ି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

ବୁବୁ ଭଲ ପଢ଼େ । ସେ ଚତୁର୍ଥଶ୍ରେଣୀ ପାସ୍ କଲା ପରେ, ବାପା ରମାନାଥବାବୁ ଠିକ୍ କଲେ ତାକୁ ସୈନିକ ସ୍କୁଲରେ ପଢ଼ାଇବେ । ବୁବୁ ସୈନିକ ସ୍କୁଲରେ ଭର୍ତ୍ତି ହେବାପାଇଁ ବଛାବଛି ପରୀକ୍ଷା ଦେଲା । ସେଥିରେ ସେ ଭଲ କଲା । ଯମୁନାଦେବୀଙ୍କ ମନ ଦୁଃଖ । ପୁଅ ତାଙ୍କର ପାଖ ଛାଡ଼ି ଚାଲିଯିବ । ରମାନାଥବାବୁ ନିଜେ ଯାଇ ବୁବୁର ନାଁ ସୈନିକ ସ୍କୁଲରେ ଲେଖାଇଦେଇ ଆସିଲେ । ସେ ଗୋଦାବରୀ ହାଉସ୍‌ରେ ରହିଲା । ବୁବୁର ମାମୁ ବାଣୀବିହାରରେ ଅଧ୍ୟାପକ । ବାଣୀବିହାର ସୈନିକ ସ୍କୁଲର ନିକଟ । ସେ ମଝିରେ ମଝିରେ ଯାଇ ଦେଖାଶୁଣା କରିବେ ବୋଲି ରମାନାଥ ବାବୁ କହିଆସିଲେ ।

୧.    ବୁବୁ କେଉଁ ସ୍କୁଲରେ ପଢ଼ିବା ପାଇଁ ଠିକ୍ ହେଲା ?

ଉ.    ..........................................................................................

୨. ସେ ସ୍କୁଲଟି କେଉଁଠାରେ ଅବସ୍ଥିତ ?

ଉ. ......................................................................................

୩. ଯମୁନା ଦେବୀଙ୍କ ମନଦୁଃଖ ହେଲା କାହିଁକି ?

ଉ. ......................................................................................

୪. ବୁବୁ ବଛାବଛି ପରୀକ୍ଷାରେ ଭଲ କଲା । ଏଠାରେ ଭଲ କଲା କହିଲେ କ'ଣ ବୁଝୁଛ ?

ଉ. ......................................................................................

୫. ବୁବୁର ମାମୁ କ'ଣ କରନ୍ତି ?

ଉ. ......................................................................................

**୧୧. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଗୋଟିଏ ଲେଖାଏଁ ଶବ୍ଦ ରେଖା ଦ୍ୱାରା ଚିହ୍ନିତ କରାଯାଇଛି । ବନ୍ଧନୀ ମଧ୍ୟରୁ ଏକାର୍ଥବୋଧକ/ସମାନ ଅର୍ଥ ବୁଝାଉଥିବା ଶବ୍ଦ ନେଇ ସେହି ସ୍ଥାନରେ ରଖ ।**

କ) ବଣିଜ ବେପାର ଥିଲା ତାଙ୍କର ବୃତ୍ତି ।

ଖ) ଯିଏ ବିବେକ ଖଟେଇ କାମ କରେନି ତାକୁ ଦୂରରୁ ନମସ୍କାର ।

ଗ) ପବନ ଏହାର ବିରୋଧ କଲା ।

ଘ) ତାଙ୍କର ନିଃଶ୍ୱାସ ପ୍ରଶ୍ୱାସର ତାଡି ତା' ଦେହରେ ବାଜି କମ୍ପନ ଆଣୁଥିଲା ।

ଙ) ପଳାଇଯାଇ ଆତ୍ମରକ୍ଷା କରିବାର କଳା ସେମାନଙ୍କୁ ବୋଧହୁଏ ଜଣା ନ ଥାଏ ।

(ଶିହରଣ, ମାଲୁମ, ପ୍ରତିବାଦ, ବେଉସା, ଜୁହାର)

## ତୁମ ପାଇଁ କାମ

୧. ତୁମ ଅଞ୍ଚଳର କେଉଁ ପକ୍ଷୀ ତୁମର କି ଉପକାର କରନ୍ତି, ତାହା ବୁଝି ଲେଖ ।

୨. ଡୋଡୋ ଭଳି ତୁମ ଅଞ୍ଚଳର ଯେଉଁ ପକ୍ଷୀଟିକୁ ଆଉ ଦେଖିବାକୁ ମିଳୁ ନାହିଁ, ତାହାର ଏକ ଚିତ୍ର ଛବିରୁ ଦେଖି ଆଙ୍କି ଶ୍ରେଣୀ କୋଠରିରେ ଟାଙ୍ଗ ।

# ଉତ୍କଳପୁତ୍ର ପ୍ୟାରୀମୋହନ

ଡ. ଭ୍ରମରବର ସାମଲ




ଆଜକୁ ପ୍ରାୟ ଶହେ ବର୍ଷ ତଳର କଥା । ସେକାଳର ଗୋଟିଏ ପତ୍ରିକାରେ 'ଦରଖାସ୍ତ ଜୁତିଆନ୍' ଅର୍ଥାତ୍ "ଜୋତାମାନଙ୍କର ନିବେଦନ" ନାମରେ ବ୍ୟଙ୍ଗାତ୍ମକ ଲେଖାଟିଏ ପ୍ରକାଶ ପାଇଲା । ଏହା କଟକ ସହରର ଆବର୍ଜନାପୂର୍ଣ୍ଣ ଅପରିଷ୍କୃତ ରାସ୍ତାକୁ ଲକ୍ଷ୍ୟ କରି ଲେଖାଯାଇଥିଲା । ସେତେବେଳେ ଇଂରେଜମାନେ ଥିଲେ ଏ ଦେଶର ଶାସନକର୍ତ୍ତା । ସେମାନଙ୍କ ମଧ୍ୟରେ ଏହି ଲେଖାଟି ପ୍ରତିକ୍ରିୟା ସୃଷ୍ଟି କଲା । ତତ୍କାଳୀନ ଜିଲା ମାଜିଷ୍ଟ୍ରେଟ୍ ଏରଭିଙ୍ଗ୍ ସାହେବ ଅତ୍ୟଧିକ ଭାବରେ ରାଗିଗଲେ । ଲେଖାଟିର ପ୍ରକୃତ ଲେଖକ କିଏ ବୋଲି ଖୋଜା ଚାଲିଲା । ଜଣାପଡ଼ିଲା ଯେ ଲେଖକ ଜଣକ ହେଉଛି କଟକ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଜଣେ ଛାତ୍ର । ସେହି କଲେଜରେ ଅଧ୍ୟକ୍ଷ ଥିଲେ ଚଣ୍ଡୀଚରଣ ବାବୁ । ତାଙ୍କୁ ସରକାରୀ ନିର୍ଦ୍ଦେଶ ଦିଆଗଲା ଉକ୍ତ ଛାତ୍ରକୁ କଲେଜରୁ ବହିଷ୍କାର କରିଦେବାପାଇଁ । ଚଣ୍ଡୀଚରଣ ବାବୁ ପିଲାଟିକୁ ନିଜ ଅଫିସକୁ ଡକାଇ କ୍ଷମା ମାଗିବାପାଇଁ ପରାମର୍ଶ ଦେଲେ; କିନ୍ତୁ ସ୍ୱାଧୀନଚେତା ନିର୍ଭୀକ ଛାତ୍ରଟି ଏଥିରେ ସମ୍ମତ ହେଲା ନାହିଁ । ସେ ଦୃଢ଼ କଣ୍ଠରେ କହିଲା, "ସାର୍ ! ଯାହା ଲେଖାଯାଇଛି ତାହା ଅକ୍ଷରେଅକ୍ଷରେ ସତ୍ୟ । ମୁଁ ଏପରି ଏକ ସତ୍ୟ ଘଟଣା ପ୍ରକାଶ କରି କିଛି ଭୁଲ୍ କରିନାହିଁ । ମୋ ପକ୍ଷରେ ଏପରି ଅନ୍ୟାୟ କ୍ଷମା ପ୍ରାର୍ଥନା କରିବା ସମ୍ଭବ ନୁହେଁ ।" ପିଲାଟିର ଏପରି ଦୃଢ଼ ମନୋଭାବ ହେତୁ ଶେଷରେ ସେ କଲେଜରୁ ବହିଷ୍କୃତ ହେଲା । ଦୃଢ଼ମନା ବ୍ୟକ୍ତି ନିଜ ସିଦ୍ଧାନ୍ତରେ ଅଟଳ ରହି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥା'ନ୍ତି; କିନ୍ତୁ ସେହି ଦୃଢ଼ତା ହିଁ ତାଙ୍କୁ ପରିଶେଷରେ ଅପୂର୍ବ ସାଫଲ୍ୟ ଆଣି ଦେଇଥାଏ ।

ଏହି ଦୃଢ଼ମନା ଛାତ୍ରଜଣକ ହେଉଛନ୍ତି ଉତ୍କଳର ବରପୁତ୍ର ପ୍ୟାରୀମୋହନ ଆଚାର୍ଯ୍ୟ । ସରକାରୀ ଶିକ୍ଷାନୁଷ୍ଠାନର ମନମୁଖି ନୀତି ଯୋଗୁଁ ସେ କଲେଜରୁ ବହିଷ୍କୃତ ହେବାରୁ ତାଙ୍କ ମନରେ ଘୋର ବିତୃଷ୍ଣା ଜାତ ହେଲା । ସେ ସଂକଳ୍ପ କଲେ ଯେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବେ । ସେ ସତ କହିବାରୁ ତାଙ୍କ ଜୀବନରେ ଯାହା ଘଟିଲା, ଏହା କୌଣସି ସ୍ୱାଧୀନ, ମୁକ୍ତିକାମୀ ମଣିଷର ଭାଗ୍ୟରେ ନ

ଘଟୁ, ଏହି କଥା ସେ ଚିନ୍ତା କଲେ । ତାଙ୍କର ଏହି ସଂକଳ୍ପରୁ ଜନ୍ମ ନେଲା 'କଟକ ଏକାଡେମୀ' ନାମରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ । ଏହି ବିଦ୍ୟାଳୟଟି କଟକଠାରେ ୧୮୭୫ ମସିହାରେ ସ୍ଥାପନ କରାଗଲା । ପରେ ୧୮୭୯ ମସିହାରେ ଏହା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । ପ୍ରଥମେ ପ୍ୟାରୀମୋହନ ନିଜେ ଏହି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ବିଦ୍ୟାଳୟର ଆର୍ଥିକ ଅବସ୍ଥାକୁ ସୁଧାରିବାପାଇଁ ପରବର୍ତ୍ତୀ ସମୟରେ ସେ ଅନ୍ୟତ୍ର ଚାକିରି କଲେ । ଚାକିରିରୁ ଯାହା ଉପାର୍ଜନ କରୁଥିଲେ ସେ ସବୁତକ ବିଦ୍ୟାଳୟର ପରିଚାଳନା ପାଇଁ ବ୍ୟୟ କରୁଥିଲେ । ତାଙ୍କ ଦେହାନ୍ତ ପରେ ଏହି ବିଦ୍ୟାଳୟ "ପ୍ୟାରୀମୋହନ ଏକାଡେମୀ" ନାମରେ ନାମିତ ହୋଇଅଛି ।

ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ଏହି ବିଦ୍ୟାଳୟଟି ମୁଖ୍ୟ ଭୂମିକା ଗ୍ରହଣ କରିଛି । ବହୁ ସ୍ୱନାମଧନ୍ୟ ବ୍ୟକ୍ତି ଏଠାରେ ଶିକ୍ଷକତା କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ମହାନ୍ ରଥୀ ଲାଲ୍-ବାଲ୍-ପାଲ୍‌ଙ୍କ ମଧ୍ୟରୁ ବଙ୍ଗଳାର ବିପିନ ଚନ୍ଦ୍ର ପାଲ୍ ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କିଛିଦିନ କାର୍ଯ୍ୟ କରିଥିଲେ । ସେହିପରି ଓଡ଼ିଶାର ଋଷିପ୍ରତିମ ଆଚାର୍ଯ୍ୟ ହରିହର ଦାସ ମଧ୍ୟ ଏହି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ ।

ଓଡ଼ିଶା ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଅବଦାନ ଅବିସ୍ମରଣୀୟ । ଓଡ଼ିଆ ଜାତିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ତାଙ୍କର ଜନ୍ମ । କ୍ଷଣଜନ୍ମା ପ୍ୟାରୀମୋହନଙ୍କ ଆୟୁ ସୀମା ଥିଲା ମାତ୍ର ତିରିଶ ବର୍ଷ । ଏହି ସ୍ୱଳ୍ପକାଳ ହେଉଛି ତାଙ୍କର ସଂଗ୍ରାମ ଓ ସାଧନାର ଜୀବନ । ସେ ଆନ୍ତରିକ ଭାବରେ ଉତ୍କଳକୁ ଭଲ ପାଉଥିଲେ । ସେ ନିଜର କରିନେଇଥିଲେ ଉତ୍କଳର ଭାଷା ଓ ସଂସ୍କୃତିକୁ । ଫଳରେ ଉତ୍କଳରେ ଶିକ୍ଷାର ବିକାଶ, ସମାଜ କଲ୍ୟାଣ ଓ ଦେଶସେବା ନିମନ୍ତେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

ପ୍ୟାରୀମୋହନଙ୍କ ଜୀବନ ଥିଲା ଏକ ତପସ୍ୱୀର ଜୀବନ । ସେହି ବ୍ୟକ୍ତି ଜୀବନରେ ସିଦ୍ଧି ଲାଭ କରେ, ଯିଏ କର୍ମକୁ ତପସ୍ୟା ଭାବରେ ଗ୍ରହଣ କରି ନେଇଥାଏ । ପ୍ୟାରୀମୋହନ ସେହିପରି ଥିଲେ ଜଣେ କର୍ମସିଦ୍ଧ ବ୍ୟକ୍ତି । ସେତେବେଳେ କଟକରୁ 'ଉତ୍କଳଦୀପିକା' ଓ ବାଲେଶ୍ୱରରୁ 'ସମ୍ବାଦବାହିକା' ନାମରେ କେବଳ ଦୁଇଟି ମାତ୍ର ସମ୍ବାଦପତ୍ର ପ୍ରକାଶ ପାଉଥିଲା । ସେ ଅନୁଭବ କଲେ ଯେ ଏହା ଯଥେଷ୍ଟ ନୁହେଁ । ଏଥିପାଇଁ ସେ ନିଜ ଚେଷ୍ଟାରେ ୧୮୭୧ ମସିହାରେ 'ଉତ୍କଳପୁତ୍ର' ନାମରେ କଟକରୁ ଏକ ପତ୍ରିକା ପ୍ରକାଶ କଲେ । ଓଡ଼ିଶାର ବିଭିନ୍ନ ସମସ୍ୟା ଓ ଅସୁବିଧାକୁ ଠିକ୍ ଭାବରେ ଉପସ୍ଥାପନ କରି ସେ ଉକ୍ତ ପତ୍ରିକାଟିକୁ ପରିଚାଳନା କଲେ । ଏହି ପତ୍ରିକାର ସେ ଥିଲେ ଜଣେ ସୁଦକ୍ଷ ସମ୍ପାଦକ । ଏହା ହେଉଛି ତାଙ୍କ ଛାତ୍ର ଜୀବନର ଏକ ଉଲ୍ଲେଖଯୋଗ୍ୟ କୃତି । 'ଦରଖାସ୍ତ କୁଡ଼ିଆନ୍' ଲେଖାଟି ଏହି ପତ୍ରିକାରେ ସେ ପ୍ରକାଶ କରିଥିଲେ । ପ୍ରଥମେ ଏହା ଥିଲା ହସ୍ତଲିଖିତ । ଏହି ହସ୍ତଲିଖିତ 'ଉତ୍କଳପୁତ୍ର'ର ସୁନାମ, ପ୍ରଭାବ ଓ ପ୍ରତିଷ୍ଠାରେ ମୁଗ୍ଧ ହୋଇ କର୍ମବୀର ଗୌରୀଶଙ୍କର ନିଜ ପ୍ରେସରେ ତାହାକୁ ଛାପିବାର ବ୍ୟବସ୍ଥା କରି ଦେଇଥିଲେ । ଫଳରେ ସେହିଦିନଠାରୁ 'ଉତ୍କଳପୁତ୍ର' ଛାପା ଅକ୍ଷରରେ ଆତ୍ମପ୍ରକାଶ କଲା । ଏଥିରେ ତରୁଣ ପ୍ୟାରୀମୋହନ ବ୍ରିଟିଶ୍ ଶାସନର ଅନ୍ୟାୟ, ଅବିଚାର ଏବଂ ସେତେବେଳର ସାମାଜିକ କୁସଂସ୍କାର ବିରୋଧରେ ନିର୍ଭୀକ ଭାବରେ ଲେଖାମାନ ଲେଖୁଥିଲେ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ବହୁ ପୂର୍ବରୁ ପ୍ୟାରୀମୋହନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପରିକଳ୍ପନା କରିଥିଲେ । ସେ ୧୮୭୫ ମସିହାରେ 'ଓଡ଼ିଶାର ଇତିହାସ' ନାମରେ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକଟି ସେତେବେଳେ ସ୍କୁଲ ପାଠ୍ୟପୁସ୍ତକରୂପେ ମନୋନୀତ ହୋଇଥିଲା । ଏହା ହେଉଛି ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ଇତିହାସ ପୁସ୍ତକ ।

ପ୍ୟାରୀମୋହନ ଏକ ଆଦର୍ଶ ନୀତିମୟ ଜୀବନ ଯାପନ କରୁଥିଲେ। ପ୍ରଲୋଭନଠାରୁ ସେ ଥିଲେ ବହୁ ଦୂରରେ । ଇଂରେଜ ସରକାରଙ୍କଦ୍ୱାରା ସେ ଡେପୁଟି ମାଜିଷ୍ଟ୍ରେଟ୍‌ଭାବେ ଏକ ନିଯୁକ୍ତି ପାଇଥିଲେ; କିନ୍ତୁ ସ୍ୱାଧୀନଚେତା ପ୍ୟାରୀମୋହନ ତାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । "ସରକାର ମୋତେ ଯଦି ଇଂରେଜ ବଡ଼ଲାଟ୍ ପଦବୀ ଦିଅନ୍ତି ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ ।" କି ନିଃସ୍ୱାର୍ଥ ଓ ତ୍ୟାଗପୂତ ଜୀବନ ! ଏହା କ'ଣ ସାଧାରଣ ମଣିଷ ପକ୍ଷରେ ସମ୍ଭବ ହୋଇପାରେ !

ଏହି ମହାନ୍ ତ୍ୟାଗୀ ପୁରୁଷଙ୍କର ଜନ୍ମ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ପଣ୍ଡୁଲଣ୍ଡା ଗ୍ରାମରେ ୧୮୫୨ ମସିହା ଅଗଷ୍ଟ ମାସ ୫ ତାରିଖରେ ହୋଇଥିଲା । ମାତ୍ର ୩୦ ବର୍ଷ ବୟସରେ ୧୮୮୧ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

ପ୍ୟାରୀମୋହନ ଥିଲେ ପିତାମାତାଙ୍କର ସୁଯୋଗ୍ୟ ସନ୍ତାନ। ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍କଳବାସୀଙ୍କର ସେବାପାଇଁ ଥିଲା ଅଭିପ୍ରେତ। ସେ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଯାହା କରିଗଲେ, ତାହା ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେଥିପାଇଁ ଗୋପବନ୍ଧୁଙ୍କର ନିମ୍ନୋକ୍ତ ପଦଟି ପ୍ୟାରୀମୋହନଙ୍କ ପ୍ରତି ପ୍ରଯୁଜ୍ୟ।




"ମାନବ ଜୀବନ
ନୁହଁଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ,

କର୍ମେ ଜୀଏଁନର
କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।"

## ଲେଖକ ପରିଚୟ

**ଡକ୍ଟର ଭ୍ରମରବର ସାମଲ** ୧୯୩୭ ମସିହା ଅକ୍ଟୋବର ୧୦ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ଶିଶୁମାନଙ୍କ ଉପଯୋଗୀ ବହୁ ପୁସ୍ତକ ସେ ରଚନା କରିଛନ୍ତି, ସେମାନଙ୍କ ମଧ୍ୟରେ 'ବିଦେଶୀ କାହାଣୀମାଳା', 'ନୀଳପାହାଡ଼', 'ପିଲାଙ୍କ ଦୂର ଦେଶ କଥା', 'ପଥର ଯୁଗର ମଣିଷ', 'ଗାଁ ଆମର ସରଗପୁର', 'ଶିଖରଚଣ୍ଡୀ', 'ସାପୁଆ କେଳା' ଇତ୍ୟାଦି ବେଶ୍ ଜଣାଶୁଣା । ତାଙ୍କର ୨୦୧୩ ମସିହା ମେ ମାସ ୧୯ ତାରିଖରେ ଦେହାନ୍ତ ହୋଇଯାଇଛି।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପିଲାମାନଙ୍କୁ ପ୍ୟାରୀମୋହନଙ୍କ ନିର୍ଭୀକତା, ଦୃଢ଼ମନୋଭାବ, ଆଦର୍ଶ ଓ ନୀତିମୟ ଜୀବନ ଯାପନ ପ୍ରଣାଳୀ ସଂପର୍କରେ ଧାରଣା ଦେବେ ।
- ଓଡ଼ିଆ ଭାଷା, ସାହିତ୍ୟ ଓ ସମ୍ବାଦପତ୍ର କ୍ଷେତ୍ରକୁ ପ୍ୟାରୀମୋହନଙ୍କ ଅବଦାନ ସମ୍ପର୍କରେ ପିଲାମାନଙ୍କ ସହିତ ଆଲୋଚନା କରିବେ ।
- ଓଡ଼ିଶାରେ ଶିକ୍ଷାର ପ୍ରସାର ନିମନ୍ତେ ପ୍ୟାରୀମୋହନଙ୍କ ତ୍ୟାଗ ଓ ମହନୀୟତା କିପରି ପ୍ରତିପାଦିତ ହୋଇଛି, ସେ ବିଷୟରେ ଶିକ୍ଷକ ପିଲାମାନଙ୍କୁ କହିବେ ।

## ସୂଚନା

- **ପ୍ୟାରୀମୋହନ ଏକାଡେମୀ –** କଟକ ସହରର ଦରଘାବଜାରରେ ଥିବା ଉଚ୍ଚ ବିଦ୍ୟାଳୟ । ଏହା ୧୮୭୫ ମସିହାରେ 'କଟକ ଏକାଡେମୀ' ନାମରେ ସ୍ଥାପିତ ହୋଇଥିଲା, ଆଚାର୍ଯ୍ୟ ପ୍ୟାରୀମୋହନ ଏହାକୁ ପ୍ରତିଷ୍ଠା କରିଥିଲେ ।
- **ଲାଲ୍-ବାଲ୍-ପାଲ୍**

  **ଲାଲା ଲଜ୍‌ପତ୍ ରାୟ –** (୧୮୬୫-୧୯୨୯) ଭାରତୀୟ ସମାଜ ସଂସ୍କାରକ ଓ ଜାତୀୟ ବୀର, ପଞ୍ଜାବର ଲୁଧିଆନା ଜିଲ୍ଲାରେ ଏହାଙ୍କର ଜନ୍ମ ।

  **ବାଲ୍ ଗଙ୍ଗାଧର ତିଳକ-**(୧୮୫୬-୧୯୨୦) ମହାରାଷ୍ଟ୍ରରେ ଜନ୍ମଗ୍ରହଣ କରିଥିଲେ । ଏହି ବିପ୍ଳବୀ ନେତା ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକ ନାମରେ ପରିଚିତ ।

  **ବିପିନ ଚନ୍ଦ୍ର ପାଲ୍** -(୧୮୮୫-୧୯୩୨) ବଙ୍ଗଳାର ବିପ୍ଳବୀ ନେତା । ସାହିତ୍ୟ, ରାଜନୀତି, ଦର୍ଶନ ପ୍ରଭୃତି ବହୁ ବିଷୟରେ ସୁପଣ୍ଡିତ ଥିଲେ ।
- **ଆଚାର୍ଯ୍ୟ ହରିହର ଦାସ** -(୧୮୭୯-୧୯୭୨) ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଜଣେ ଖ୍ୟାତନାମା ଶିକ୍ଷାବିତ୍ ଓ ସଂସ୍କାରକ । ସେ ଲୋକସେବାକୁ ଜୀବନର ବ୍ରତ କରିଥିଲେ । ସତ୍ୟବାଦୀ ବନବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁଙ୍କର ସହକର୍ମୀ ଥିଲେ । ଜଣେ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଭାବେ ତାଙ୍କର ସୁନାମ ଥିଲା ।
- **କର୍ମବୀର ଗୌରୀଶଙ୍କର ରାୟ –** (୧୮୩୮-୧୯୧୭) -କଟକ ଜିଲ୍ଲାର ଅସୁରେଶ୍ୱର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ 'କଟକ ଟାଉନ୍ ହଲର' ପ୍ରତିଷ୍ଠାତା । ଓଡ଼ିଶାର ଶିକ୍ଷା ଏବଂ ସାହିତ୍ୟ କ୍ଷେତ୍ରରେ ସେ ଅଶେଷ ଉପକାର କରିଛନ୍ତି । ତାଙ୍କ ସ୍ମୃତିରକ୍ଷା ପାଇଁ କଟକରେ ଗୌରୀଶଙ୍କର ପାର୍କ ତିଆରି ହୋଇଛି ।

**ଉତ୍କଳ ଦୀପିକା** – କଟକ ପ୍ରିଣ୍ଟିଂ କମ୍ପାନୀରୁ ପ୍ରକାଶିତ ଓଡ଼ିଶାର ପ୍ରଥମ ସାପ୍ତାହିକ ପତ୍ରିକା । କର୍ମବୀର ଗୌରୀଶଙ୍କର ରାୟ ଏହାର ପ୍ରତିଷ୍ଠାତା ଓ ସଂପାଦକ ଥିଲେ । ଏହା ୧୮୬୫ ଖ୍ରୀଷ୍ଟାବ୍ଦରେ ପ୍ରକାଶ ପାଇଥିଲା ।

**ସମ୍ବାଦବାହିକା** – ବ୍ୟାସକବି ଫକୀରମୋହନ ବାଲେଶ୍ୱରରେ ଗୋଟିଏ ଛାପାଖାନା ବସାଇ 'ସମ୍ବାଦବାହିକା' ପତ୍ରିକା ପ୍ରକାଶ କରିଥିଲେ । ଏହା ୧୮୭୦ ଖ୍ରୀଷ୍ଟାବ୍ଦରେ ପ୍ରଥମେ ମୁକ୍ତିଲାଭ କରିଥିଲା । ସେ ଥିଲେ ଏହାର ସମ୍ପାଦକ ।

**ଉତ୍କଳପୁତ୍ର** – ପ୍ୟାରୀମୋହନ ନିଜ ଉଦ୍ୟମରେ ୧୮୭୧ ମସିହାରେ କଟକରୁ 'ଉତ୍କଳ ପୁତ୍ର' ନାମକ ପତ୍ରିକା ପ୍ରକାଶ କରିଥିଲେ । ସେ ଏହାର ସଂପାଦକ ଥିଲେ । ସହଯୋଗୀ ଥିଲେ ତାଙ୍କର ବନ୍ଧୁ ଗୋବିନ୍ଦ ରଥ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ବ୍ୟଙ୍ଗାତ୍ମକ | ଦୃଢ଼ମନା | ସଂକଳ୍ପ | ସ୍ୱନାମଧନ୍ୟ | |
| କର୍ମସିଦ୍ଧ | ସ୍ୱାଧୀନଚେତା | ଦେହାନ୍ତ | ଋଷିପ୍ରତିମ | |
| ସିଦ୍ଧାନ୍ତ | ବହିଷ୍କାର | ମୁକ୍ତିକାମୀ | ଅବିସ୍ମରଣୀୟ | ଘଡ଼ିସନ୍ଧି |



## ଅଭ୍ୟାସ

୧. ଆସ ଉତ୍ତର କହିବା ।

କ) 'ଦରଖାସ୍ତ ଜୁତିଆନ୍' କି ପ୍ରକାରର ଲେଖା ଥିଲା ?

ଖ) 'ଦରଖାସ୍ତ ଜୁତିଆନ୍' ଲେଖାରେ କେଉଁ ସହର ବିଷୟରେ କୁହାଯାଇଛି ?

ଗ) ପ୍ୟାରୀମୋହନଙ୍କ ବିଷୟରେ ସରକାର କଲେଜର ଅଧ୍ୟକ୍ଷଙ୍କୁ କେଉଁ ନିର୍ଦ୍ଦେଶ ଦେଇଥିଲେ ?

ଘ) ଅଧ୍ୟକ୍ଷ ପ୍ୟାରୀମୋହନଙ୍କୁ କ'ଣ କରିବା ପାଇଁ କହିଥିଲେ ?

ଙ) ପ୍ୟାରୀମୋହନ କ୍ଷମାପ୍ରାର୍ଥନା ପାଇଁ କାହିଁକି ରାଜି ହେଲେ ନାହିଁ ?

୨. ଉତ୍ତର ଲେଖିବା ।

କ) ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଢ଼ିବାପାଇଁ ପ୍ୟାରୀମୋହନ କାହିଁକି ସଂକଳ୍ପ କରିଥିଲେ ?

ଉ. ....................................................................................

ଖ) ପ୍ୟାରୀମୋହନ ଚାକିରି କରିବାର କାରଣ କ'ଣ ଥିଲା ?

ଉ. ....................................................................................

ଗ) କେଉଁ କେଉଁ କାର୍ଯ୍ୟରେ ପ୍ୟାରୀମୋହନ ନିଜକୁ ଉତ୍ସର୍ଗ କରିଥିଲେ ?

ଉ. ....................................................................................

ଘ) 'ଉତ୍କଳପୁତ୍ର' ପତ୍ରିକାରେ ଓଡ଼ିଶାର କେଉଁ କଥା ପ୍ରକାଶ ପାଉଥିଲା ?

ଉ. ....................................................................................

ଙ) ପ୍ୟାରୀମୋହନ ନିର୍ଲୋଭ ଥିଲେ ବୋଲି କେଉଁ କଥାରୁ ଜଣାପଡୁଛି ?

ଉ. ....................................................................................

୩. ସରଳ ଭାଷାରେ ବୁଝାଇ ଲେଖିବା ।

କ) ଦୃଢ଼ମନା ବ୍ୟକ୍ତି ନିଜ ସିଦ୍ଧାନ୍ତରେ ଅଟଳ ରହି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥାଆନ୍ତି କିନ୍ତୁ ସେହି ଦୃଢ଼ତା ହିଁ ତାଙ୍କୁ ପରିଶେଷରେ ଅପୂର୍ବ ସାଫଲ୍ୟ ଆଣି ଦେଇଥାଏ ।

ଉ. ....................................................................................

....................................................................................

ଖ) ସେହି ବ୍ୟକ୍ତି ଜୀବନରେ ସିଦ୍ଧି ଲାଭ କରେ, ଯିଏ କର୍ମକୁ ତପସ୍ୟା ଭାବରେ ଗ୍ରହଣ କରିନେଇଥାଏ ।

ଉ. ..............................................................................

..............................................................................

୪. ତଳେ ଦିଆଯାଇଥିବା ଅନୁଚ୍ଛେଦଟି ପଢ଼ି ଯେତୋଟି ପ୍ରଶ୍ନ ତିଆରି କରାଯାଇପାରିବ କରିବା ।

ଏହି ଦୃଢ଼ମନା ଛାତ୍ରଜଣକ ହେଉଛନ୍ତି ଉତ୍କଳର ବରପୁତ୍ର ପ୍ୟାରୀମୋହନ ଆଚାର୍ଯ୍ୟ । ସରକାରୀ ଶିକ୍ଷାନୁଷ୍ଠାନର ମନମୁଖି ନୀତି ଯୋଗୁଁ ସେ କଲେଜରୁ ବହିଷ୍କୃତ ହେବାରୁ ତାଙ୍କ ମନରେ ଘୋର ବିତୃଷ୍ଣା ଜାତ ହେଲା । ସେ ସଂକଳ୍ପ କଲେ ଯେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବେ । ସେ ସତ କହିବାରୁ ତାଙ୍କ ଜୀବନରେ ଯାହା ଘଟିଲା, ଏହା କୌଣସି ସ୍ୱାଧୀନ, ମୁକ୍ତିକାମୀ ମଣିଷର ଭାଗ୍ୟରେ ନ ଘଟୁ, ଏହି କଥା ସେ ଚିନ୍ତା କଲେ । ତାଙ୍କର ଏହି ସଂକଳ୍ପରୁ ଜନ୍ମ ନେଲା 'କଟକ ଏକାଡେମୀ' ନାମରେ ଏକ ମଧ୍ୟ ଇଂରାଜୀ ବିଦ୍ୟାଳୟ । ଏହି ବିଦ୍ୟାଳୟଟି କଟକଠାରେ ୧୮୭୫ ମସିହାରେ ସ୍ଥାପନ କରାଗଲା । ପରେ ୧୮୭୯ ମସିହାରେ ଏହା ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା । ପ୍ରଥମେ ପ୍ୟାରୀମୋହନ ନିଜେ ଏହି ବିଦ୍ୟାଳୟରେ ଶିକ୍ଷକତା କରିଥିଲେ । ବିଦ୍ୟାଳୟର ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ପରବର୍ତ୍ତୀ ସମୟରେ ସେ ଅନ୍ୟତ୍ର ଚାକିରି କଲେ ।

ଉଦାହରଣ – ପ୍ୟାରୀମୋହନ କେଉଁ ଗୁଣର ଛାତ୍ର ଥିଲେ ?

୫. 'ପ୍ରତି' ସହ 'କ୍ରିୟା' ଯୋଗ ହୋଇ 'ପ୍ରତିକ୍ରିୟା' ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦମାନଙ୍କର ଆରମ୍ଭରେ 'ପ୍ରତି' ଯୋଗ କରି ଯେଉଁ ନୂଆ ଶବ୍ଦଟି ହେଉଛି ତାକୁ ନେଇ ବାକ୍ୟ ଗଠନ କରିବା ।

ହତ ..............................................................................

ଶବ୍ଦ ..............................................................................

ବାଦ ..............................................................................

ଦାନ ..............................................................................

ପକ୍ଷ ..............................................................................

ଘାତ ..............................................................................

୬. ଭାଇ ନ ହୋଇ ମଧ୍ୟ ଯିଏ ଭାଇ ଭଳି ଜଣାପଡ଼ନ୍ତି ତାଙ୍କୁ ଭ୍ରାତୃପ୍ରତିମ କୁହାଯାଏ । ସେହିପରି ତଳେ ଦିଆଯାଇଥିବା ଉକ୍ତିଗୁଡ଼ିକ ପାଇଁ ଯଥାର୍ଥ ଶବ୍ଦଟି ଲେଖିବା ।

କ) ଗୁରୁ ନ ହୋଇ ମଧ୍ୟ ଯିଏ ଗୁରୁଙ୍କ ଭଳି ଜଣାପଡ଼ନ୍ତି, ....................................

ଖ) ପିତା ନ ହୋଇ ମଧ୍ୟ ଯିଏ ପିତାଙ୍କ ଭଳି ଜଣାପଡ଼ନ୍ତି, ....................................

ଗ) ସାଧୁ ନ ହୋଇ ମଧ୍ୟ ଯିଏ ସାଧୁଙ୍କ ଭଳି ଜଣାପଡ଼ନ୍ତି, ....................................

ଘ) ଦେବତା ନ ହୋଇ ମଧ୍ୟ ଯିଏ ଦେବତାଙ୍କ ଭଳି ଜଣାପଡ଼ନ୍ତି, ................................

ଙ) ଋଷି ନ ହୋଇ ମଧ୍ୟ ଯିଏ ଋଷିଙ୍କ ଭଳି ଜଣାପଡ଼ନ୍ତି, ....................................

୭. ମୁକ୍ତିକୁ କାମନା କରୁଥିବା ଲୋକଙ୍କୁ କୁହାଯାଏ 'ମୁକ୍ତିକାମୀ' । ଏହିଭଳି ଶାନ୍ତି, ଉନ୍ନତି, କଲ୍ୟାଣ, ସ୍ୱାଧୀନତା ମୁକ୍ତି କାମନା କରୁଥିବା ବ୍ୟକ୍ତିମାନଙ୍କୁ କ'ଣ କହିବା ? ପ୍ରଥମେ ସେହି ଶବ୍ଦ ଗୁଡ଼ିକ ଲେଖିବା । ତା'ପରେ ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଅଲଗା ଅଲଗା ବାକ୍ୟ ଗଠନ କରିବା ।

| | ନୂଆ ଶବ୍ଦ | ବାକ୍ୟ |
|---|---|---|
| ଶାନ୍ତି | .......................... | ................................................................ |
| ଉନ୍ନତି | .......................... | ................................................................ |
| କଲ୍ୟାଣ | .......................... | ................................................................ |
| ସ୍ୱାଧୀନତା | .......................... | ................................................................ |
| ପୁଣ୍ୟ | .......................... | ................................................................ |

୮. ଯେଉଁ ଲୋକର ମନ ଦୃଢ଼ଥାଏ ତାକୁ ଗୋଟିଏ ଶବ୍ଦରେ କୁହାଯାଏ 'ଦୃଢ଼ମନା' । ସେହିପରି 'ମନା' ଶବ୍ଦକୁ ଶେଷରେ ରଖି ଆଉ କେତୋଟି ଶବ୍ଦ ଲେଖିବା ।

..........................................................................................................

..........................................................................................................

୯. ତଳେ ଦିଆଯାଇଥିବା ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କରିବା ।

| | |
|---|---|
| ନୀତିମୟ | ................................................................................ |
| କୀର୍ତ୍ତିମୟ | ................................................................................ |
| ଆନନ୍ଦମୟ | ................................................................................ |
| ସୌନ୍ଦର୍ଯ୍ୟମୟ | ................................................................................ |
| ଦୟାମୟ | ................................................................................ |

୧୦. ତଳଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ପ୍ୟାରୀମୋହନଙ୍କ ସଂପର୍କରେ ଅନୁଚ୍ଛେଦଟିଏ ଲେଖିବା ।
ନିର୍ଭୀକ, ସ୍ୱାଧୀନଚେତା, ତ୍ୟାଗପୂତ ଜୀବନ, ଅନ୍ୟାୟ, ଅବିଚାର, ବ୍ରିଟିଶ୍ ଶାସନ, ବହିଷ୍କୃତ, ଶିକ୍ଷାନୁଷ୍ଠାନ

## ତୁମପାଇଁ କାମ

୧. ଉତ୍କଳର ଅନ୍ୟ ବରପୁତ୍ରମାନଙ୍କ ସମ୍ପର୍କରେ ବିବରଣୀ ସଂଗ୍ରହ କରି ତୁମ ଖାତାରେ ଲେଖ ।

୨. ବରପୁତ୍ରମାନଙ୍କର ଛବି ସଂଗ୍ରହ କରି ଦେଖ ଓ ମନେରଖ ।



# ଦଳପତି ପଦ ତୁମକୁ ସାଜେ

ଡ. ନଟବର ସାହୁ



ବାରବାର ହୋଇ ଶୁଭୁଛି ଡାକ
"ହିରଣ୍ୟକ ହିରଣ୍ୟକ !
ମୂଷିକରାଜା ହେ ବନ୍ଧୁ ମୋର
ବେଗେ ଆସି ଆମ ଜୀବନ ରଖ ।"

ଶୁଣି ଏଇ ଡାକ ମୂଷିକରାଜ
ବାହାରକୁ ଆସି ହୋଇଲେ ଉଭା
ଦଳବଳ ସହ କପୋତରାଜ
ଦଶା ଦେଖି ସେ ତ ହୋଇଲେ କାବା ।

କପୋତରାଜନ କହିଲେ, "ସଖା
ଯାଉଥିଲୁ ବନ ପଥରେ ଉଡ଼ି
ପଡ଼ିଗଲୁ ଆମେ ବାଣୁଆ ଜାଲେ
ଖୁଦକଣିକାର ଲୋଭରେ ପଡ଼ି ।

ନ ଥିଲା ଉପାୟ ଆମର ଆଉ
ପରାଣ ବିକଳେ ସରବେ ମିଳି
ଜାଲ ସହିତରେ ଆସିଛୁ ଉଡ଼ି
ମରଣର ଭୟ ଦେବାକୁ ଟାଳି ।

ମୋର ଅନୁଗତ କପୋତ ଦଳେ
ତୁମେ ଇ ପାରିବ ମୁକ୍ତ କରି
ମୂଷିକରାଜ ମୋ ବାଲ୍ୟସଖା
ଆମଠି କରୁଣା ବର୍ଷା କରି ।"



ଏହା ଶୁଣିସାରି ହିରଣ୍ୟକ
ବନ୍ଧୁ ନିକଟକୁ ଗଲେ ସେ ଧାଇଁ
ଜାଲ କାଟି ନିଜ ମିତଙ୍କୁ ଆଗ
ବନ୍ଧନୁ ମୁକତି କରିବା ପାଇଁ ।



ଏହା ଦେଖି ତହୁଁ କପୋତରାଜ
ମିତଙ୍କୁ କହିଲେ ବିନୀତ ହୋଇ
"ପରଜାଙ୍କୁ ଆଗ ମୁକ୍ତ କର
ମୋ ଫାଶ କାଟିବ ଶେଷରେ ଭାଇ" ।

ହିରଣ୍ୟକ ହସି କହିଲେ , "ସଖା
ଅଳପ ଶକତି କ୍ଷୀଣ ମୋ ଦେହ
ସବୁ କପୋତର କାଟିବି ଫାଶ
କିପରି ପାରିବି ତୁମେ ଯେ କୁହ !

ତୁମେ ଦଳପତି ବନ୍ଧୁ ମୋର
ପହିଲେ ତୁମକୁ ଦେବି ମୁକତି
ତା'ପରେ କାଟିବି ପାରିବି ଯେତେ
ଦେହେ ଥିବା ଯାଏ ମୋର ଶକତି ।



ଆଶ୍ରିତ ଜନ ରକ୍ଷା ପାଇଁ
ଦଳପତି ସିନା ସାଜିଛି ମୁହିଁ
ତାଙ୍କ ପାଇଁ ପଛେ ଜୀବନ ଯାଉ
ସେଥିପାଇଁ ମୋର ଭାବନା ନାହିଁ" ।



କପୋତ ରାଜନ ବଚନ ଶୁଣି
ହିରଣ୍ୟକ ହସି କହିଲେ ତେଜେ
"ଆଦରଶ ତୁମ ଧନ୍ୟ, ସଖା
ଦଳପତି ପଦ ତୁମକୁ ସାଜେ ।"

## କବି ପରିଚୟ

୧୯୩୯ ମସିହା ଅପ୍ରେଲ ମାସ ୩ ତାରିଖରେ **ଡ. ନଟବର ସାହୁ** ଜନ୍ମଗ୍ରହଣ କରିଥିଲେ, ତାଙ୍କର 'ଅମର ବୈଜ୍ଞାନିକ ମେଘନାଦସାହା', 'ଆଉ ଏକ ଅଧ୍ୟାୟର ଆରମ୍ଭ', 'ଗୋଟିଏ ଅଲିଭା ଜ୍ୟୋତି', 'ଅଜବ ରାଇଜରେ ଗଲିଭର', 'ଅନୁଚ୍ଚାରିତ ସ୍ୱରଲିପି', 'ଅଦୃଶ୍ୟ ଚିତ୍ରପଟ୍ଟ', 'ଅବଲୁପ୍ତ ସିଂହାସନ', 'ତୁମରି ପାଇଁ', 'ଅନୁଶୋଚନା' ଇତ୍ୟାଦି ରଚନା ଓଡ଼ିଆ ସାହିତ୍ୟ ଜଗତକୁ ମହାନ୍ ଦାନ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପ୍ରଥମେ କବି ପରିଚୟ ଓ କବିତାର ପୃଷ୍ଠଭୂମି ସଂପର୍କରେ ଧାରଣା ଦେବେ ।
- କବିତାର କଥାବସ୍ତୁ ପରି ଆଦର୍ଶସ୍ଥାନୀୟ ଅନ୍ୟ କବିତା ବା ଗଳ୍ପର ଅବତାରଣା କରିବେ ।
- ମିତ୍ରଲାଭ ଅନ୍ତର୍ଗତ ଚିତ୍ରଗ୍ରୀବ ଓ ହିରଣ୍ୟକ ଉପାଖ୍ୟାନଟିକୁ ସଂଗ୍ରହକରି ପଢ଼ିବେ ।
- ଏକତା ହିଁ ବଳ - ଏହି ତାତ୍ପର୍ଯ୍ୟଟିକୁ ପିଲାଙ୍କୁ ବୁଝାଇବେ ।
- ବିପଦସମୟର ବନ୍ଧୁ ହିଁ ପ୍ରକୃତ ବନ୍ଧୁ, ଏ କଥା ପିଲାଙ୍କୁ ବୁଝାଇବେ ।
- ଏକତା, ବନ୍ଧୁତା, ଦଳପତିପଣିଆ ବା ରାଜଧର୍ମ ଭଳି ଗୁଣାବଳୀର ମହତ୍ତ୍ୱକୁ ପିଲାଙ୍କ ନିକଟରେ ପ୍ରତିପାଦନ କରିବେ ।
- 'ସର୍ବନାମ ପଦ' ସଂପର୍କରେ ପିଲାମାନଙ୍କୁ ଧାରଣା ଦେବେ ।

## ସୂଚନା

ଉଭା – ଉପସ୍ଥିତ, ଦେଖା ଦେବା

ଦଶା – ଖରାପ ଅବସ୍ଥା, ଅସୁବିଧା ବା ଖରାପ ସମୟ

କାବା – ଆଶ୍ଚର୍ଯ୍ୟ, ବିସ୍ମିତ

ଟାଳିଦେବା – ଦୂରେଇ ଦେବା, ଏଡ଼େଇ ଦେବା

ଖୁଦକଣିକା – ଧାନରୁ ଚାଉଳ କଲାବେଳେ ସେଥିରୁ କିଛି ଚାଉଳ ଗୁଣ୍ଡ ହୋଇ ଛୋଟ ଛୋଟ ଖଣ୍ଡ ହୋଇଯାଏ । ସେହି ଗୁଣ୍ଡ ଚାଉଳ ଦାନାକୁ ଖୁଦକଣିକା କୁହାଯାଏ ।

ତେଜେ – ଉତ୍ସାହର ସହିତ, ଉଲ୍ଲାସର ସହିତ

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅନୁଗତ, କରୁଣା, ବାଲ୍ୟସଖା, ବିନୀତ, ଫାଶ, କ୍ଷୀଣ, ଆଶ୍ରିତ, ଯୋଗ୍ୟ

## ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା ।

କ) କପୋତଦଳ କି ଅସୁବିଧାରେ ପଡ଼ିଥିଲେ ?

ଖ) ଅସୁବିଧାରୁ ମୁକ୍ତି ପାଇବା ପାଇଁ ସେମାନେ କାହା ପାଖକୁ ଗଲେ ?

ଗ) 'ହିରଣ୍ୟକ' କିଏ ?

ଘ) ସେ ଆଗ କପୋତରାଜଙ୍କୁ ମୁକ୍ତ କରିବାକୁ ଚାହିଁଲେ କାହିଁକି ?

ଙ) ପ୍ରକୃତ ବନ୍ଧୁ କାହାକୁ କୁହାଯାଏ ?

୨. ଖାଲି ପାଦପୂରଣ କରିବା ।

କ) ବାରବାର ହୋଇ ଶୁଭୁଛି ଡାକ

...........................................................................................

ଖ) ମୂଷିକରାଜା ହେ ବନ୍ଧୁ ମୋର

...........................................................................................

ଗ) ...........................................................................................

ପରାଣ ବିକଳେ ସରବେ ମିଳି

ଘ) ...........................................................................................

ଦଳପତି ସିନା ସାଜିଛି ମୁହିଁ

ଙ) ଆଦରଶ ତୁମ ଧନ୍ୟ, ସଖା,

...........................................................................................

ଚ) ...........................................................................................

ମୋ ଫାଶ କାଟିବ ଶେଷରେ ଭାଇ ।

୩. କବିତାରେ ପଦ୍ୟରୂପରେ ଥିବା ଶବ୍ଦଗୁଡ଼ିକୁ ବାଛି ସେଗୁଡ଼ିକର ଗଦ୍ୟରୂପ ଲେଖିବା । ଯେପରି-

ପରାଣ - ପ୍ରାଣ ............. ............. ......... .............

............. ............. ............. ............. ......... .............

୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସମ୍ପର୍କ ଥିବା ଶବ୍ଦକୁ ଗାରଟାଣି ଯୋଡ଼ିବା ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମୂଷିକ | ଦେହ |
| ଖୁଦ | ରାଜା |
| ବାଲ୍ୟ | ଜନ |
| କ୍ଷୀଣ | ସଖା |
| ଆଶ୍ରିତ | କଣିକା |
| | ଶକ୍ତି |

୫. ତଳେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକ ଯେଉଁମାନଙ୍କୁ ବୁଝାଉଛି କବିତାରୁ ଖୋଜି ସେମାନଙ୍କ ନାମ କୋଠରିରେ ଲେଖିବା ।

କ) ମୂଷିକରାଜା ହେ ବନ୍ଧୁ ମୋର

ଖ) ବେଗେ ଆସି ଆମ ଜୀବନ ରଖ

ଗ) ଦଶା ଦେଖି ସେ ତ ହୋଇଲେ କାବା

ଘ) ନ ଥିଲା ଉପାୟ ଆମର ଆଉ

ଙ) ତୁମେ ଇ ପାରିବ ମୁକ୍ତ କରି

ଚ) ବନ୍ଧୁ ନିକଟକୁ ଗଲେ ସେ ଧାଇଁ

ଛ) ତାଙ୍କ ପାଇଁ ପଛେ ଜୀବନ ଯାଉ

ଜ) ଆଦରଶ ତୁମ ଧନ୍ୟ, ସଖା,

୬. ତଳ ଶବ୍ଦଗୁଡ଼ିକର ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ଲେଖିବା ।

କ) ବନ୍ଧୁ ..........................................................................

ଖ) ରାଜା ..........................................................................

ଗ) କାବା ..........................................................................

ଘ) ପଥ ..........................................................................

ଙ) ଦେହ ..........................................................................

୭. ଏହି ପଦଟିର ଅର୍ଥ ନିଜ ଭାଷାରେ ବୁଝାଇ ଲେଖିବା ।

ଆଶ୍ରିତ ଜନ ରକ୍ଷାପାଇଁ

ଦଳପତି ସିନା ସାଜିଛି ମୁହିଁ

ଉ.

୮. ଯେପରି 'ଶୁଭୁଛି' ପଦ ଦରକାର ବେଳେ ଶୁଭିଲା, ଶୁଭିବ ହୋଇପାରେ ସେହିପରି ତଳେ ଦିଆଯାଇଥିବା ଶବ୍ଦର ଦୁଇଟି ଲେଖାଏ ରୂପ ଲେଖିବା

କହୁଛି..........., ଆସୁଛି.........., ଧାଉଁଛି..........., ହେଉଛି..........., କାଟୁଛି............

................ .................. ................. ................ ..................

୯. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

କ) ହିରଣ୍ୟକ କ'ଣ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ?

ଉ. ..........................................................................................

ଖ) କପୋତମାନେ କାହିଁକି ଏଭଳି ଦଶା ଭୋଗିଲେ ?

ଉ. ..........................................................................................

ଗ) କପୋତରାଜ ପ୍ରଥମେ ବନ୍ଧନରୁ ମୁକ୍ତ ହେବାକୁ ଚାହିଁଲେ ନାହିଁ କାହିଁକି ?

ଉ. ..........................................................................................

ଘ) ତୁମେ କପୋତରାଜାଙ୍କ ସ୍ଥାନରେ ଥିଲେ କ'ଣ କରିଥା'ନ୍ତ ?

ଉ. ..........................................................................................

ଙ) ଏ କବିତାରୁ ତୁମେ କ'ଣ ଶିଖିଲ ଲେଖ ।

ଉ. ..........................................................................................

## ତୁମ ପାଇଁ କାମ

୧. ଏକତା ବଳରେ କ'ଣ କରାଯାଇପାରିବ ବର୍ଣ୍ଣନା କରି ଗଳ୍ପଟିଏ ଲେଖ ।

୨. ଅନ୍ୟପାଇଁ ତ୍ୟାଗର ମହତ୍ତ୍ୱ ସମ୍ପର୍କରେ ବନ୍ଧୁମାନଙ୍କୁ ୫ ମିନିଟର ବକ୍ତୃତା ଦିଅ ।

# ଦେଶଭକ୍ତ ଲକ୍ଷ୍ମଣ ନାୟକ

ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ

"ଆକାଶରେ ସୂର୍ଯ୍ୟଚନ୍ଦ୍ର ଯଦି ସତ୍ୟ, ତେବେ ମୋ ମାଆ ନିଶ୍ଚୟ ସ୍ୱାଧୀନ ହେବ ।"



ଏହା କୌଣସି ଗପ ବା ନାଟକର କଥା ନୁହେଁ, ଆମ ମାଟିର ଜଣେ ବୀରପୁରୁଷ ଫାଶୀଖୁଣ୍ଟରେ ଝୁଲିବା ପୂର୍ବରୁ ଏକଥା କହିଥିଲେ । ତାଙ୍କ ମୁହଁର ଏହି କଥା ପ୍ରାୟ ଚାରିବର୍ଷ ପରେ ସତ୍ୟରେ ପରିଣତ ହୋଇଥିଲା । ସେହି ବୀରପୁରୁଷ ଜଣକ ଥିଲେ ଲକ୍ଷ୍ମଣ ନାୟକ, ଦେଶପାଇଁ ପ୍ରାଣବଳି ଦେଇ ସେ ଅମର ହୋଇଛନ୍ତି ।


ଲକ୍ଷ୍ମଣ ନାୟକ ଜନ୍ମଗ୍ରହଣ କରିଥିଲେ ୧୮୯୯ ମସିହାରେ । ଅବିଭକ୍ତ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ଖଜଣା ଅସୁଲ କରିବା କାମରେ ଜୟପୁରର ରାଜା ତାଙ୍କ ବାପା ପଦଲାମ ଭୂମିଆଙ୍କୁ ମୁସ୍ତାଦାର ଭାବରେ ନିଯୁକ୍ତ କରିଥିଲେ । ତେଣୁ ପଦଲାମ ଭୂମିଆ ପଦଲାମ ନାୟକ ଭାବରେ ଜଣାଶୁଣା ହେଲେ । ବାପାଙ୍କ ପରି ଲକ୍ଷ୍ମଣ ଥିଲେ କର୍ମଠ । ନିଜକାମ ନିଜେ କରିବାକୁ ସେ ଖୁବ୍ ଭଲ ପାଉଥିଲେ । ମନରେ ତାଙ୍କର ପରଆପଣା ବା ଉଚ୍ଚନୀଚ ଭାବନା ସ୍ଥାନ ପାଉନଥିଲା । ସମସ୍ତଙ୍କ ସହିତ ମିଳିମିଶି ସେ ଚଳିପାରୁଥିଲେ ।

ଲକ୍ଷ୍ମଣଙ୍କ ବୟସ ବଢ଼ିଲା । ସେ ଯୁବକ ହେଲେ । ନୂଆନୂଆ କଥା ମୁଣ୍ଡରେ ଜୁଟିଲା । ନାୟକ ପୁଅ ତ ସେ । ଖୁବ୍ ନିକଟରୁ ଗରିବମାନଙ୍କ ଦୁଃଖ ଶୁଣନ୍ତି, ଅବସ୍ଥା ଦେଖନ୍ତି । ଯେଉଁଯେଉଁ ନୀତିନିୟମ ଗରିବ ବନବାସୀଙ୍କୁ ଅସୁବିଧାରେ ପକାଉଥିଲା, ସେଥିପାଇଁ ସେ ବାପାଙ୍କ ନିକଟରେ ଆପତ୍ତି କରନ୍ତି । କେଉଁଠାରେ ଅନ୍ୟାୟ ହେଉଥିବାର ଦେଖିଲେ ମନଟା ତାଙ୍କର ବିଦ୍ରୋହୀ ହୋଇଉଠେ ।

ମାତ୍ର ୧୯ ବର୍ଷ ବୟସରେ ଲକ୍ଷ୍ମଣଙ୍କର ବିବାହ ହୋଇଥିଲା । ଦୁଇବର୍ଷ ପରେ ଲକ୍ଷ୍ମଣଙ୍କର ପୁଅଟିଏ ହୋଇଥିଲା । ପୁଅର ନାଁ ରଖାଯାଇଥିଲା ରଘୁନାଥ । ପଦଲାମ ନାୟକ ବୃଦ୍ଧ ହୋଇଯିବାରୁ ନିଜ ଦାୟିତ୍ୱ ସମ୍ଭାଳି ପାରିଲେ ନାହିଁ । ନିଜ ସ୍ଥାନରେ ଲକ୍ଷ୍ମଣଙ୍କୁ ସେ ମୁସ୍ତାଦାର ଭାବରେ ବାଛିଲେ । ଜୟପୁର ରାଜା ଏ ପ୍ରସ୍ତାବକୁ ସ୍ୱୀକାର କଲେ । ସେହିଦିନଠାରୁ ଲକ୍ଷ୍ମଣ ଭୂମିଆ ପରିବର୍ତ୍ତେ ଲକ୍ଷ୍ମଣ ନାୟକ ଭାବରେ ପରିଚିତ ହେଲେ ।

୧୯୩୦ ମସିହା ବେଳକୁ ଭାରତରେ ଇଂରେଜମାନଙ୍କ ବିରୋଧରେ ସ୍ୱାଧୀନତା ସଂଗ୍ରାମ ଜୋରଦାର ହୋଇ ଉଠିଥାଏ । ସମସ୍ତଙ୍କ ଉପରେ ଲବଣ ସତ୍ୟାଗ୍ରହର ପ୍ରଭାବ ପଡ଼ିଥାଏ । କୋରାପୁଟ ଜିଲ୍ଲା ମଧ୍ୟ ଏଥିରୁ ବାଦ୍‌ଯାଇନଥିଲା । ବୀର ବନବାସୀମାନେ ବିଦେଶୀ ଶାସନଦ୍ୱାରା ଶୋଷିତ ହେଉଥିବା କଥା ଅନୁଭବ କରି ସାରିଥିଲେ । କୋରାପୁଟର ଜଣାଶୁଣା ସଂଗ୍ରାମୀ ରାଧାକୃଷ୍ଣ ବିଶ୍ୱାସରାୟ ସ୍ୱାଧୀନତା ସଂଗ୍ରାମକୁ ସେ ଅଞ୍ଚଳରେ ଦୃଢ଼ କରିଥିଲେ । ଇଂରେଜ କର୍ମଚାରୀଙ୍କ ନାଲିଆଖିକୁ ଲୋକମାନେ ଭୟ କରୁନଥିଲେ । ଏମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାୟକ ଥିଲେ ଆଗୁଆ । ସେ ମୁସ୍ତାଦାର ହୋଇଥିବାରୁ ସ୍ୱାଧୀନତା ସଂଗ୍ରାମର ସଭାସମିତିରେ ଯୋଗ ଦେଉଥିଲେ । ରାଧାମୋହନ ସାହୁ, ରାଧାକୃଷ୍ଣ ବିଶ୍ୱାସରାୟ, ନୀଳକଣ୍ଠ ପାତ୍ର ପ୍ରଭୃତି କର୍ମୀଙ୍କ ପ୍ରଭାବରେ ଲକ୍ଷ୍ମଣ କଂଗ୍ରେସରେ ମିଶିଲେ ଓ ମୁକ୍ତି ସଂଗ୍ରାମରେ ଯୋଗ ଦେଲେ ।

ପ୍ରଥମ ବିଶ୍ୱଯୁଦ୍ଧ ସରିଯିବା ପରେ ଭାରତକୁ ସ୍ୱାଧୀନତା ଦେବା ନିମନ୍ତେ ଇଂରେଜ ସରକାର ଆଦୌ ପଦକ୍ଷେପ ନେଲେନାହିଁ । ତେଣୁ ସ୍ୱାଧୀନତା ସଂଗ୍ରାମୀମାନେ ସରକାରଙ୍କ ସହିତ ଅସହଯୋଗ କଲେ । ସତ୍ୟାଗ୍ରହ ଆରମ୍ଭ ହେଲା । ସବୁ କଂଗ୍ରେସ କର୍ମୀ ଏଥିରେ ଯୋଗ ଦେଲେ । ୧୯୪୦ ମସିହା ଡିସେମ୍ବର ମାସରେ ରାମଗିରି ଫାଣ୍ଡି ଆଗରେ ସତ୍ୟାଗ୍ରହ କରି ଲକ୍ଷ୍ମଣ ନାୟକ ପୁଲିସ ହାତରେ ଗିରଫ ହେଲେ । କୋରାପୁଟ ଜେଲ୍‌ରେ ତାଙ୍କୁ ନଅ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ଆଦେଶ ମିଳିଲା । ସେତେବେଳେ





ବନ୍ଦୀର ଜୀବନ ଦୁଃଖମୟ ଥିଲା । ଅତ୍ୟଧିକ ଖଟଣି ପଡୁଥିଲା । ଖାଇବାକୁ ମିଳୁଥିଲା ଗୋଡ଼ିମିଶା ଭାତ, ପୋଡ଼ା ମାଣ୍ଡିଆ ରୁଟି ଆଉ ପାଣିଆ ଡାଲି । ବେଡ଼ି ପକା ହାତରେ ଘଣ୍ଟାଘଣ୍ଟା ଧରି ପରିଶ୍ରମ କରିବାକୁ ପଡୁଥିଲା ଲକ୍ଷ୍ମଣଙ୍କୁ । ସବୁ ଦୁଃଖକଷ୍ଟକୁ ନୀରବରେ ସହିଯାଉଥିଲେ ସେ । ସ୍ୱାଧୀନତା ସଂଗ୍ରାମରେ ଯୋଗଦାନ କରିଥିବା କାରଣରୁ ଲକ୍ଷ୍ମଣ ନାୟକ ନିଜର ମୁସ୍ତାଦାର ପଦ ହରାଇଥିଲେ । ତାଙ୍କୁ ମିଳିଥିବା ଜମିକୁ ଜୟପୁର ରାଜା ଛଡ଼ାଇ ନେଇଥିଲେ । ଏଥିରେ ସେ ବିଚଳିତ ହୋଇ ନ ଥିଲେ । ସେ ଜାଣିଥିଲେ, ଦୁଃଖ ନସହିଲେ ମାଟିମାଆର ଦୁଃଖ ଯିବନାହିଁ ।

୧୯୪୨ ମସିହା ଅଗଷ୍ଟ ମାସ ୧୫ ତାରିଖରେ ଜୟପୁର ତାଲୁକ୍ ଅଫିସ୍ ଓ ଥାନା ଘେରାଉ ହେଲା । ଚାରିଆଡ଼େ ଉତ୍ତେଜନା ଲାଗିରହିଥିଲା । ସେଠାରେ ଉପସ୍ଥିତ ଥିଲେ ଲକ୍ଷ୍ମଣ ନାୟକ । ଅଗଷ୍ଟ ୧୭, ୧୮ ଓ ୧୯ ତାରିଖରେ ପାଖାପାଖି ଅଞ୍ଚଳରେ ଥିବା ମଦଦୋକାନ ଉପରେ ସଂଗ୍ରାମୀମାନେ ଚଡ଼ାଉ କଲେ । ମଦଦୋକାନଗୁଡ଼ିକୁ ଭାଙ୍ଗିଦେଲେ । ସବୁଠି ଲକ୍ଷ୍ମଣ ନାୟକ ଆଗୁଆ । ତେଣୁ ପୁଲିସ୍ ଓ ମଦଦୋକାନୀଙ୍କ ରାଗ ଲକ୍ଷ୍ମଣଙ୍କ ଉପରେ ବଢ଼ିଗଲା ।

ଆସିଲା ଅଗଷ୍ଟ ୨୧ ତାରିଖ । ସେ ଦିନ ସଂଗ୍ରାମୀମାନେ ମାତିଲି ଥାନା ଘେରାଉ କରିବେ ବୋଲି ପୁଲିସ୍ ପାଖରେ ଖବର ପହଞ୍ଚିଥାଏ । ହଜାରହଜାର ସ୍ୱାଧୀନତା ସଂଗ୍ରାମୀ ଏକତ୍ର ହେଲେ । ସେମାନଙ୍କ



ନେତୃତ୍ୱ ନେଉଥା'ନ୍ତି ଲକ୍ଷ୍ମଣ ନାୟକ । ସଂଗ୍ରାମୀମାନଙ୍କୁ ପୁଲିସ୍ ବାଧା ଦେଉଥାଏ । ଥାନା ଆଗରେ ପ୍ରବଳ ଭିଡ଼ ଜମିଥାଏ । ଥାନା ଭିତରକୁ ପ୍ରବେଶ କରିବାପାଇଁ ଲୋକେ ଉଦ୍ୟମ କରୁଥାନ୍ତି । ଆରମ୍ଭ ହୋଇଗଲା ଠେଲାପେଲା । ଭିଡ଼ ଭାଙ୍ଗିବା ପାଇଁ ପୁଲିସ୍ ଗୁଳି ଚଳାଇଲା । ଏହା ଫଳରେ ଅଘଟଣଟିଏ ଘଟିଗଲା । ପୁଲିସ୍ ଗୁଳିରେ ଫରେଷ୍ଟ ଗାର୍ଡ ଜି. ରାମେୟାଙ୍କ ମୃତ୍ୟୁ ହେଲା । ନିଜ ଲୋକଟା ମରିଯାଇଥିବାରୁ ପୁଲିସ୍ ଡରିଗଲା । ଜି. ରାମେୟାର ମୃତ୍ୟୁପାଇଁ ଲକ୍ଷ୍ମଣ ନାୟକ ଓ ବଳରାମ ପୂଜାରୀଙ୍କୁ ଦାୟୀ କରିବାକୁ ସ୍ଥିର କରାଗଲା । ରାମେୟାର ମୃତ୍ୟୁ ଓ ପୁଲିସ୍ ଥାନା ଘେରାଉ ଅପରାଧରେ ଲକ୍ଷ୍ମଣ ନାୟକଙ୍କ ବିରୋଧରେ ମକଦ୍ଦମା କରାଗଲା । ପୁଲିସ ତେନ୍ତୁଳିଗୁମ୍ମା ଗାଁକୁ ଘେରାଉ କରି ଲକ୍ଷ୍ମଣ ନାୟକଙ୍କୁ ଗିରଫ କଲେ । ଦେଶର ସ୍ୱାଧୀନତା ପାଇଁ ଲକ୍ଷ୍ମଣ ନାୟକ ଓ ତାଙ୍କ ସାଥୀଙ୍କୁ ମିଥ୍ୟା ମକଦ୍ଦମାରେ ପଡ଼ିବାକୁ ହେଲା ।

ଲକ୍ଷ୍ମଣ ନାୟକ ଓ ତାଙ୍କ ସାଥିମାନଙ୍କ ବିରୋଧରେ କରାଯାଇଥିବା ମକଦ୍ଦମାର ରାୟ ପ୍ରକାଶ ପାଇଲା ୧୯୪୨ ମସିହା ନଭେମ୍ବର ମାସରେ । ବିଚାରରେ ଲକ୍ଷ୍ମଣ ନାୟକ ଫାଶୀଦଣ୍ଡରେ ଦଣ୍ଡିତ ହୋଇଥିଲେ ।

୧୯୪୩ ମସିହା ମାର୍ଚ୍ଚ ମାସ ୨୯ ତାରିଖ । ସକାଳ ପାଞ୍ଚଟା ବାଜିବାକୁ ଅଳ୍ପ କେତୋଟି ମୁହୂର୍ତ୍ତ ବାକିଥାଏ । ଜେଲ୍ କର୍ମଚାରୀ ଆସି ଲକ୍ଷ୍ମଣଙ୍କ ପାଖରେ ପହଞ୍ଚିଲେ । ଲକ୍ଷ୍ମଣ ଆଗେଇ ଚାଲିଲେ ଫାଶୀଖୁଣ୍ଟ ଆଡ଼କୁ । ମୁହଁରେ ତାଙ୍କର ରାମଧୁନ୍ । ଶେଷରେ ଲକ୍ଷ୍ମଣଙ୍କ ମୁହଁରୁ ଶେଷ ବାକ୍ୟ ବାହାରି ଆସିଥିଲା, "ଆକାଶରେ ସୂର୍ଯ୍ୟ ଚନ୍ଦ୍ର ଯଦି ସତ୍ୟ, ତେବେ ମୋ ମାଆ ନିଶ୍ଚୟ ସ୍ୱାଧୀନ ହେବ ।" ପରବର୍ତ୍ତୀ କ୍ଷଣରେ ଲକ୍ଷ୍ମଣଙ୍କ ଶରୀର ଝୁଲି ପଡ଼ିଥିଲା ଫାଶୀଖୁଣ୍ଟରେ । ଲକ୍ଷ୍ମଣ ନାୟକଙ୍କ ଶରୀର ସିନା ମାଟିରେ ମିଶିଯାଇଛି; କିନ୍ତୁ ସବୁଦିନ ପାଇଁ ସେ ଅମର ହୋଇ ରହିଯାଇଛନ୍ତି ଜନମାନସରେ ।

## ଲେଖକ ପରିଚୟ

**ଡ. ଗୋବିନ୍ଦଚନ୍ଦ୍ର ଚାନ୍ଦ** ୧୯୬୭ ମସିହା ମେ ମାସ ୪ତାରିଖରେ ଜନ୍ମଗ୍ରହଣ କରିଥିଲେ,'ତାଙ୍କର ରଚିତ ପୁସ୍ତକଗୁଡ଼ିକ ହେଲା, 'ଅମର ସନ୍ତାନ', 'ମହାନ ମୁନି ମନୀଷୀ', 'ଅତୀତ କହେ କଥା', 'ଓଡ଼ିଆ ସାହିତ୍ୟର ବିକାଶ ଓ ବିବର୍ତ୍ତନରେ ଝଙ୍କାର','ସ୍ମରଣୀୟ ସେ ସହିଦ' ଇତ୍ୟାଦି । ଏହି ବିଷୟଟି ତାଙ୍କର 'ଅମର ସହିଦ' ପୁସ୍ତକରୁ ଆସିଅଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଏହି ପାଠଟି ପଢ଼ାଇବା ସମୟରେ ଶିକ୍ଷକ ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ସଂଗ୍ରାମୀ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ସହିଦ୍‌ମାନଙ୍କ ସଂପର୍କରେ ପିଲାମାନଙ୍କୁ କହିବେ ।
- ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକ, ରଘୁଦିବାକର, ବୀର ସୁରେନ୍ଦ୍ରସାଏ, ବାଜିରାଉତ ପ୍ରଭୃତିଙ୍କ ଫଟୋଚିତ୍ର ପିଲାମାନଙ୍କୁ ଦେଖାଇବେ ଓ ସେମାନଙ୍କ ତ୍ୟାଗ ତଥା ବଳିଦାନ ସଂପର୍କରେ ଧାରଣା ଦେବେ ।
- ଓଡ଼ିଶାର ସମ୍ବଲପୁର, ଖୋର୍ଦ୍ଧା, ବ୍ରହ୍ମପୁର, କୋରାପୁଟ ପ୍ରଭୃତି ଅଞ୍ଚଳରେ ସ୍ୱାଧୀନତା ସଂଗ୍ରାମ କିପରି ସଙ୍ଗଠିତ ହୋଇଥିଲା, ସେ ସଂପର୍କରେ ଶିକ୍ଷକ ପିଲାମାନଙ୍କ ସହିତ ଆଲୋଚନା କରିବେ ।
  ସର୍ବନାମ ପଦ ସଂପର୍କରେ ପିଲାମାନଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇବେ ।

## ସୂଚନା

ଚଢ଼ାଉ – ଆକ୍ରମଣ

ରାମ୍‌ଧୁନ୍ – ରଘୁପତି ରାଘବ ରାଜାରାମ୍ ପ୍ରାର୍ଥନା – ଯାହା ସର୍ବଜନ ଆଦୃତ

ଅଘଟଣ – ଯେଉଁ ପ୍ରକାର ଘଟଣା ଘଟିବା କଥା ନୁହେଁ

ଘେରାଉ – ଦାବି ହାସଲ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଚାରିପାଖରେ ଘେରି ଅଟକାଇ ରଖିବା

ଅସୁଲ – ଆଦାୟ କରିବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ଚତୁର | ଅବିଭକ୍ତ | ସ୍ୱୀକାର | ପଦକ୍ଷେପ | ଚଢ଼ାଉ |
| ଅସୁଲ | ବନବାସୀ | ଶୋଷିତ | ସଶ୍ରମ | ଘେରାଉ |
| କର୍ମଠ | ଆପତ୍ତି | ପ୍ରଭାବ | ଉତ୍ତେଜନା | ଉଦ୍ୟମ |
| ବିଦ୍ରୋହୀ | ଅଘଟଣ | | | |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ଲକ୍ଷ୍ମଣ ନାୟକ କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?

ଖ) ଲକ୍ଷ୍ମଣଙ୍କ ବାପା କେଉଁ କାର୍ଯ୍ୟ କରୁଥିଲେ ?

ଗ) ଲକ୍ଷ୍ମଣଙ୍କ ସ୍ୱଭାବ କିପରି ଥିଲା ?

ଘ) ବାପାଙ୍କ ନିକଟରେ ଲକ୍ଷ୍ମଣ କେଉଁଥିପାଇଁ ଆପତ୍ତି କରନ୍ତି ?

ଙ) ଲକ୍ଷ୍ମଣଙ୍କ ମନ କାହିଁକି ବିଦ୍ରୋହ କରେ ?

୨. **ଆସ ଉତ୍ତର ଲେଖିବା ।**

କ) ଲକ୍ଷ୍ମଣ ଭୂମିଆ ବଦଳରେ ସେ ଲକ୍ଷ୍ମଣ ନାୟକ ଭାବରେ କିପରି ପରିଚିତ ହେଲେ ?

ଉ. ..........................................................................................

ଖ) ଲକ୍ଷ୍ମଣ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ କାହିଁକି ?

ଉ. ..........................................................................................

ଗ) ଜେଲ୍‌ରେ ଥିବାବେଳେ ଲକ୍ଷ୍ମଣ କିପରି ଅବସ୍ଥାରେ ଥିଲେ ?

ଉ. ..........................................................................................

ଘ) ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାରୁ ତାଙ୍କର କ'ଣ କ'ଣ ଅସୁବିଧା ହେଲା ?

ଉ. ..........................................................................................

ଙ) ଲକ୍ଷ୍ମଣଙ୍କୁ କାହିଁକି ଫାଶୀ ଦଣ୍ଡ ମିଳିଲା ?

ଉ. ..........................................................................................

୩. **ସରଳ ଭାଷାରେ ବୁଝାଇ ଲେଖିବା ।**

କ) "ଆକାଶରେ ଯଦି ସୂର୍ଯ୍ୟ ଚନ୍ଦ୍ର ସତ୍ୟ, ତେବେ ମୋ ମାଆ ନିଶ୍ଚୟ ସ୍ୱାଧୀନ ହେବ" ।

ଖ) ଲକ୍ଷ୍ମଣ ନାୟକଙ୍କ ଶରୀର ସିନା ମାଟିରେ ମିଶିଯାଇଛି, କିନ୍ତୁ ସବୁଦିନ ପାଇଁ ସେ ଅମର ହୋଇ ରହିଯାଇଛନ୍ତି ଜନମାନସରେ ।

୪.	ଯେପରି 'ସଶ୍ରମ', ସେହିପରି ଶବ୍ଦର ଆରମ୍ଭରେ 'ସ' ଯୋଗ ହୋଇ ଥିବା କେତୋଟି ଶବ୍ଦ ଲେଖିବା ।

............... ............... ............... ............... ............... ...............

............... ............... ............... ............... ............... ...............

୫.	ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଠିକ୍ ଶବ୍ଦଟି ବାଛି ଲେଖିବା ।

କ)	ଅଭିବକ୍ତ, ଅବୀଭକ୍ତ, ଅବିଭକ୍ତ	.......................................................

ଖ)	ଶୋଷିତ, ଷୋଶିତ, ସୋଷିତ	.......................................................

ଗ)	ସ୍ୱିକାର, ଶ୍ୱିକାର, ସ୍ୱୀକାର	.......................................................

ଘ)	ମୁଶାଦାର, ମୁସ୍ତାଦାର, ମୁଷାଦାର	.......................................................

ଙ)	ମୁହୂର୍ତ୍ତ, ମୂହୁର୍ତ୍ତ, ମୂହୂର୍ତ୍ତ	.......................................................

୬.	ବନରେ ବାସ କରୁଥିବା ଲୋକକୁ ବନବାସୀ କହୁ, ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ 'ବାସ' କରୁଥିବା ଅର୍ଥ ପ୍ରକାଶ କରୁଛି ସେଗୁଡ଼ିକୁ ବାଛି ବାକ୍ୟରେ ବ୍ୟବହାର କରିବା ।

| | |
|---|---|
| ପଲ୍ଲୀବାସୀ | ଗ୍ରାମବାସୀ |
| କ୍ଷେତ୍ରବାସୀ | ଭାରତବାସୀ |
| ନଗରବାସୀ | ପ୍ରବାସୀ |
| ସାବାସୀ | ରାଜ୍ୟବାସୀ |
| ପ୍ରତିବାସୀ | ଅନ୍ତେବାସୀ |

୭.	ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରୁ 'ଲକ୍ଷ୍ମଣ' ଶବ୍ଦଟି ବଦଳାଇ ତା ସ୍ଥାନରେ ଉପଯୁକ୍ତ ପଦ ବସାଇବା ।

ଯେପରି : – ଲକ୍ଷ୍ମଣଙ୍କ ମୁହଁର କଥା ଚାରି ବର୍ଷ ପରେ ସତ ହେଲା ।

ତାଙ୍କ ମୁହଁର କଥା ଚାରିବର୍ଷ ପରେ ସତ ହେଲା ।

କ) ଦେଶପାଇଁ ପ୍ରାଣବଳି ଦେଇ ଲକ୍ଷ୍ମଣ ଅମର ହୋଇଛନ୍ତି ।

ଖ) ଲକ୍ଷ୍ମଣ କୋରାପୁଟ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ।

ଗ) ବାପା ଲକ୍ଷ୍ମଣଙ୍କୁ ମୁସ୍ତାଦାର ଭାବରେ ବାଛିଲେ ।

ଘ) ସଂଗ୍ରାମୀମାନଙ୍କ ମଧ୍ୟରେ ଲକ୍ଷ୍ମଣ ଆଗୁଆ ଥିଲେ ।

ଙ) ଲକ୍ଷ୍ମଣଙ୍କ ମୁହଁରୁ ରାମଧୁନ୍ ବାହାରିଥିଲା ।

ଚ) ଲକ୍ଷ୍ମଣଙ୍କ ଦ୍ୱାରା ସଂଗ୍ରାମୀମାନେ ଉତ୍ସାହିତ ହେଲେ ।

୮. କେତେକ ଶବ୍ଦର ପୂର୍ବରେ 'ଅ' ଅକ୍ଷର ଲଗାଇଲେ ତା'ର ବିପରୀତ ଅର୍ଥ ପ୍ରକାଶ କରୁଥିବା ଶବ୍ଦ ହୋଇଥାଏ । ଯେପରି 'ଅଘଟଣ' ଶବ୍ଦ 'ଘଟଣ' ଶବ୍ଦର ବିପରୀତ ଅର୍ଥକୁ ବୁଝାଉଛି । ସେହିପରି ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ 'ଅ' ଲାଗିଥିବାରୁ ବିପରୀତ ଅର୍ଥକୁ ବୁଝାଉଛି ସେଗୁଡ଼ିକୁ ବାଛି ଲେଖିବା ।

ଅବିଭକ୍ତ, ଅଞ୍ଜଳି, ଅସଜ, ଅଫିସ୍, ଅଲୋଡ଼ା, ଅଦାଲତ, ଅଙ୍ଗୁର, ଅଦରକାରୀ, ଅଖିଆ, ଅବାଟ ।

.................... .................... ..................

.................... .................... ..................

.................... .................... ..................

୯. ଯେପରି 'ଶୋଷିତ' ଶବ୍ଦଟି ଶୋଷଣରୁ ଗଠିତ, ସେପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ କେଉଁ ଶବ୍ଦରୁ ଗଠିତ ହୋଇଛି ଲେଖି ସେହି ଶବ୍ଦଟିକୁ ନେଇ ବାକ୍ୟ ଗଠନ କରିବା ।

ଶାସିତ .............., ..............................................................

ବର୍ଜିତ .............., ..............................................................

ଘୋଷିତ .............., ..............................................................

ଦୂଷିତ .............., ..............................................................

ତୃଷିତ .............., ..............................................................

ଗର୍ବିତ .............., ..............................................................

## ତୁମ ପାଇଁ କାମ

୧. ଲକ୍ଷ୍ମଣ ନାୟକଙ୍କ ଯେଉଁ ଗୁଣଗୁଡ଼ିକ ତୁମକୁ ଭଲ ଲାଗିଲା, ତାହା ବର୍ଣ୍ଣନା କରି ସାଙ୍ଗ ନିକଟକୁ ଚିଠିଟିଏ ଲେଖ ।

୨. ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଅତିକମ୍‌ରେ ଦଶଜଣଙ୍କ ଜୀବନ ସଂପର୍କରେ ତଥ୍ୟ ସଂଗ୍ରହ କରି ପଢ଼ ।

# ଆମେ ଭାରତର ଶିଶୁ

ଅନ୍ନଦାପ୍ରସାଦ ରକ୍ଷିତ



ଯେ ଦେଶ ପୁଣ୍ୟ ବୁକେ ବହିଯାଏ
ଗଙ୍ଗା-ଯମୁନା ନଈ,
ନୀଳ ପାରାବାର ଗାଏ ଯା'ର ଗୀତ
ଯା ଚରଣ ଛୁଇଁଛୁଇଁ ।
ତୁଷାର- ଶୁଭ୍ର ମୁକୁଟ ଯାହାର
ହିମାଳୟ ଗିରି ନାମେ,
ସେଇ ସେ ପୁଣ୍ୟ ମାଟିରେ ଜନମି
ଧନ୍ୟ ହୋଇଛୁ ଆମେ ।
ଏ ଦେଶ ମାଟିରେ ଗଢ଼ା ଆମ ଦେହ
ଏ ଦେହ ମାଟିରେ ମିଶୁ,
ଏଇ ଭାରତର ସନ୍ତାନ ଆମେ
ଆମେ ଅଗଣିତ ଶିଶୁ ।




ରକ୍ତ କମଳ ସମ
ଏଇ ଦେଶ ବୁକେ ଉଠିଅଛୁଁ ଫୁଟି
ସୁନ୍ଦର ଅନୁପମ ।।
ସୁରଭି ଛୁଟାଇ ଦିଗ ମହକାଇ
ନବ ତରୁ ଶାଖେ ଦୋଳି,
ଏ ଦେଶ କାନନେ ଉଠିଅଛୁଁ ଫୁଟି
ରଙ୍ଗ କୁସୁମ କଳି ।
ମରୁ ପ୍ରାନ୍ତରେ ଛୁଟାଇବୁ ଆମେ ଅମୃତର ବାରିଧାରା,
ନବ ପୁଲକରେ ଭରିଦେବୁ ପ୍ରାଣ ହସାଇ ଜଗତ ସାରା ।

ଆଗାମୀ ଦିନର ସବୁଜ ସ୍ୱପ୍ନ
ସଫଳ କରିବା ପାଇଁ,
ଶତ ସରଗର ଆଶିଷ ଝରାଇ
ଆମେ ଯେ ଆସିଛୁ ଧାଇଁ ।
ମୂକ ମୁଖେ ଦେବୁ ଭାଷା,
ଏ ଦେଶ ଉଷାରେ ମଧୁର କାକଳି
ଲକ୍ଷ ମନର ଆଶା ।



ବନ୍ଧୁର ପଥେ ଆମ ଅଭିଯାନ
ଆମେ ନବ କିଶଳୟ,
ନୀଳ ମେଘ ବୁକେ ଆମେ ବିଦ୍ୟୁତ୍
ତିମିରେ ଆଲୋକମୟ ।
ଏଇ ଭାରତର ସନ୍ତାନ ଆମେ
ଲକ୍ଷ ଶିଶୁର ଦଳ,
ଆଗାମୀ ଦିନର ନବ ସଙ୍କେତ
ମନରେ ଅସୀମ ବଳ ।





ଏ ଦେଶ ମାଟିରେ ଗଢ଼ା ଆମ ଦେହ
ଏ ଦେହ ମାଟିରେ ମିଶୁ,
ଏ ଦେଶ ଜନନୀ ସନ୍ତାନ ଆମେ
ଆମେ ଭାରତର ଶିଶୁ ।
ଉଦୟ ତପନ ସମ,
ଊର୍ଦ୍ଧ୍ୱରେ ଶିର ଟେକି ଆମେ ଜଳୁଁ
ଜଳିବା ଆମର ଧର୍ମ ।

## କବି ପରିଚୟ

**ଅନ୍ନଦାପ୍ରସାଦ ରକ୍ଷିତ-** ୧୯୨୭ ମସିହା ନଭେମ୍ବର ୫ ତାରିଖରେ କବିଙ୍କର ଜନ୍ମ । ଉପନ୍ୟାସ- 'କେତେ କଣ୍ଟା କେତେ ଫୁଲ' ଓ 'ସ୍ୱର୍ଣ୍ଣରେଣୁ', ଗଳ୍ପଗ୍ରନ୍ଥ- 'କଥନିକା', 'କର୍ଣ୍ଣ-କୁନ୍ତୀ-ଅବଳା', 'ନୀଳ ଆକାଶ ଓ ସବୁଜ ଧରଣୀ' ଏବଂ କବିତା: 'ବଜ୍ର ଓ ବିଦ୍ୟୁତ୍', ଶିଶୁ ସାହିତ୍ୟ : 'କୁମାର ମଞ୍ଚ', 'ଟିମ୍ ଟିମା ଟିମ୍ ଟିମ୍' ପ୍ରଭୃତି କବିତା ଗ୍ରନ୍ଥ ତାଙ୍କର ଅନବଦ୍ୟ ସୃଷ୍ଟି । ୨୦୦୨ ମସିହାରେ କବି ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ଏହି କବିତାର ଆବୃତ୍ତି ପରେ ଶିକ୍ଷାର୍ଥୀମାନଙ୍କୁ ଭାରତର ପ୍ରାଚୀନ ଐତିହ୍ୟ, କିମ୍ବଦନ୍ତୀ, କୀର୍ତ୍ତି, ଗୌରବ, ସ୍ମରଣୀୟ ଘଟଣାବଳୀ ତଥା ଦେଶପ୍ରେମୀ କେତେକ ବ୍ୟକ୍ତିଙ୍କ ସଂପର୍କରେ ଧାରଣା ଦେବେ ।
- ଏହି କବିତାଟି ପଢ଼ାଇବା ସମୟରେ ଶିକ୍ଷକ ଭାରତର ନଦୀ, ସମୁଦ୍ର, ତୀର୍ଥସ୍ଥାନ, ପର୍ଯ୍ୟଟନ ସ୍ଥଳୀ, ବିଭିନ୍ନ ପର୍ବତମାଳା ପ୍ରଭୃତି ସମ୍ପର୍କରେ ଧାରଣା ଦେବେ ।
- ଭାରତର ସ୍ୱାଧୀନତା ସଂଗ୍ରାମ, ଲୋକମାନଙ୍କର ଦେଶପ୍ରେମ, ଦେଶ ପାଇଁ ଆତ୍ମବଳି ଦେଇଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ଶିକ୍ଷକ ଧାରଣା ଦେବେ ।
- ଶିକ୍ଷକ ପିଲାମାନଙ୍କୁ ତାଙ୍କ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ ଓ ସହିଦମାନଙ୍କ ସମ୍ପର୍କରେ କହିବା ପାଇଁ ସୁଯୋଗ ସୃଷ୍ଟି କରିବେ ।

## ସୂଚନା

ପାରାବାର - ସମୁଦ୍ର

ତୁଷାର- ଶୁଭ୍ର ମୁକୁଟ-ହିମାଳୟ ପର୍ବତ ଭାରତର ମସ୍ତକରେ ମୁକୁଟ ପରି ଶୋଭା ପାଉଛି । ସବୁବେଳେ ବରଫ ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ବର୍ଣ୍ଣ ଶୁଭ୍ର ଅଟେ । ତେଣୁ ଏହାକୁ ତୁଷାର-ଶୁଭ୍ର-ମୁକୁଟ ବୋଲି କୁହାଯାଇଛି ।

ରକ୍ତକମଳ ସମ - ଲାଲ୍ ରଙ୍ଗର ପଦ୍ମ ଫୁଲ ପରି

ଉଦୟ ତପନ ସମ - ଉଦୟ ହେଉଥିବା ସୂର୍ଯ୍ୟ ଭଳି ।

## ଆସ ଜାଣିବା କେତୋଟି ନୂତନ ଶବ୍ଦ

| | | | | |
|---|---|---|---|---|
| ପୁଣ୍ୟ | ଅଭିଯାନ | ଶୁଭ୍ର | ସୁରଭି | କାକଳି |
| ଅନୁପମ | ତିମିର | ପ୍ରାନ୍ତର | ବନ୍ଧୁର | କିଶଳୟ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

(କ) ଭାରତମାତାର ବୁକୁରେ କିଏ ବହିଯିବା କଥା କବିତାରେ କୁହାଯାଇଛି ?

(ଖ) ହିମାଳୟକୁ ଭାରତର ମୁକୁଟ ବୋଲି କୁହାଯିବାର କାରଣ କଣ ?

(ଗ) ଆମ ଦେଶର ଶିଶୁମାନେ ମରୁଭୂମିରେ କ'ଣ କରିବେ ବୋଲି କବିତାରେ କୁହାଯାଇଛି ?

(ଘ) କାହା ମୁଖରେ ଭାଷା ଦେବାପାଇଁ ଶିଶୁମାନେ ଆଶା ପ୍ରକାଶ କରିଛନ୍ତି ?

(ଙ) ନୀଳ ମେଘ ବୁକୁରେ ଶିଶୁମାନେ କିପରି ଶୋଭା ପାଇବେ ବୋଲି ବର୍ଣ୍ଣନା କରାଯାଇଛି ?

୨. **ଉତ୍ତର ଲେଖିବା ।**

(କ) ଭାରତ ମାଟିରେ ଜନ୍ମ ହୋଇଥିବା ଶିଶୁ ନିଜକୁ ଧନ୍ୟ ମନେ କରିବାର କାରଣ କ'ଣ ?

(ଖ) ଶିଶୁମାନଙ୍କୁ ରକ୍ତକମଳ ବୋଲି କାହିଁକି କୁହାଯାଇଛି ?

(ଗ) ଏହି ପୃଥିବୀକୁ ଶିଶୁମାନେ କାହିଁକି ଧାଇଁ ଆସିଛନ୍ତି ବୋଲି କବିତାରେ କୁହାଯାଇଛି ?

(ଘ) ଭାରତମାତାର ମାଟି ସହ ଶିଶୁମାନଙ୍କର କିପରି ସମ୍ପର୍କ ରହିଛି ?

(ଙ) କେଉଁ ବିଷୟକୁ କବିତାରେ ଶିଶୁମାନଙ୍କ ଧର୍ମ ବୋଲି ବର୍ଣ୍ଣନା କରାଯାଇଛି ?

୩. **ତଳେ ଦିଆଯାଇଥିବା ପଦଗୁଡ଼ିକୁ ପଢ଼ି ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେବା ।**

(କ) ଏ ଦେଶ ମାଟିରେ ଗଢ଼ା ଆମ ଦେହ – 'ଗଢ଼ା'ର ଅର୍ଥ କ'ଣ ବୁଝୁଛ ଲେଖ ।

..............................................................................

(ଖ) ଏ ଦେହ ମାଟିରେ ମିଶୁ – 'ମିଶୁ' କହିଲେ ଯାହା ବୁଝୁଛ ଲେଖ ।

..............................................................................

(ଗ) ନବ ତରୁ ଶାଖେ ଦୋଳି – ଏହି ପଦଟିରୁ 'ଦୋଳି' ଶବ୍ଦଟି କ'ଣ ବୁଝାଉଛି ପ୍ରକାଶ କର ।

..............................................................................

(ଘ) ଏ ଦେଶ ଉଷାରେ ମଧୁର କାକଳି ଲକ୍ଷ ମନର ଆଶା – 'ଲକ୍ଷ' କହିଲେ ଏଠାରେ କାହାକୁ ବୁଝାଉଛି ଲେଖ ।

..............................................................................

୪. ସରଳ ଭାଷାରେ ବୁଝାଇ ଖାତାରେ ଲେଖିବା ।

(କ) ବନ୍ଧୁର ପଥେ ଆମ ଅଭିଯାନ ଆମେ ନବ କିଶଳୟ ।

(ଖ) ଆଗାମୀ ଦିନର ନବ ସଂକେତ ମନରେ ଅସୀମ ବଳ ।

(ଗ) ମୂକ ମୁଖେ ଦେବୁ ଭାଷା ।

୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ସମାନ ଅର୍ଥ ବୁଝାଉଥିବା ଆଉ ଗୋଟିଏ ଲେଖାଏଁ ଶବ୍ଦ ଲେଖିବା ।

ପାରାବାର – ☐

ତୁଷାର – ☐

ତପନ – ☐

କମଳ – ☐

କାନନ – ☐

୬. ତଳେ ଦିଆଯାଇଥିବା ପଦ୍ୟାଂଶର ଅର୍ଥକୁ ବୁଝାଇ ଲେଖ ।

(କ) ରକ୍ତ କମଳ ସମ ....................................................................

(ଖ) ରଙ୍ଗ କୁସୁମ କଳି ....................................................................

(ଗ) ବନ୍ଧୁର ପଥେ ଆମ ଅଭିଯାନ ........................................................

(ଘ) ତିମିରେ ଆଲୋକମୟ ..............................................................

୭. ତଳେ ଦିଆଯାଇଥିବା ଅର୍ଥ ପ୍ରକାଶ କରିବା ନିମନ୍ତେ କବିତାରେ ଯେଉଁ ଶବ୍ଦ ବ୍ୟବହାର କରାଯାଇଛି, ତାକୁ ବାଛି କୋଠରି ମଧ୍ୟରେ ଲେଖିବା ।

(କ) ଯାହାର ଉପମା ନାହିଁ ☐

(ଖ) ପକ୍ଷୀର ଗାନ ☐

(ଗ) ସୁନ୍ଦର କଳ୍ପନା ☐

(ଘ) ମୁଣ୍ଡ ଉପରକୁ ଉଠାଇ

(ଙ) ମହତ ଉଦ୍ଦେଶ୍ୟରେ ଯାତ୍ରା

## ତୁମ ପାଇଁ କାମ

୧. ଏହି କବିତାଟି ପଢ଼ିସାରିବା ପରେ ତୁମେ ବଡ଼ ହୋଇ କେଉଁ ଭଲ କାମ କରିବାକୁ ଭାବୁଛ, ତାହା ଜଣାଇ ତୁମ ସାଙ୍ଗ ନିକଟକୁ ଚିଠିଟିଏ ଲେଖ ।

୨. ତୁମ ମନରୁ ଛୋଟ କବିତାଟିଏ ରଚନା କର ।



AKMZHM


# ଦୀପଶିଖା

ଡ. ବିଜୟକୁମାର ଶତପଥୀ

## ପ୍ରଥମ ଦୃଶ୍ୟ

(ହରିପୁର ଗାଁ ମୁଣ୍ଡର ପଡ଼ିଆ । ପଡ଼ିଆର ଗୋଟିଏ ଦିଗରେ ରାସ୍ତା ଲମ୍ବିଯାଇଛି ଜାତୀୟ ରାଜପଥ ଆଡ଼କୁ । ରାସ୍ତା କଡ଼ରେ ଥିବା ଏକ ବରଗଛ ତଳେ ଗୋଟିଏ ଛୋଟ ଚା'ଦୋକାନ । ଆରପଟେ ସ୍କୁଲର ଅଫିସଘର ଦେଖାଯାଉଛି । ଗାଁ ଲୋକେ ଏଇ ଦୋକାନରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କିଣନ୍ତି । ସଂଜ ହେବାକୁ ଯାଉଛି । ବରଗଛ ତଳେ ଥିବା ଜଗୁ ସାହୁର ଚା'ଜଳଖିଆ ଦୋକାନ ସାମନାରେ ଦୁଇଜଣ ଗରାଖ ବସି ଚା' ପିଉଛନ୍ତି । ଜଗୁ ସାହୁ କୋଇଲା ଆଞ୍ଚ ଉପରେ ବସିଥିବା ତେଲ କଡ଼େଇରେ ବରା ଛାଣୁଛି । ଦୋକାନ ବାହାରେ ବସି ବାରତେର ବର୍ଷ ବୟସର ପିଲାଟିଏ ଅଇଁଠା ବାସନ ଧୋଉଥାଏ । ତାକୁ କଡ଼ା ଭାଷାରେ ତାଗିଦ୍ କରି କହୁଥାଏ ଜଗୁ ସାହୁ)

ଜଗୁ : ଶୋଇପଡ଼ିଲୁ ନା କ'ଣ ବେ ରତନା ! ଟିକେ ଫୁର୍ତ୍ତି ହ', ଅଳସୁଆ କୋଉଠିକାର, ପୁଣି ଛେକେ ଚାହା ବସିବ ପରା ।



ରତନା : ସରି ଆସିଲାଣି ବାବୁ, ସାରି ଦେଇକି ଯାଉଛି ।

ଜଗୁ : ବଦମାସ୍ ଟୋକା, ବସିକି ଯାଉ ଖାଉଥା ସେଇଠି । ପହରେ ହେଲା ଯାଉଛିଯାଉଛି ହେଉଛି । ଖାଲି ପେଟେ ନେଖା ଗିଳିଲେ କ'ଣ ହେବ, ତୋର କାମଦାମକୁ ଜମାରୁ ନିଘା ନାଇଁ । ବସ୍ ପରା ଲାଗିଯିବ ଏଇଛୁଣିକା, କେତେ କାମ ବାକି ପଡ଼ିଛି । ତୁ ଏମିତି ମଠେଇଲେ ଦୋକାନ ଚାଲିବ କେମିତି.....ଆଏଁ !

ରତନା : ଗିଲାସ, ଥାଳିଆଗୁଡ଼ା ଧୋଉଛି ବାବୁ । ଧୁଆଧୋଇ ସାରିକି ଯାଇ ଚୁଲିରେ ଚାହା ବସେଇବି ।

ଜଗୁ : (ରାଗିଯାଇଛି, ଧମକ ଦେଇ) ଚୋଓପ୍ । ବଡ଼ିବଡ଼ି କଥା କହୁଛି ।

ରତନା : (ରାଗି ଯାଇଛି, ଗ୍ଲାସ୍ ଧୋଇବା ଛାଡ଼ି ଜଗୁ ସାହୁକୁ କରୁଣ ଭାବରେ ଚାହିଁ) ନାଇଁ ....... ନାଇଁ ବାବୁ ବସ୍ ଲାଗିବା ଆଗରୁ ମୁଁ ସବୁ କାମ ସାରିଦେବି । ମତେ ଆଜି ଟିକେ ଚଞ୍ଚଳ ଛାଡ଼ିଦେବ ବାବୁ ।

ଜଗୁ : ଚଞ୍ଚଳ ଛାଡ଼ିଦେବି ? କାହିଁକି, କୁଆଡେ ଯାତରା ଦେଖିବାକୁ ଯିବୁ କି ?

ରତନା : ନାଇଁ ବାବୁ, ମୋ ବାପା ଦିହ ଭଲ ନାହିଁ । ଚାରିଦିନ ହେବ ଜରରେ ପଡ଼ିଛି, ମୁଁ ଗଲେ ସିନା କ'ଣ ଦିଟା ରାନ୍ଧି ତାକୁ ଦେବି । ଡାକ୍ତରଖାନାରୁ ଓଷଦଆଣିଥିଲି । ମୁଁ ସକାଳେ ଆସିଲା ବେଳେ ସେ କନ୍ଥା ଘୋଡ଼େଇ ହୋଇ ଶୋଇଥିଲା । ଓଷଦଟା ଦେଇପାରିନି, କ'ଣ କରୁଥିବ କେଜାଣି ଏବେ !

ଜଗୁ : (ବରା ଛାଣିବାରେ ମନ ଦେଇଥିଲା, ରତନାର କଥା ଶୁଣି ଚିହିଁକି ଉଠିଛି) ପୁଣି ମୁହଁ ଉପରେ ଜବାବ ଦଉଛୁ ! ବେଶ୍ ତ ବନେଇ ଚୂନେଇ କଥା କହିପାରୁଚୁ । କର୍ମକୋଡ଼ି କୋଉଠିକାର । (ଛିଗୁଲେଇ) ଖାଲି ଘରକୁ ପଳେଇବାରେ ମନ । ମାଗଣାଟାରେ ତତେ ଏଠି ପୋଷିବି ! (କହିବା ଭିତରେ ରତନାର ନିକଟବର୍ତ୍ତୀ ହୋଇ ସାରିଥିଲା ।)

ରତନା : ନାଇଁ ବାବୁ, ତୁମେ ଯାହା କହିବ, କରିବି .... ହେଲେ ଆଜି ଟିକେ ସଅଳ ନ ଗଲେ ....

ଜଗୁ : (ରାଗିଯାଇ ରତନା ଗାଲରେ ଚାପୁଡ଼ାଏ ଦେଇଛି) ପୁଣି ମୋ ମୁହଁ ଉପରେ କଥା.... ଚିହ୍ନିଚୁନା ମତେ ... ଦେଖୁଚୁ ତ ଏଇ ତତଲା ତେଲ କଡ଼େଇକି .... ବେଶି ବକ୍‌ବକ୍ କଲେ ତୋ ମୁହଁକୁ ନେଇ ମାଡ଼ିଦେବି ସେଇ ତେଲ କଡ଼େଇରେ । ଆରେ.... କ'ଣ ବୋଲି ପାଇଲୁକି ମୋତେ !

(ରତନା ମାଡ଼ ଖାଇ ବିକଳ ହୋଇ କାନ୍ଦୁଥାଏ । ଦୋକାନ ପିଣ୍ଡାର ଗୋଟିଏ କଣରେ ଛିଡ଼ା ହୋଇଥାଏ । ଏତିକିବେଳେ ପହଁଚିଛନ୍ତି ସେ ଗାଁ ମାଇନର ସ୍କୁଲ୍‌ର ପ୍ରଧାନ ଶିକ୍ଷକ ରଘୁନାଥ ଦଳବେହେରା । ସେ ହାତରେ ଧରିଥା'ନ୍ତି ସଉଦାପତ୍ରର ବ୍ୟାଗ୍‌ଟିଏ) ।

ରଘୁନାଥ : ଆହେ ଜଗୁ, ଟିକେ ଗରମ କ୍ଷୀର ମିଳିବ ?

ଜଗୁ : କ'ଣ ହେଇଚି ଆଜ୍ଞା ! କାହା ଦିହ ଖରାପ ହେଇଚି ନା କ'ଣ ?

ରଘୁନାଥ : ହଁ ସାହୁଏ । ମଧୁବନ ଗାଁର ପିଲାଟିଏ ବିପିନ । ହଷ୍ଟେଲ୍‌ରେ ବେମାର ପଡ଼ିଛି । ଦେହରୁ ଜର ଜମାରୁ ଓହ୍ଲାଉନି । ଏଠି ଚିକିତ୍ସା ଚାଲିଛି । କିନ୍ତୁ ଯେମିତି ହେଲେ କାଲି ତା'ବାପାଙ୍କୁ ଡକାଇ ବିପିନକୁ ବଡ଼ ଡାକ୍ତରଖାନାକୁ ପଠେଇବାକୁ ହେବ । ସାହୁଏ, ତୁମେ ବୋତଲଟି ରଖ, ଅଧଲିଟର କ୍ଷୀର ଫୁଟେଇ ଟିକେ ହଷ୍ଟେଲକୁ ପଠେଇ ଦେବ । ଜରରେ ପଡ଼ିଥିବା ବିପିନକୁ ରୁଟି ଆଉ କ୍ଷୀର ଦିଆଯିବ । (ସାହୁଙ୍କ ହାତକୁ ପଇସା ବଢ଼େଇ ଦେଇଛନ୍ତି । ଏତିକିବେଳେ ରତନାର ଚାପା କାନ୍ଦ ତାଙ୍କ କାନରେ ପଡ଼ିଛି । କିଏ କାନ୍ଦୁଛି ବୁଝି ନ ପାରି ସାହୁଙ୍କୁ ପଚାରିଛନ୍ତି) ସାହୁଏ, କିଏ କାନ୍ଦିବା ପରି ଜଣା ପଡୁଚି । କିଏ କାନ୍ଦୁଚି ସେଠି ?

ଜଗୁ : ସିଏ କିଛି ନୁହେଁ ଆଜ୍ଞା , ଆପଣ ଯାଆନ୍ତୁ । ଏ ଟୋକା ହାତରେ ପଠେଇ ଦେବି ।

ରଘୁନାଥ : (କାନ୍ଦ ଶୁଭୁଥିବା ସ୍ଥାନ ଆଡ଼କୁ ଆଗେଇ ଯାଉ ଯାଉ) ଆରେ କିଏ ସେଠି ଠିଆ ହେଇଚ ? ମୁହଁରେ ହାତ ଘୋଡ଼େଇ ସେଠି ଏମିତି କାନ୍ଦୁଛ କାହିଁକି ? କ'ଣ ହେଲା ?

(ପିଲାଟି ପାଖରେ ପହଞ୍ଚି ତା'ମୁହଁରୁ ହାତ ଦୁଇଟିକୁ କାଢ଼ି ଦେଇଛନ୍ତି । ଚିହ୍ନିପାରିଛନ୍ତି ରତନାକୁ । ଏପରି ଅବସ୍ଥାରେ ସାର୍‌ଙ୍କୁ ହଠାତ୍ ଦେଖିବ ବୋଲି ରତନା ଭାବି ନ ଥିଲା । କୌଣସି ମତେ ନିଜର ଅବସ୍ଥାକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରିଛି ସେ । ଲୁହକୁ ଦି' ହାତରେ ପୋଛି ସାର୍‌ଙ୍କ ପାଦଛୁଇଁ ପ୍ରଣାମ କରିଛି । କିଛି କହି ନ ପାରି ତଳକୁ ମୁହଁ ପୋତି ଠିଆ ହୋଇ ରହିଛି ।)

ରଘୁନାଥ : (ସାନ୍ତ୍ୱନା ଦେବା ସ୍ୱରରେ) ଆରେ, ତୁ ରତନାଟି ! ତୁ କାନ୍ଦୁଛୁ କାହିଁକି ବାପା ? ଏଠିକି କାହିଁକି ଆସିଥିଲୁ ?

ଜଗୁ : ସିଏ ମୋ ଦୋକାନରେ ରହି ଏଇ କେଇ ଦିନ ହେଲା କାମଦାମ କରୁଛି ଆଜ୍ଞା ।

ରଘୁନାଥ : ହେଲା ଯେ ...... ସିଏ ଏଠି କାନ୍ଦୁଛି କାହିଁକି ? (ରତନା ପାଖକୁ ଯାଇ ଆଖିରୁ ତା'ର ଲୁହ ପୋଛି ଦେଇଛନ୍ତି ସରାଗରେ) କ'ଣ ହେଲା ତୋର ? ତୁ ଏମିତି କାନ୍ଦୁଚୁ କାହିଁକି ବାପା !

ରତନା : (କୌଣସିମତେ କୋହ ସମ୍ଭାଳି) ସାହୁଏ ମତେ ମାରିଲେ ସାର୍ !

ରଘୁନାଥ : ସାହୁଏ ମାଇଲେ ? କାହିଁକି, ତୁ କି ଭୁଲ୍ କଲୁ କି ?

ରତନା : ମୋର କିଛି ଭୁଲ୍ ନାହିଁ ସାର୍ । ଘରେ ମୋ ବାପାର ଦେହ ଖରାପ, ଚାରିଦିନ ହେଲା ସେ ବିଛଣାରେ ପଡ଼ିଚି । ବାପାକୁ କ'ଣ ଦିଟା ରାନ୍ଧି ଖାଇବାକୁ ଦେବାଲାଗି ଆଜି ଟିକେ ସଅଳ ଯିବାକୁ

କହୁଥିଲି । ମତେ ଟିକେ ଆଜି ସଅଳ ଛାଡ଼ିଦେବା ଲାଗି କହିବାରୁ ସାହୁଏ ରାଗିଯାଇ ମତେ ମାଇଲେ ।

ଜଗୁ : (ପ୍ରତିକ୍ରିୟା ପ୍ରକାଶ କରି) ନାଇଁ ମାରିବି କାହିଁକି.....ତତେ ଫୁଲଚନ୍ଦନ ଦେଇ ପୂଜା କରିବି । ହେଇଟି କହିଦେଉଛି.....କାଲିଠୁ ତୁ ଆଉ ଏ ଦୋକାନ ବାରଣ୍ଡା ମାଡ଼ିବୁନି । ମୁଁ ଦୁସୁରା ପିଲା ରଖିବି ।

ରତନା : (କାକୁତି ମିନତି ହୋଇ) ନାଇଁନାଇଁ ବାବୁ, ତୁମେ ସେମିତି କୁହନା । ଏଠାକୁ କାମ କରିବାକୁ ନ ଆସିଲେ ମୋ ବାପା ଆଉ ମୁଁ ଖାଇବାକୁ ପାଇବୁ ନାହିଁ । ଖାଇପିଇ ମାସକୁ ପଚାଶ ଟଙ୍କା ଦବ ବୋଲି ମୋ ବାପା ମତେ ଆଣି ଏଇଠି ରଖେଇଛନ୍ତି । ଏଠୁ ଚାଲିଗଲେ ମୁଁ କ'ଣ କରିବି ?

ଜଗୁ : ତୁ ଯାହା କର....... ମୋର ସେଥିରେ କ'ଣ ଅଛି ? ମୁଁ କିନ୍ତୁ ତତେ ଏଠି ଆଉ ରଖିବି ନାହିଁ । ତୁ ତୋର ଯାହା କରୁଛୁ କର ।

ରଘୁନାଥ : (ପରିସ୍ଥିତିର ଗୁରୁତ୍ୱକୁ ଅନୁଭବ କରି ଓ ରତନା ପ୍ରତି ସମ୍ବେଦନଶୀଳ ହୋଇ)

ଥାଉ ସାହୁଏ, ତୁମେ ଆଉ ରାଗନା । ପିଲାଟାକୁ ଆଉ ଗାଳି ଦିଅନା । ତା' ମୁହଁକୁ ଦେଖିଲେ ତୁମ ମନରେ ଦୟା ଆସୁ ନାହିଁ ?

ଜଗୁ : ତା'ବାପ ପାଖରୁ ଏମାନଙ୍କ ଅବସ୍ଥା ଜାଣିବା ପରେ ତ ଏ ଟୋକାକୁ ମୁଁ ଏଠି ରଖିଛି । ଏମାନଙ୍କ ଉପରେ ଦୟା ଦେଖେଇଥିଲି ବୋଲି ଯାକୁ ରଖିଥିଲି ନା । (ସାହୁ ମନର ରାଗ ତଥାପି କମି ନ ଥାଏ)

ରଘୁନାଥ : (ଜଗୁ ସାହୁଙ୍କୁ ବୁଝାଇବା ଭଙ୍ଗୀରେ) ସାହୁଏ, ଅବସ୍ଥାଟାକୁ ବୁଝିବା ଲାଗି ତୁମେ ଟିକେ ଚେଷ୍ଟା କର । ରତନାଟି ଛୋଟ ପିଲାଟାଏ । କେତେ ଅବା ତା'ର ବୟସ ? ତା' ବୟସର ପିଲା ଖେଳାବୁଲା କରିବେ, ପାଠଶାଠ ପଢ଼ିବେ, ଭଲମନ୍ଦ ଜାଣିବେ । ଜୀବନକୁ ପୁଣି ତାଙ୍କ ଚାରିପାଖର ଦୁନିଆକୁ ବୁଝିବେ ।

ଜଗୁ : ହଁ, ସେକଥା ଠିକ୍ ଯେ, କିନ୍ତୁ ମୁଁ ଏଥିରେ କ'ଣ କରିପାରିବି ?

ରଘୁନାଥ : ସାହୁଏ, ଖାଲି ତୁମେ ଏକା ଏସବୁ କରିବ ବୋଲି ମୁଁ କହୁନି । ଏ ଦାୟିତ୍ୱ ଆମ ସମସ୍ତଙ୍କର । ଏ ଛୁଆମାନଙ୍କୁ ଜନ୍ମଦେଇଥିବା ବାପମାଆଙ୍କର । ସମାଜରେ ଥିବା ସବୁ ବୟସ୍କ ଲୋକଙ୍କର....... ପୁଣି ସରକାରଙ୍କର ।

ଜଗୁ : ଯଦି ଏ ଦାୟିତ୍ୱ ସରକାରଙ୍କର, ତା' ହେଲେ ଆମ ଭଳି ଲୋକେ ଏଥିରେ ମୁଣ୍ଡ ପୂରେଇବେ କାହିଁକି ?

ରଘୁନାଥ : ସାହୁଏ, ସବୁ କଥା ସରକାରଙ୍କ ଉପରେ ଛାଡ଼ି ଦେଇ ଆମେ ଚୁପ୍ ହୋଇ ବସିପାରିବା ନାହିଁ । ତୁମେ ଜାଣିନ ବୋଧହୁଏ, ପାଠ ପଢ଼ିବା ପାଇଁ ଅଧିକରୁ ଅଧିକ ଜାଣିବା ପାଇଁ ସବୁ ପିଲାଙ୍କର ଅଧିକାର ଅଛି । ପାଠ ପଢ଼ିବା ସେମାନଙ୍କର ମୌଳିକ ଅଧିକାର । ସେଥିରୁ ସେମାନଙ୍କୁ ବଂଚିତ କରିବା ଏକ ଅପରାଧ । ବାପା ମା' ହିସାବରେ ଆମେ ଯଦି ପିଲାଙ୍କୁ ସ୍କୁଲ ନ ପଠାଇବା ତେବେ ସେମାନେ ପଢ଼ିବେ କେମିତି ? ନ ପଢ଼ିଲେ ପୁଣି ଜାଣିବେ କେମିତି ?

ଜଗୁ : ସେ କଥା ଠିକ୍ ଯେ.....କିନ୍ତୁ ମୋ ଆଗରେ ଆପଣ ଏସବୁ କହୁଛନ୍ତି କାହିଁକି ?

ରଘୁନାଥ ; ବୁଝିଲ ସାହୁଏ, ଏଇ ପିଲାମାନେ ହେଉଛନ୍ତି ଆମ ଦେଶର ସଂପଦ । ଏଇମାନେ ଭବିଷ୍ୟତର ନାଗରିକ । ଏମାନେ ଭଲଭାବରେ ଗଢ଼ିହେଲେ ଭବିଷ୍ୟତରେ ଆମ ଦେଶକୁ ଗଢ଼ିବେ । ଅଥଚ ତୁମେ ଏମାନଙ୍କ ମୂଲ୍ୟ ବୁଝିପାରୁନା । ତାଙ୍କୁ ଆଣି ଚାହା ଦୋକାନରେ ଖଟଉଚ ...ମାଡ଼ଗାଳି ଦେଉଚ....ଏଇଟା ଜମା ଠିକ୍ କଥା ନୁହେଁ ସାହୁଏ ।

ଜଗୁ : ମୁଁ ଜାଣେ ପରା ମାଷ୍ଟ୍ରେ, ଆପଣ ସେଇଆ କହିବେ....ଦୋଷ ମତେ ଦେବେ । ହକ୍ ପଇସା ଦଉଚି ତାଙ୍କୁ, ଦି' ପଦ କହିବିନି ? କାମରେ ଢିଲା କଲେ ମାଡ଼ ଖାଇବନି ? ମୋର ଏଥିରେ କୋଉଠି ଦୋଷ ରହିଲା କହିଲେ ?

ରଘୁନାଥ : ତୁମେ ଜାଣିପାରୁନା ସାହୁଏ, ତୁମର ଦୋଷ ଅଛି । ଖାଲି ଦୋଷ ତ ନୁହେଁ, ତୁମେ ଅପରାଧ ବି କରିଛ ।

ଜଗୁ : ଅପରାଧ ? ଏଥିରେ ମୁଁ କି ଅପରାଧ କଲି ଆଜ୍ଞା !

ରଘୁନାଥ : ତମେ ଜାଣିନ, ଚଉଦବର୍ଷରୁ କମ୍ ବୟସର ପିଲାଙ୍କୁ ଶ୍ରମିକ ଭାବରେ ଖଟାଇବା ଏକ ଅପରାଧ । ଆମଠାରୁ ସ୍ନେହ ଶ୍ରଦ୍ଧା ଦାବି କରୁଥିବା ବୟସର ପିଲାଙ୍କୁ ଶ୍ରମିକ ଭାବରେ କାମରେ ଲଗାଇବା, ତାଙ୍କୁ ଗାଳି ଫଜିତ୍ ଦେବା, ମାରଧର କରିବା ଅପରାଧ ନୁହେଁ ତ ଆଉ କ'ଣ ? ଏହାଦ୍ୱାରା ତୁମେ ଦେଶର ଆଇନ୍‌କୁ ଅମାନ୍ୟ କରିଛ ।

ଜଗୁ : ନାଇଁ ନାଇଁ......ମୁଁ ସେମିତି କାମ କରେନି । ଆପଣ ସେମିତି କୁହନ୍ତୁନି ।

ରଘୁନାଥ : ସାହୁଏ, ଆଇନ୍ ବାବଦରେ ଭଲଭାବରେ ଜାଣି ନ ଥିବାରୁ ତୁମେ ଏମିତି କହୁଛ । ଅଳ୍ପ ବୟସର ପିଲାଙ୍କୁ କାମରେ ଖଟେଇବା ପରା ଏକ ବେଆଇନ୍ କାମ । ତୁମ କାମର କୁଫଳ ବିଷୟରେ ତୁମେ ଜାଣିପାରୁନ । ଗୋଟେ ଫୁଟି ଆସୁଥିବା ଫୁଲ କଢ଼କୁ ଜବରଦସ୍ତ ଗଛରୁ ଛିଣ୍ଡେଇ ଗୋଡ଼ରେ ଦଳି ପକାଇବା ଯାହା, ଏ ଛୋଟପିଲାଙ୍କୁ ପାଠ ପଢ଼ିବାର ସୁଯୋଗ ନ ଦେଇ ଶ୍ରମିକ ଭାବରେ କାମରେ ଲଗାଇବା ସେଇଆ ।

ଜଗୁ : ମୁଁ କ'ଣ ଛାଁକୁ ତାକୁ କାମରେ ଲଗାଇଲି ? ତା' ବାପ ମୋତେ କୁହାବୋଲା କରିବାରୁ ସିନା ଏ ଟୋକାକୁ ମୁଁ କାମ ଦେଇଛି ।

ରଘୁନାଥ : ଜାଣିଚ ସାହୁଏ, ଦାମ ଗୋଛେଇତର ଏ ପିଲାଟି ରତନା, ପାଠପଢ଼ାରେ ବିଚକ୍ଷଣ । ସପ୍ତମ ଶ୍ରେଣୀ ପରୀକ୍ଷାରେ ସାରା ଜିଲ୍ଲାରେ ଫାଷ୍ଟ୍ ହୋଇଥିଲା । ତା'ପରେ ତା'ର କ'ଣ ହେଲା କେଜାଣି ସେ ଆଉ ସ୍କୁଲକୁ ଆସିଲାନି କି ଅଷ୍ଟମ ଶ୍ରେଣୀରେ ନାଁ ଲେଖାଇଲା ନାହିଁ । ଏ ପିଲାଟିର ସାଙ୍ଗପିଲାଙ୍କ ପାଖରୁ ଶୁଣିଥିଲି, ଏହାର ମା'ଟି କୁଆଡ଼େ ସାପ କାମୁଡ଼ାରେ ମରିଗଲା । ଦାମ ଗୋଛେଇତ ଯାକୁ ନେଇ ମାମୁଘରେ ଛାଡ଼ି ଦେଇଥିଲା, ଭାବିଥିଲି ପିଲାଟି ବୋଧହୁଏ ସେଠି ପଢ଼ାଶୁଣା କରୁଥିବ । କିନ୍ତୁ ଆଜି ରତନାକୁ ମୁଁ ତୁମ ଦୋକାନରେ ଦେଖୁଛି ।

ରତନା : ମାମୁ ମାଇଁ ବଡ଼ ଅଭାବୀ ଲୋକ । ସେଠାରେ ରହି ଚଳିବାରେ ଅସୁବିଧା ହେଲା । କେତେ ଦିନ ପରେ ବାପା ମତେ ସେଠୁ ନେଇଆସିଲେ । କିଛି ରୋଜଗାର ଆଶାରେ ବାପା ମତେ ଆଣି ଏଇଠି ସାହୁଙ୍କ ଦୋକାନରେ ରଖେଇ ଦେଇଛନ୍ତି। ମୁଁ ଆଉ କେମିତି ପାଠ ପଢ଼ିପାରିବି ସାର୍ ! ପୋଥିରେ ଜାଣନ୍ତୁ ଡୋରି ବନ୍ଧା ହେଲା । ମାଡ଼ ଗାଳି ଖାଇ ଏମିତି ପଡ଼ି ରହିବି, ଆଉ କୁଆଡ଼େ ଯିବି ?

ରଘୁନାଥ : ସେମିତି କହନାରେ ରତନା । ଏମିତି ଭାଙ୍ଗି ପଡ଼ନା, ତୋତେ କୁଆଡ଼େ ଯିବାକୁ ପଡ଼ିବନି । ତୁ ଆମରି ପାଖରେ ରହିବୁ, ପାଠ ପଢ଼ିବୁ । ଏଣିକି ତତେ କେହି ଗାଳିମନ୍ଦ ଦେବେନାହିଁ କି ମାରଧର କରିବେନି । ତୋ ନାଁ ପରା ରତନ, ତୁ ପାଠପଢ଼ି ସେହି ରତ୍ନର ସଂଧାନ କରିବୁ । ଆଉ ମନକଷ୍ଟ କରନା । ଆ ବାପା ମୋ ସାଙ୍ଗରେ ।



(ରତନାର ହାତ ଧରି ଦୋକାନ ବାରଣ୍ଡାରୁ ଯିବାକୁ ବାହାରିଲେ । ଏମିତି ଏକ ଘଟଣା ଦେଖି ଜଗୁ ସାହୁ ବିସ୍ମିତ ହେଉଥିଲା । ରତନା ଓ ରଘୁନାଥବାବୁ ରାସ୍ତାକୁ ବାହାରିବା ବେଳେ ଜଗୁ ସାହୁ ଡାକୁଥିଲା)

# ଦ୍ୱିତୀୟ ଦୃଶ୍ୟ

କିଛିଦିନ ପରେ......................

(ହରିପୁର ମାଇନର ସ୍କୁଲର ଅଫିସ୍ ଘର ସାମନା । ସେଠାରେ ବସିଛନ୍ତି ପ୍ରଧାନଶିକ୍ଷକ ରଘୁନାଥ ଦଳବେହେରା । ତାଙ୍କର ଗୋଟିଏ କଡ଼କୁ ଠିଆହୋଇଛି ରତନା ଓ ତା' ପାଖରେ ରତନାର ବାପା ଦାମ ଗୋଛେଇତ । ପ୍ରଧାନଶିକ୍ଷକ ଦାମ ଗୋଛେଇତଙ୍କ ଉଦ୍ଦେଶ୍ୟରେ କହୁଥିଲେ । ପାଖରେ ଗୋଟିଏ ଖାଲି ଚଉକି ପଡ଼ିଛି)

ରଘୁନାଥ : ରତନା ତ ଖୁବ୍ ଭଲ ପଢୁଛି, ବୃତ୍ତି ବି ପାଉଛି, ତୁମର ଆଉ ଅସୁବିଧା କ'ଣ ?

ଦାମ : ରତନାର ମା' ଚାଲିଯିବା ପରେ ମୋର ସବୁ ଉଜୁଡ଼ି ଯାଇଚି ଆଜ୍ଞା । ମୁଁ ଏକୁଟିଆ ଲୋକ, ସବୁ କାମକୁ ଏକା ଏକା ପାରୁନି । ମୁଁ କହୁଥିଲି କ'ଣ କି ମୁଁ ମୂଲପାଣିକି ଚାଲିଗଲା ପରେ ରତନା ଘରବାଡ଼ିକି ଟିକେ ଦେଖନ୍ତା. ଗାଈଗୋରୁଙ୍କ କଥା ବୁଝନ୍ତା, ବାଡ଼ିରେ ପନିପରିବା କରନ୍ତା ।

ରଘୁନାଥ : ରତନାକୁ ମୁଁ କହିଦେଉଛି, ଛୁଟି ଦିନମାନଙ୍କରେ ସେ ହଷ୍ଟେଲରୁ ଯାଇ ଘରକାମରେ ତୁମକୁ ସାହାଯ୍ୟ କରିବ ।

ଦାମ : କ'ଣ କରିବି ଆଜ୍ଞା, ପେଟ କଷ୍ଟକୁ ସହି ନ ପାରି ସିନା ମୁଁ ତାକୁ ଚା' ଦୋକାନରେ ଛାଡ଼ିଥିଲି, ନ ହେଲେ କୋଉ ବାପ ନ ଚାହେଁ ତା'ପୁଅଝିଅ ସୁଖରେ ରହନ୍ତୁ ବୋଲି, ପାଠ ପଢ଼ନ୍ତୁ ବୋଲି ।

ରଘୁନାଥ : ସେଇ କଥା ତ ମୁଁ କହୁଛି, ନିଜ ପିଲାର ସୁଖ ପାଇଁ ତୁମକୁ କିଛି ପରିମାଣରେ ଦୁଃଖ ଅବଶ୍ୟ ସହିବାକୁ ହେବ । ଏ କଞ୍ଚା ବୟସରେ ତାକୁ ଶ୍ରମିକ ଭଳି ଖଟାଇ ତା'ପ୍ରତିଭାକୁ ତୁମେ ହତାଦର କରନା । ଜାଣିଛନା ଦାମ, ହାଇସ୍କୁଲର ହେଡ୍‌ମାଷ୍ଟ୍ରେ ମତେ ପରା କାଲି କହୁଥିଲେ, ରତନା ଆମ ସ୍କୁଲର ନାଁ ରଖିବ । ପାଠପଢ଼ା, ଖେଳକୌତୁକ, ବକ୍ତୃତା ସବୁ କାମରେ ଆଗୁଆ । ତା'ପରି ପିଲା ଆମ ଖଣ୍ଡମଣ୍ଡଳରେ ନାହିଁ । ଆଉ ସେଥିରେ ପୁଣି ଗୋଛେଇତ ତୁମେ କହୁଚ କ'ଣ ନା ତା'ର ପଢ଼ା ବନ୍ଦ କରି ତାକୁ ଘରକୁ ନେଇଯିବ ! ତୁମେ ଏଥିରେ ବାଧା ଦିଅନା ଦାମ, ତାକୁ ଉଠିବାକୁ ଦିଅ । ତା'ନିକଟରେ ପ୍ରତିଭା ଅଛି, ପ୍ରଚେଷ୍ଟା ବି ଅଛି, ଆମେ ଖାଲି ସହଯୋଗ କରିବା । ଦୀପଟି ପ୍ରସ୍ତୁତ ହୋଇ ରହିଛି । ଆମେ କେବଳ ଅଗ୍ନି ସଂଯୋଗ କରିବା । ଫଳରେ ଶିଖା ପ୍ରଜ୍ୱଳିତ ହେବ । ଦୀପଶିଖାର ସେହି ଆଲୋକରେ ଖାଲି ଆମ ଅଞ୍ଚଳଟି ନୁହେଁ, ସାରା ଦେଶ ଆଲୋକିତ ହେବ ।

ଦାମ : ହଉ, ଆପଣଙ୍କର ଇଚ୍ଛା । ଜଗୁ ସାହୁର ଚାହା ଦୋକାନରୁ ଆପଣ ସେଦିନ ପିଲାଟାକୁ ନେଇଆସି ଏତେ ବାଟରେ ପହଞ୍ଚାଇଲେଣି । ଭଗବାନ୍ ଆପଣଙ୍କର ମଙ୍ଗଳ କରନ୍ତୁ । ଯେତେ କଷ୍ଟ ପଡୁ ପଛକେ ଆପଣଙ୍କ କଥା ମୁଁ ମାନି ନେଉଛି ।

(ଏତିକିବେଳେ ପହଞ୍ଚନ୍ତି ହାଇସ୍କୁଲର ହେଡମାଷ୍ଟର ସଦାନନ୍ଦ ମିଶ୍ର । ନିଜ ଆସନରୁ ଉଠିପଡ଼ି ରଘୁବାବୁ ତାଙ୍କୁ ପ୍ରଣାମ କରିଛନ୍ତି । ରତନା ଓ ଦାମ ମଧ୍ୟ ପ୍ରଣାମ କରିଛନ୍ତି । ରଘୁନାଥ ଜଗୁସାହୁଙ୍କୁ ଦୁଇଟି ଚାହା ପଠାଇବାକୁ କହିଛନ୍ତି ।



ସଦାନନ୍ଦ ସାର୍:(ରତନା ଉଦ୍ଦେଶ୍ୟରେ) ଆରେ, ତତେ ମୁଁ ଖୋଜୁଚି ସ୍କୁଲ୍ ସାରା । ତୁ ଏଇଠି ଅଛୁ ବୋଲି କେମିତି ଜାଣିବି ?

ରଘୁନାଥ : (ବସିବା ପାଇଁ ସଦାନନ୍ଦଙ୍କୁ ଅନୁରୋଧ କରି) ସାର୍ ବସନ୍ତୁ । ମୁଁ ରତନାର ବାପାକୁ ଡକେଇଥିଲି, ସେ ଆସିଥିଲେ । (ଦାମକୁ ଚିହ୍ନେଇ ଦେଲେ) ରତନା ଆଗକୁ ପଢ଼ିବ କି ନ ପଢ଼ିବ ସେ ବିଷୟରେ ସିଦ୍ଧାନ୍ତ ନିଆଯିବାର ଥିଲା । ସେଇଥିପାଇଁ ରତନାକୁ ମଧ୍ୟ ମୁଁ ଏଠିକୁ ଡକାଇଥିଲି ।

ସଦାନନ୍ଦ : (ବିସ୍ମିତ ହୋଇ) କାହିଁକି, ନୀଳରତନ ଆଉ ନ ପଢୁ ବୋଲି କ'ଣ ତା ବାପା ଚାହୁଁଛନ୍ତି ?

ରଘୁନାଥ : ପୁଅକୁ ପାଠ ପଢ଼ାଇବା ପାଇଁ ତା'ବାପା ପାଖରେ ସମ୍ବଳ ନାହିଁ। କିନ୍ତୁ ମୁଁ ତାଙ୍କୁ ସବୁ ବିଷୟ ବୁଝେଇ ଦେଇଛି। ଏବେ ସେ ପୁଅକୁ ଅଧିକ ପଢ଼ାଇବା ପାଇଁ ଆମ ପ୍ରସ୍ତାବରେ ରାଜି ହୋଇଗଲେଣି ।

ସଦାନନ୍ଦ : ଖୁବ୍ ଭଲକଥା । (ରଘୁବାବୁ ଓ ଦାମ ଗୋଛେଇତଙ୍କୁ ଚାହିଁ) ଖବରଟା ଶୁଣି ଆପଣ ଦୁହେଁ ଖୁସି ହେବେ, ଏଇଲାଗେ ଉପର ମହଲରୁ ଖବରଟା ଆସି ପହଞ୍ଚିଲା ।

ରଘୁନାଥ : କେଉଁ ଖବର ସାର୍ !

ସଦାନନ୍ଦ : କିଛିଦିନ ତଳେ ମଧୁପୁର ହାଇସ୍କୁଲରେ ଯେଉଁ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ହୋଇଥିଲା, ସେଥିରେ ଆମ ନୀଳରତନର ପ୍ରୋଜେକ୍ଟ ଫାଷ୍ଟ୍ ହୋଇଛି । କିଛି ଦିନ ପରେ ସେ ଭୁବନେଶ୍ୱର ଯିବ । ରାଜ୍ୟପାଳଙ୍କ ଠାରୁ ପୁରସ୍କାର ଆଣିବ ।

ରଘୁନାଥ : ଏ ତ ଖୁବ୍ ଭଲ ଖବର ସାର୍ । ନୀଳରତନ ଆମ ଅଞ୍ଚଳର ନାଁ ରଖିଲା । ସ୍କୁଲର ମୁହଁ ଉଜ୍ଜ୍ୱଳ କଲା । (ଦାମକୁ ଚାହିଁ) କ'ଣ ଗୋଛେଇତେ, ଏ ଖବର ଶୁଣି ତୁମେ କ'ଣ ଖୁସି ହେଉନା ?

ଦାମ : ଖୁବ୍ ଖୁସି ହେଉଛି ଆଜ୍ଞା ! ଏତ ସବୁ ଆପଣମାନଙ୍କର ସାହାଯ୍ୟ ଓ କଲ୍ୟାଣର ଫଳ । ଆପଣମାନଙ୍କ ଋଣ ଏ ଜନ୍ମରେ ଶୁଝି ପାରିବିନାହିଁ ।

ସଦାନନ୍ଦ : ନା ଗୋଛେଇତେ । ସେମିତି କୁହନା । ଏଥିରେ ଋଣ ଦବା ନବାର କଥା ନାହିଁ । ଆମେ କେବଳ ଆମର କର୍ତ୍ତବ୍ୟ କରିଛୁ । ନୀଳରତନ ପାଖରେ ପ୍ରତିଭା ଅଛି । ଦୁଃଖ କଷ୍ଟ ଭିତରେ ସେ ଭାଙ୍ଗି ପଡ଼ି ନାହିଁ, କଠିନ ପରିଶ୍ରମ କରିବା ସହିତ ନିଜର ଉଦ୍ୟମ ଜାରି ରଖିଛି, ପାଠ ସେ ଭଲ କରୁଛି ବୋଲି ତ ସରକାର ତାକୁ ବୃତ୍ତି ଦେଉଛନ୍ତି ।

ଦାମ : ଏ ସବୁ ଆପଣଙ୍କ ଦୟାର ଫଳ ଆଜ୍ଞା । ମୋ ପୁଅ ଉପରେ ଆପଣମାନଙ୍କ ଦୟା ସବୁଦିନେ ରହିଥାଉ ।

ସଦାନନ୍ଦ : ନୀଳରତନ ଖାଲି ତୁମର ପୁଅ ନୁହେଁ । ସିଏ ମାଇନର ସ୍କୁଲର ହେଡ଼ସାର୍ ଏହି ରଘୁବାବୁଙ୍କର ପୁଅ, ମୋରି ପୁଅ । ସେ ଆମ ମାଟିର ଗୌରବ । ମୋର ବିଶ୍ୱାସ, ସେ ଆହୁରି ଆହୁରି ନାଁ କରିବ । ଆମ ସମସ୍ତଙ୍କର ନାଁ ରଖିବ । ସେ ଆଗେଇ ଚାଲୁ । ଫୁଟିବାକୁ ଯାଉଥିବା ଗୋଟିଏ ସୁନ୍ଦର ଫୁଲକୁ ମାଡ଼ିମକଚି ନଷ୍ଟ କରି ଦିଆଯିବ କାହିଁକି ? ସେ ତା'ର ସୌରଭ ବିତରଣ କରୁ । (ଉଠି ଠିଆହେଲେ)

ରଘୁନାଥ : ଆପଣ ତରତର ଥିବା ପରି ଜଣା ପଡୁଛନ୍ତି । କୁଆଡ଼େ ବାହାରିଛନ୍ତି ନା କ'ଣ ?

ସଦାନନ୍ଦ : ନା ଅନ୍ୟ କୁଆଡ଼େ ନୁହେଁ, ସ୍କୁଲକୁ ଯିବାକୁ ପଡ଼ିବ । ଆଜି ଅପରାହ୍ଣରେ ଆମ ସ୍କୁଲରେ ଗୋଟିଏ ସଭାର ଆୟୋଜନ ହେଉଛି । ନୀଳରତନ ତା'ପ୍ରୋଜେକ୍ଟ 'ମଙ୍ଗଳ ଗ୍ରହରେ ବସତି ସ୍ଥାପନ' ସଂପର୍କରେ ସମସ୍ତଙ୍କୁ ବୁଝେଇବ । ସ୍କୁଲ ତରଫରୁ ତାକୁ ସମ୍ବର୍ଦ୍ଧନା ଦିଆଯିବ । ଆମ ଅଞ୍ଚଳର ଲୋକମାନଙ୍କୁ ଡକାଯାଇଛି । ନୀଳରତନ, ତୁ ଆ' ମୋ ସାଙ୍ଗରେ, ବିଜ୍ଞାନ ଶିକ୍ଷକ ଲଳିତ ସାର୍‌ଙ୍କ ସହିତ ପରାମର୍ଶ କରି ନିଜକୁ ଭଲଭାବରେ ପ୍ରସ୍ତୁତ କରିନେବୁ ।

(ରଘୁନାଥ ଓ ଦାମଙ୍କ ଉଦ୍ଦେଶ୍ୟରେ) ନୀଳରତନର ବାପା ତ ଏଠି ଅଛନ୍ତି । ତାଙ୍କୁ ମୋର ନିମନ୍ତ୍ରଣ ରହିଲା । ତାଙ୍କୁ ସାଙ୍ଗରେ ଧରି ରଘୁବାବୁ ଆପଣ ସଭାକୁ ଆସିବେ ନିଶ୍ଚୟ । (ସଦାନନ୍ଦ ଓ ନୀଳରତନ ବାହାରିଗଲେ)

ରଘୁନାଥ : ଦେଖିଲ ତ ଗୋଛେଇତେ, ଚାହା ଦୋକାନରେ ମାଡ଼ଗାଳି ଖାଇ ଖଟୁଥିବା ସେ ଦିନର ରତନା ଆଜି ଆମ ଅଞ୍ଚଳର ନୀଳରତନ । ସେ ଦିନେ ହେବ ଆମ ଦେଶର ଉଜ୍ଜ୍ୱଳ ମଣି । ସେ ମଣିର ତେଜ ଝଲସି ଉଠିବ । ଆମର ନୀଳରତନ ହେଉଛି ଏକ ଜ୍ୱଳନ୍ତ ଦୀପଶିଖା ।

(ଏତିକିବେଳେ ଜଗୁ ଚା' ଦି କପ ଧରି ପହଞ୍ଚିଛି)

ରଘୁନାଥ : ଦେଖିଲ ଜଗୁ, ତମେ ସେ ଦିନ ଯାହାକୁ ମାଡ଼ମାରୁଥିଲ, ସେ ଆଜି ଆମ ଅଞ୍ଚଳର ଗର୍ବ । ଦୀପଶିଖାଟିଏ ପରି ତା' ଆଲୋକରେ ଆମେ ସମସ୍ତେ ଆଲୋକିତ ।

ଜଗୁ : ଆଜ୍ଞା, କଥାରେ ଅଛି, ଗୁଣ ଚିହ୍ନେ ଗୁଣିଆ । ଆପଣ ସିନା ଗୁଣ ଚିହ୍ନିଲେ । ଆମେ ମୂର୍ଖମାନେ ଯଦି ବୁଝନ୍ତୁ ତେବେ ସତରେ ଦେଶ ବଦଳିଯାଆନ୍ତା ଆଜ୍ଞା ।

## କବି ପରିଚୟ

୧୯୫୨ ମସିହା ଅକ୍ଟୋବର ମାସ ୧୯ ତାରିଖରେ **ଡ. ବିଜୟକୁମାର ଶତପଥୀ**ଙ୍କ ଜନ୍ମ । ଜଣେ ପ୍ରସିଦ୍ଧ ନାଟ୍ୟକାର ହିସାବରେ ସେ ବେଶ୍ ଜଣାଶୁଣା । ତାଙ୍କଦ୍ୱାରା ରଚିତ ନାଟକ 'ବିଷାଦବୃତ୍ତର କାହାଣୀ' 'କର୍ଣ୍ଣ', 'ବିବର୍ଣ୍ଣ ସହର', 'କ୍ଷୁଧିତ ସରୀସୃପ', 'ଫସିଲର ନିଦ୍ରାଭଙ୍ଗ', 'କଂସର ଆତ୍ମା', 'ଶୋଣିତ ସ୍ୱାକ୍ଷର' ଓ 'ଏଇ ଯେ ସୂର୍ଯ୍ୟ ଉଏଁ' ଓଡ଼ିଆ ନାଟ୍ୟଜଗତକୁ ପରିପୁଷ୍ଟ କରିଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ☆ ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।
- ☆ ନାଟକର ସଂଳାପ କଥନଶୈଳୀ ଓ ଆବେଗଭିତ୍ତିକ ଅଭିନୟ ଶୈଳୀ ପ୍ରତି ପିଲାଙ୍କ ମନରେ ଆଗ୍ରହ ସୃଷ୍ଟି କରାଇବେ ।
- ☆ ଶିକ୍ଷା ପିଲାର ମୌଳିକ ଅଧିକାର ଓ ଏଥିରୁ ବଞ୍ଚିତ କରାଇବା ଆଇନତଃ ଅପରାଧ – ଏ ଧାରଣାପ୍ରତି ପିଲାଙ୍କୁ ସଚେତନ କରାଇବେ ।
- ☆ ପ୍ରତ୍ୟେକ ଶିଶୁ ନିକଟରେ କିଛି ସଦ୍‌ଗୁଣ ଅନ୍ତର୍ନିହିତ ଭାବରେ ଅଛି ଓ ଏହି ଗୁଣାବଳୀର ବିକାଶଦ୍ୱାରା ଶିଶୁର ଉନ୍ନତି ସମ୍ଭବ ତାହା ପିଲାଙ୍କୁ ବୁଝାଇବେ ।
- ☆ ବ୍ୟାକରଣର 'କ୍ରିୟା', 'କର୍ତ୍ତା', 'ପୁରୁଷ' ଓ 'ବୃଦ୍ଧି' ସଂପର୍କରେ ପିଲାଙ୍କୁ ଧାରଣା ଦେବେ ।

## ସୂଚନା

ଆଞ୍ଚ – ଜାଳେଣିର ଡହକରେ ଅଛ ଉଚ୍ଚକୁ ଉଠୁଥିବା ଅଗ୍ନିଶିଖା

ତାଗିଦ୍ – ଧମକ, ଆକଟ

କଡ଼ା ଭାଷା – କଠୋର ଭାଷା, ବାଧିଲା ପରି ଭାଷା

ଛେକେ – ଥରେ, ଥରକରେ, ମେଞ୍ଚାଏ

କଇଲାଣ – 'କଲ୍ୟାଣ'ର କଥିତ ରୂପ

ନିଘା – ନଜର, ଆଗ୍ରହ, ଇଚ୍ଛା

ଏଇଛୁଣିକା – ଏହିକ୍ଷଣି, ଏବେ

ଜର ଓହ୍ଲାଇବା – ଜର କମିବା, ଜର ଛାଡ଼ିବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ପହରେ | ହକ୍ | କଞ୍ଚାବୟସ | ସୌରଭ |
| ଦୂସୁରା | ବିଚକ୍ଷଣ | ସିଦ୍ଧାନ୍ତ | ଜ୍ୱଳନ୍ତ |

## ଅଭ୍ୟାସ

୧. **ଆସ କଥାବାର୍ତ୍ତା ହେବା ।**

କ) ରତନାର ବାପାଙ୍କ ନାଁ କ'ଣ ?

ଖ) ରତନା କାହା ଦୋକାନରେ ରହି କାମ କରୁଥିଲା ?

ଗ) ରତନା କାନ୍ଦିବାର କାରଣ କ'ଣ ?

ଘ) ରଘୁମାଷ୍ଟ୍ରେ କାହାପାଇଁ କ୍ଷୀର ନେବାକୁ ବରାଦ କରିଥିଲେ ?

ଙ) ଏ ପ୍ରସଙ୍ଗରେ ନୀଳରତନ କାହାକୁ କୁହାଯାଇଛି ?

୨. **ଏକାଙ୍କିକାଟିର ଦ୍ୱିତୀୟ ଦୃଶ୍ୟରେ ଥିବା ଯୁଗ୍ମଶବ୍ଦଗୁଡ଼ିକୁ ବାଛି ଲେଖିବା ।**

ଉ. ............. ............. ............. ............ ............

୩. **'ବକ୍‌ବକ୍' ଶବ୍ଦ ଭଳି ଆଉଗୁଡ଼ିଏ ଶବ୍ଦ ମନେପକାଇ ଲେଖିବା ।**

ଉ. ............ ........... ............ ............ ...........

୪. **(ମୁଁ) [ତୁମ] ସହିତ △ମାମୁ△ ଘରକୁ ଯିବି ।**

ଏଠାରେ 'ମୁଁ' ପଦଟି ପ୍ରଥମ ପୁରୁଷ, 'ତୁମ' ପଦଟି ଦ୍ୱିତୀୟ ପୁରୁଷ ଓ ମାମୁ ପଦଟି ତୃତୀୟ ପୁରୁଷ ଅଟେ । ଯେ କୌଣସି ନାମକୁ ବୁଝାଉଥିବା ପଦମଧ୍ୟ ତୃତୀୟ ପୁରୁଷ । ସେହିପରି ତଳ ବାକ୍ୟ ଗୁଡ଼ିକରେ ପ୍ରଥମ ପୁରୁଷରେ ଥିବା ପଦ ଚାରିପଟେ ◯ , ଦ୍ୱିତୀୟ ପୁରୁଷରେ ଥିବା ପଦ ଚାରିପଟେ ☐ ଓ ତୃତୀୟ ପୁରୁଷରେ ଥିବା ପଦଚାରିପଟେ △ ଚିହ୍ନ ଦେବା ।

କ) ମୁଁ ମୋ ଜନ୍ମଭୂମିକୁ ଭଲପାଏ ।

ଖ) ପଙ୍କଜବାବୁ ଜଣେ ନମ୍ରବ୍ୟକ୍ତି ।

ଗ) ଆପଣଙ୍କୁ ମୁଁ କିଛି କହିବି ।

ଘ) ତୁମେ କାହାକୁ ଖୋଜୁଛ ?

ଙ) ସେ କଦାପି ମିଛ କହେ ନାହିଁ ।

୫. **ଧୁଆଧୋଇ ସାରିକି ଯାଇ ଚୁଲିରେ ଚାହା ବସେଇବି ।**

ଏଠାରେ 'ବସିବା' କ୍ରିୟାପଦରୁ 'ବସେଇବା' ହୋଇଛି । ସେପରି ତଳ କ୍ରିୟାପଦଗୁଡ଼ିକ କ'ଣ ହେବ ଲେଖିବା ।

ଦେଖିବା .................................. ପଢ଼ିବା ........................................

ଖାଇବା.................................. ଖେଳିବା ......................................

ଉଠିବା .................................. ପିଇବା ......................................

ଶୁଣିବା .................................. ନାଚିବା ........................................

୬. **ଆପଣ ଦୟାକରି ଏଠାକୁ ଆସନ୍ତୁ ।**

**ମୁଁ କୋଣାର୍କ ମନ୍ଦିର ଦେଖିଛି ।**

**ଏଠାରେ ଆପଣ......ଆସନ୍ତୁ, ମୁଁ...... ଦେଖିଛି ଲେଖାଯାଇଛି । ସେପରି ତଳ ବାକ୍ୟଗୁଡ଼ିକରେ ଗାର ପଡ଼ିଥିବା ଶବ୍ଦକୁ ବଦଳାଇ ଠିକ୍ କରି ଲେଖିବା ।**

କ) ତୁମେ ଏ ପ୍ରଶ୍ନଟି ପଚାରିଲେ ।

ଉ. ........................................................................

ଖ) ପିଲାମାନେ ପଡ଼ିଆରେ ଖେଳୁଛି ।

ଉ. ........................................................................

ଗ) ଆମେମାନେ ଯାତ୍ରା ଦେଖିବାକୁ ଯିବି ।

ଉ. ........................................................................

ଘ) ସେମାନେ ମନ୍ତ୍ରୀଙ୍କୁ ଦେଖା କରିବାକୁ ଚାହିଁଲୁ ।

ଉ. ........................................................................

ଙ) ଶ୍ରୀତମ୍ ବାର୍ଷିକ ଉତ୍ସବରେ ପୁରସ୍କାର ପାଇଲୁ ।

ଉ. ........................................................................

୭. **'ଫୁଟିବା ' ଗୋଟିଏ କ୍ରିୟାପଦ । ଏହାକୁ ବିଭିନ୍ନ ଅର୍ଥରେ ବ୍ୟବହାର କରଯାଇପାରେ, ଯେପରି -**

ଗଛରେ ଫୁଲ ଫୁଟିଲା ।

ମୁହଁରେ ହସ ଫୁଟିଲା ।

ପୋଖରୀରେ ମାଛ ଫୁଟୁଛନ୍ତି ।

ଏସବୁ ଉକ୍ତିରେ 'ଫୁଟିବା' ଶବ୍ଦର ଅର୍ଥ ଅଲଗା ଅଲଗା ଏହାକୁ କ୍ରିୟାର 'ରୂଢ଼ି' ପ୍ରୟୋଗ କୁହାଯାଏ ।

ଏହି ପ୍ରସଙ୍ଗରେ ତିନୋଟି କ୍ରିୟାଯୁକ୍ତ 'ରୂଢ଼ି'ର ବ୍ୟବହାର ହୋଇଛି ।

ଯଥା - ନାଁ କରିବା, ନାଁ ରଖିବା, ମୁହଁ ଉଜ୍ଜ୍ୱଳ କରିବା ।

ଏଗୁଡ଼ିକର ଅର୍ଥ ଲେଖିବା ।

ଉ.

ଶିକ୍ଷକଙ୍କ ସହ ଆଲୋଚନା କରି ଏହିପରି ଆଉ କେତେକ କ୍ରିୟାଯୁକ୍ତ ରୂଢ଼ିର ଉଦାହରଣ ସଂଗ୍ରହ କରି ଲେଖିବା ।

୮. ଏହି କଥାଗୁଡ଼ିକ କିଏ କାହାକୁ କହିଛନ୍ତି ଲେଖିବା ।

(କ) ସରି ଆସିଲାଣି ବାବୁ, ସାରି ଦେଇକି ଯାଉଚି ।

ଉ. ..................................................................

(ଖ) ଏହା ଦ୍ୱାରା ତୁମେ ଦେଶର ଆଇନ୍‌କୁ ଅମାନ୍ୟ କରିଛ ।

ଉ. ..................................................................

(ଗ) ନାଇଁ ନାଇଁ ............ ମୁଁ ସେମିତି କାମ କରେନି । ଆପଣ ସେମିତି କୁହନ୍ତୁନି ।

ଉ. ..................................................................

(ଘ) ଆପଣମାନଙ୍କର ଋଣ ଏ ଜନ୍ମରେ ସୁଝି ପାରିବି ନାହିଁ ।

ଉ. ..................................................................

୯. ନିଜ ଭାଷାରେ ବୁଝାଇ ଲେଖିବା ।

ଦୀପଟି ପ୍ରସ୍ତୁତ ହୋଇ ରହିଛି । ଆମେ କେବଳ ଅଗ୍ନି ସଂଯୋଗ କରିବା । ଫଳରେ ଶିଖା ପ୍ରଜ୍ୱଳିତ ହେବ ।

ଉ.

୧୦. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।

(କ) ରତନା ଅନ୍ୟ ଦୋକାନରେ ରହି କାମ କରୁଥିଲା କାହିଁକି ?

ଉ. ..............................................................................................

(ଖ) ସେଦିନ ରତନା ସହଳ ଘରକୁ ଫେରିବାପାଇଁ କାହିଁକି କହୁଥିଲା ?

ଉ. ..............................................................................................

(ଗ) ଦାମ, ରତନାର ପଢ଼ା ବନ୍ଦ କରିଦେବାକୁ ଇଚ୍ଛା କରୁଥିଲେ କାହିଁକି ?

ଉ. ..............................................................................................

(ଘ) ଏ ଏକାଙ୍କିକାରେ କାହାକୁ 'ଦୀପଶିଖା' ବୋଲି କୁହାଯାଇଛି ?

ଉ. ..............................................................................................

(ଙ) ରତନା ସ୍ଥାନରେ ତୁମେ ନିଜେ ଥିଲେ କ'ଣ କରିଥାଆନ୍ତ ଲେଖ ।

ଉ. ..............................................................................................

୧୧. ତଳେ ଦିଆଯାଇଥିବା ବାକ୍ୟ ଓ ନିଜ ମନରୁ କିଛି ବାକ୍ୟ ନେଇ ଅନୁଚ୍ଛେଦଟିଏ ଲେଖିବା ।

(କ) ଧୁଆଧୋଇ ସାରିକି ଯାଇ ଚୁଲିରେ ଚାହା ବସେଇବି ।


(ଖ) ମତେ ଆଜି ଟିକେ ଚଞ୍ଚଳ ଛାଡ଼ିଦେବ ।

(ଗ) କୁଆଡ଼େ ଯାତରା ଦେଖିବାକୁ ଯିବୁ କି ?

(ଘ) କ'ଣ କରୁଥିବ କେଜାଣି ଏବେ !

(ଙ) ବେଶ୍ ତ ବନେଇ ଚୂନେଇ କଥା କହିପାରୁଛୁ ।

୧୨. ପାଖରେ ଥିବା ଗୋଲେଇ ଭିତରେ କେତେ ଜଣ ବ୍ୟକ୍ତିଙ୍କ ନାମ ରହିଛି । ଦିଆଯାଇଥିବା ଉକ୍ତିଗୁଡ଼ିକୁ ଯିଏ କହିଛନ୍ତି ତାଙ୍କ ନାମ ସହିତ ଗାର ଟାଣି ଯୋଡ଼ ।




## ତୁମପାଇଁ କାମ

୧. ଏହି ଏକାଙ୍କିକାଟିକୁ ଅଭିନୟ କର ।

୨. ଶିକ୍ଷକଙ୍କ ସାହାଯ୍ୟ ନେଇ ଆଉ କେତୋଟି ଏକାଙ୍କିକା ସଂଗ୍ରହ କରି ପଢ଼ ।

# ଦେଶ ବନ୍ଦନା

ତୁଙ୍ଗ ଶିଖରୀ ଚୂଳ, କୁଞ୍ଜ କାନନ ମାଳ,
ପୁଣ୍ୟ ଜଳଧି ଜଳ, ଖେଳି ଉଠେ ସଘନେ
ପ୍ରାଚୀଗଗନ ଶିରେ, ଭାସି କନକ ନୀରେ
ଆସ ତପନ ଉଇଁ ଏ ଉତ୍କଳଭୁବନେ ।।୦।।

ଆଜି କି ସରଗ ଛବି ରାଜେ ରୁଚିର,
କି ନବ ଜୀବନେ ଭରା କୋଟି ଅନ୍ତର,
କିବା ଏ ସମ୍ପଦ ଶିରୀ
ହୃଦେ ହୃଦେ ଆସେ ପୂରି
କି ପୁଲକ ଧାରା ଖେଳି ଆସେ କୋଟି ବଦନେ।। ୧ ।।

ଆହା ଏ ଉତ୍କଳ କିବା ସରଗ ଭୂମି
ବିଲବନ ଶୈଳ ସିନ୍ଧୁ ସୁଷମା ଘେନି
ଜନମି ଏ ଦେଶେ ଆଜି
ଏ ଜନନୀ କୋଳେ ରାଜି
ଧନ୍ୟ କୋଟି ନରନାରୀ ମର ନର ଜୀବନେ।। ୨ ।।

ରଚନା - ପଣ୍ଡିତ ଗୋଦାବରୀଶ ମିଶ୍ର

(ସମୂହଗାନପାଇଁ)